୬ ଓଡିଆଇ ସିରିଜ୍‌ରେ ଖେଳିବେ କୋହଲି-ରୋହିତ : ବିସିସିଆଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୩ ● ୧୧ ଜୁଲାଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-163 ● 11th July 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ସମାଜର ୪ଟି ପଛୁଆ ବର୍ଗର ଲୋକଙ୍କର ବିକାଶ କରାଯିବ

**ରାଞ୍ଚି, ୧୦।୭**




ସରକାର ସମସ୍ତଙ୍କ ନିକଟରେ ବିକାଶ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି। ସାମଗ୍ରିକ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି। ବ୍ୟାଙ୍କିଂ, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଉଛି। ସରକାର ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟର ଗରିବ ଲୋକଙ୍କୁ ଚିକିତ୍ସା ପାଇଁ ସହାୟତା ଦେଉଛନ୍ତି । ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଆୟୋଜିତ ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକରେ ଯୋଗଦେଇ ଭୁବନେଶ୍ୱର ଫେରିଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଣମାଧ୍ୟମର ପ୍ରତିନିଧିଙ୍କୁ ଏହି ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯେହେତୁ ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରୁଥିଲେ, ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ଅର୍ଥାତ ସଂପୂର୍ଣ୍ଣ ସମାପ୍ତ କରିବା ଲକ୍ଷ୍ୟ ରଖାଯାଇଥିବା କଥା ଦୋହରାଇଥିଲେ । ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗରୁ ମାଓବାଦୀଙ୍କୁ ମୂଳୋତ୍ପାଟନ କରାଯିବା ନେଇ ସେ ଜୋର ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ସମ୍ମିଳନୀରେ ରାଜ୍ୟବାସୀଙ୍କ ତରଫରୁ ଶ୍ରୀଅନ୍ନ ଯୋଜନା ଉପରେ ଓଡ଼ିଶାର ଭୂମିକା ନେଇ ଉପସ୍ଥାପନା କରାଯାଇଥିଲା। ମିଲେଟ ମିଶନ, ଏମ୍‌ଏସ୍‌ପି, ଇନ୍‌ପୁଟ ସହାୟତା (ଅଧିକ ୨୧୦ ଟଙ୍କା)। ଏକ୍ଷେତ୍ରରେ ଆମରକ୍ଷୀମାନେ କେମିତି ସ୍ୱାବଲମ୍ବୀ ହେବେ ସେନେଇ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ବିକଶିତ ଭାରତ-୨୦୪୭ ପୂରା କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସମାଜର ୪ଟି ପଛୁଆ ବର୍ଗର ଲୋକଙ୍କର ବିକାଶ କରାଯିବା ନେଇ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ବର୍ଷ ଓଡ଼ିଶାରେ ଇଷ୍ଟର୍ଣ୍ଣ ଜୋନାଲ କାଉନସିଲ ବୈଠକର ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବକୁ କେନ୍ଦ୍ର ମଧ୍ୟ ଅନୁମୋଦନ କରିବା ସହିତ ପୁରୀରେ ଆୟୋଜନ ପାଇଁ ପରାମର୍ଶ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଗୁରୁବାର ଝାଡ଼ଖଣ୍ଡର ରାଞ୍ଚିରେ ପୂର୍ବ କ୍ଷେତ୍ରୀୟ ପରିଷଦର ୨୭ତମ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ସଦସ୍ୟ ରାଜ୍ୟ ଗୁଡ଼ିକର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। *(ପୃଷ୍ଠା ୭ରେ)*

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ କଟକରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

**କଟକ, ୧୦।୭**
**ନ୍ୟୁଜ୍ ବ୍ୟୁରୋ**



ଆସନ୍ତା ୧୫ ତାରିଖରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ବେଳେ କଟକ ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେବା ନିର୍ଦ୍ଧାରିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଉକ୍ତ ସ୍ଥାନଗୁଡିକୁ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର- କଟକ ପୋଲିସ କମିଶନର, କଟକ ଜିଲ୍ଲାପାଳ ଓ କଟକ ସହରାଞ୍ଚଳ ଜିଲ୍ଲାର ଡିସିପିଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ରାହୁଲ ଗାନ୍ଧୀଙ୍କ ସୁରକ୍ଷାରେ ୫୩ ପ୍ଲାଟୁନ ପୋଲିସ ଫୋର୍ସ

**ଭୁବନେଶ୍ୱର, ୧୦।୭ : ନ୍ୟୁଜ୍ ବ୍ୟୁରୋ**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଓଡିଶା ଗସ୍ତରେ ଆସୁଥିବାରୁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଯେ ରାହୁଲ ଗାନ୍ଧୀଙ୍କ ସୁରକ୍ଷାରେ ୫୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ଭୁବନେଶ୍ୱର ଏୟାର ପୋର୍ଟରୁ ବରମୁଣ୍ଡା ପଡିଆ, କଂଗ୍ରେସ ଭବନ ଓ ମେ ଫେୟାରରେ କଡା ସୁରକ୍ଷା ବ୍ୟବସ୍ଥା କରାଯିବ। ସେଥିପାଇଁ ଗୁରୁବାର କମିଶନରେଟ ପୋଲିସ କାରକେଡ୍ ରିହଲସଲ କରିଛି। ୪ଜଣ ଡିସିପି ର୍‍ୟାଙ୍କର ଅଫିସର, ୧୦ଅତିରିକ୍ତ ଡିସିପି, ୨୪ଏସିପି, ୩୪ଆଇଆଇସି ଏବଂ ୭୦ଜଣ ଅନ୍ୟ ପୋଲିସ କର୍ମଚାରୀ ମାନେ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ରହିବେ । ରାହୁଲ ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମ ଲାଗି କିଛି ସମୟ ଟ୍ରାଫିକ କଟକଣା ରହିବ।

ସୂଚନାଯୋଗ୍ୟ ଯେ ଶୁକ୍ରବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଭୁବନେଶ୍ୱର ବରମୁଣ୍ଡା ପଡିଆରେ ପ୍ରଦେଶ କଂଗ୍ରେସ ପକ୍ଷରୁ ସମ୍ବିଧାନ ବଂଚାଅ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଯେଉଁଥିରେ ରାହୁଲ ଗାନ୍ଧୀ ଯୋଗଦେଇ *(ପୃଷ୍ଠା ୭ରେ)*

# ମନୋଜ ମହାନ୍ତି ହେଲେ ଓପିଏସସି ସଦସ୍ୟ

**ଭୁବନେଶ୍ୱର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ମହାନ୍ତିଙ୍କୁ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ୍ (ଓପିଏସସି) ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ମହାନ୍ତି ଏହି ପଦରେ ୬ବର୍ଷ ପାଇଁ କାର୍ଯ୍ୟ ତୁଲାଇବେ। ଏହି ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି

**ଭୁବନେଶ୍ୱର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି । ତୃତୀୟ ଦିନରେ ପହଞ୍ଚିଛି ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ । ପେଟ୍ରୋଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଏକ ପ୍ରକାର ଠପ୍ ହୋଇପଡିଛି । ଘରୋଇ ବସ୍ ଚଳାଚଳ କରୁନଥିବାରୁ ଯାତ୍ରୀମାନେ ଚରମ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘ ୬ ଦଫା ଦାବି ପୂରଣ ଜିଦରେ ଅଟଳ ରହିଛନ୍ତି। ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ମଧ୍ୟ ଆନ୍ଦୋଳନ ଜାରି ରହିଛି । ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଆଶା କରିଛନ୍ତି ଡ୍ରାଇଭର ସଂଘ । ଏଠାରେ ସୂଚନାଯୋଗ୍ୟ, ମୁଖ୍ୟତଃ ପୁଲିସକୁ ଗାଡ଼ି ଚେକିଂ କ୍ଷମତା ପ୍ରଦାନ ପ୍ରକ୍ରିୟାକୁ ବିରୋଧ, ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ଭାବେ ପାଳନ, ଗାଡ଼ି ପାର୍କିଂ ସ୍ଥାନରେ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ, ଡ୍ରାଇଭର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ ଆଦି ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଚାଲୁରହିଛି।

# ଦୁର୍ଘଟଣାରେ ବାପ ପୁଅଙ୍କ ସମେତ ୩ ମୃତ

**ପାତ୍ରପୁର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟ ତଥା ଜରଡ଼ା-ସାମନ୍ତରାପୁର ଗ୍ରାମ ମଧ୍ୟସ୍ଥଳୀ ଠାରେ ଗୋଟିଏ ବୁଲେଟ ଓ ଅନ୍ୟଟି ଯାଭା ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣକ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକମାନେ ହେଲେ ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ(୫୫) ଓ ତାଙ୍କ ପୁଅ ସୁନୀଲ ଗୌଡ (୨୫)। ସେହିଭଳି ଅନ୍ୟ ମୃତକ ଜଣକ ହେଲେ ବୈଦ୍ୟନାଥପୁର ଥାନା ଅଧୀନ ଗୁଇଲୁଣ୍ଡି ଅଞ୍ଚଳର ରାଜେଶ ପାଣିଗ୍ରାହୀ (୨୫)।

ରାଜେଶ ଓ ତାଙ୍କ ସାଙ୍ଗମାନେ ବାରହାପଥରକୁ ବଣଭୋଜି କରିବାକୁ ଯାଇଥିଲେ। ଫେରିବା *(ପୃଷ୍ଠା ୭ରେ)*



## ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୭ : ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଦଉ ଗୌଡ଼, ସୁନୀଲ କୁମାର ଗୌଡ଼ ଓ ରାଜେଶ ପାଣିଗ୍ରାହୀଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

# ରାଜ୍ୟରେ ଯଥେଷ୍ଟ ପରିମାଣରେ ଖାଦ୍ୟ ମହଜୁଦ ଅଛି

**ଭୁବନେଶ୍ୱର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ଡ୍ରାଇଭର ମହାସଂଘ ଆନ୍ଦୋଳନ ବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ସମସ୍ୟା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଲୋକମାନେ ପାନିକ୍ ହୁଅନ୍ତୁ ନାହିଁ ବୋଲି ଅପିଲ କରିଛନ୍ତି ଯୋଗାଣ ମନ୍ତ୍ରୀ । ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଯଥେଷ୍ଟ ପରିମାଣରେ ଖାଦ୍ୟ ମହଜୁଦ ଅଛି। ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ମହଜୁଦ ଅଛି । ତେଣୁ ଖାଦ୍ୟର କୌଣସି ଅଭାବ ନାହିଁ। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ।



ସେ କହିଛନ୍ତି ଯେ, ରାଜ୍ୟର ବଳକା ଚାଉଳ ଏଫସିଆଇ ନେବ। ସେ କହିଛନ୍ତି ବଳକା ୧୫ ଲକ୍ଷ ମେଟ୍ରିକ ଟନ ଚାଉଳ ନେବାକୁ ଏଫସିଆଇ ସହମତି ପ୍ରକାଶ କରିଛି। କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ ଆଲୋଚନା ପରେ ସେ ଏଫସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ସରକାର ୯୪ ଲକ୍ଷ ମେଟ୍ରିକ ଟନ ଧାନ କିଣିଛନ୍ତି । ଯେଉଁଥିରୁ ୬୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ହେବ। ରାଜ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ ଚାଉଳ ଆବଶ୍ୟକତା ରହିଛି। ବାକି ୨୪ ଲକ୍ଷ ମେଟ୍ରିକ ଟନ ଚାଉଳ ଏଫସିଆଇ ନେଇଥାଏ। ଏଥର ବଳକା ୧୫ ଲକ୍ଷ ମେଟ୍ରିକ ଟନ ଚାଉଳ ଏଫସିଆଇ ଉଠେଇବ। ଆଗରୁ ପ୍ରତି ମାସ ୧.୫ ଲକ୍ଷ ମେଟ୍ରିକ ଟନ ଚାଉଳ ନେଉଥିଲା ଏଫସିଆଇ। ଏଣିକି ପ୍ରତି ମାସ ୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବ ବୋଲି ମନ୍ତ୍ରୀ କହିଛନ୍ତି।

# ୧୨ରେ ଓଡ଼ିଶା ଫେରିବେ ନବୀନ

**ଭୁବନେଶ୍ୱର, ୧୦।୭ : ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇରେ ସଫଳ ଅସ୍ତ୍ରୋପଚାର ପରେ ସୁସ୍ଥ ହେଉଛନ୍ତି। ଆସନ୍ତା ୧୨ ତାରିଖରେ ଶ୍ରୀ ପଟ୍ଟନାୟକ ଓଡ଼ିଶା ଫେରିବେ ବୋଲି ନିର୍ଦ୍ଧାରିତ ହୋଇଛି। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ୧୨ ତାରିଖ ଅପରାହ୍ଣ ୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ।

ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ପଟ୍ଟନାୟକ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଗତ ୭ ତାରିଖ ଦିନ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ



ଡିସଚାର୍ଜ ହୋଇଛନ୍ତି । ଚିକିତ୍ସାରେ ଉତ୍ସର୍ଗୀକୃତ ସେବା ପାଇଁ ସେ ହସ୍ପିଟାଲର ସମସ୍ତ ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି । ଏଥିସହ ଓଡ଼ିଶାବାସୀ, ଶୁଭେଚ୍ଛୁଙ୍କ ସମେତ ସମସ୍ତଙ୍କ ଶୁଭେଚ୍ଛା ବାର୍ତ୍ତା ଓ ମଙ୍ଗଳ କାମନା ପାଇଁ ସେ କୃତଜ୍ଞତା ଜଣାଇଛନ୍ତି ।

## ଆଇସିଏଆର-ସିଫାଠାରେ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଆୟୋଜିତ

# ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟର ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ

**ଭୁବନେଶ୍ୱର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ପ୍ରତିଷ୍ଠାନ (ସିଫା) ପରିସରରେ ଗୁରୁବାର ଜାତୀୟ ମତ୍ସ୍ୟ ଚାଷୀ ଦିବସ ୨୦୨୫ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭାରତ ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଯୋଗ ଦେଇ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟରକୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହାସହିତ ସାରା ଦେଶରେ ମୋଟ ମତ୍ସ୍ୟଚାଷ କ୍ଲଷ୍ଟର ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଏହା ବ୍ୟତୀତ, କେନ୍ଦ୍ରମନ୍ତ୍ରୀ ୧୧ଟି ରାଜ୍ୟରେ ୧୦୫ କୋଟି ଟଙ୍କା ବିନିମୟରେ ୭୦ଟି ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହା ବ୍ୟତୀତ, କେନ୍ଦ୍ର ମନ୍ତ୍ରୀ ମତ୍ସ୍ୟଚାଷ କ୍ଷେତ୍ରରେ ଗୁଣବତ୍ତା, ମାନକୀକରଣ ଏବଂ କ୍ଷମତା ନିର୍ମାଣ ସୁନିଶ୍ଚିତ କରିବା ପାଇଁ ଆଇସିଏଆର ତାଲିମ କ୍ୟାଲେଣ୍ଡର ପ୍ରକାଶନ କରିଛନ୍ତି । ସେହିପରି ସେ ବିହନ ପ୍ରମାଣୀକରଣ ଏବଂ ହ୍ୟାଚେରୀ କାର୍ଯ୍ୟ ଉପରେ ମାର୍ଗଦର୍ଶିକା ଉନ୍ମୋଚନ ସମେତ ପ୍ରମୁଖ ମତ୍ସ୍ୟଚାଷ ପଦକ୍ଷେପର ଏକ ଶୃଙ୍ଖଳା ଆରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପାରମ୍ପରିକ ମତ୍ସ୍ୟଚାଷୀ, ସମବାୟ/ଏଫଏଫପିଓ, କେସିସି କାର୍ଡଧାରକ ଏବଂ ପ୍ରତିଶ୍ରୁତିବଦ୍ଧ ମତ୍ସ୍ୟଚାଷ ଷ୍ଟାର୍ଟ-ଅପ୍ ସମେତ ମତ୍ସ୍ୟଚାଷ ହିତାଧିକାରୀଙ୍କୁ ମଧ୍ୟ ସମ୍ମାନିତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ପ୍ରଦୀପ ପ୍ରଜ୍ୱଳନ କରି ଜାତୀୟ *(ପୃଷ୍ଠା ୭ରେ)*

# ଲାଞ୍ଚ ମାମଲାରେ ସିବିଆଇ ଜାଲରେ ଏମସିଏଲ୍ ଚିଫ୍ ମ୍ୟାନେଜର

**ଭୁବନେଶ୍ୱର, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

୨୦ ହଜାର ଟଙ୍କା ଲାଞ୍ଚ ନେବା ମାମଲାରେ ଗିରଫ ହୋଇଛନ୍ତି । ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ (ଏମସିଏଲ୍)ର ସୁନ୍ଦରଗଡ଼ ଜିଲ୍ଲା ବସୁନ୍ଧରା କ୍ଷେତ୍ର ମୁଖ୍ୟ ପ୍ରବନ୍ଧକ (ଖଣି) ଅଖିଳେଶ ବର୍ମା। ସିବିଆଇ ଦ୍ୱାରା ଗିରଫ ପରେ ଜେଲ୍ ଯାଇଛନ୍ତି। ସେ ୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ରହିବେ। ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୯ତାରିଖରେ ହେବ।

ସୂଚନାଯୋଗ୍ୟ, ଅଖିଳେଶ ବର୍ମା। ଗତକାଲି ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ସିବିଆଇ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଆନ୍ଦୋଳନ ବନ୍ଦ ହୁଏନି
ଅଟଳ ଚାଳକ ସଂଘ
ଶୁଣିଲେ ନେତା କଥା ସବୁ ତାଙ୍କ
ତେବେହେବ କିଛି ରଙ୍ଗ
ଜନଜୀବନଠୁ ଛାଡଇ ରଙ୍ଗ
ପ୍ରଗତିର ରଥ ଅଟକି ଯାଉଛି
କଣ ହେବରେ ସାଙ୍ଗ।

# ବର୍ଦ୍ଧିତ ତାପମାତ୍ରା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି



**ନୂଆଦିଲ୍ଲୀ, ୧୦।୭**

ଜଳବାୟୁ ପରିବର୍ତ୍ତନ ବିଶ୍ୱସ୍ତରରେ ପ୍ରମୁଖ ସମସ୍ୟା ପାଲଟିଛି । କିନ୍ତୁ ଏହାର ପ୍ରଭାବରେ ସ୍ଥାନୀୟସ୍ତରରେ ସମସ୍ୟା ହେଉଛି । ବାୟୁମଣ୍ଡଳ ତାପମାତ୍ରା ବଢୁଛି ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଏହା ଫଳରେ ହିଟ୍ ୱେଭର ବ୍ୟାପକତା ବଢୁଛି । ଏଥିପାଇଁ ରାତିର ତାପମାତ୍ରା ବଢୁଛି। ଯାହା ଫଳରେ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି । ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି । ଗୋଟିଏ ଡିଗ୍ରୀ ତାପମାତ୍ରା ବଢିଲେ ସାତ ପ୍ରତିଶତ ଆର୍ଦ୍ରତା ବଢୁଛି । ତେଣୁ ଅଧିକ ସ୍ୱାସ୍ଥ୍ୟ ଖରାପ ହେଉଛି ମଣିଷ ସହ ପଶୁପକ୍ଷୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି।

ଉତ୍ତର ବଙ୍ଗୋପସାଗରରେ ଅଧିକ ଲଘୁଚାପ ସୃଷ୍ଟି ହେଉଛି । ଚଳିତ ସିଜିନରେ ଅଧିକ ୩୫ ପ୍ରତିଶତ ବର୍ଷା ହୋଇଛି । ଜୁଲାଇ ମାସରେ ଏଯାଏ ୭୦ ପ୍ରତିଶତରୁ ଅଧିକ ବର୍ଷା ରେକର୍ଡ ହେଲାଣି । ସେପଟେ ଆରବ ସାଗରରେ ବାତ୍ୟା ବଢୁଛି । ବାତ୍ୟା ଏବେ ଧୀରେ ଗତି କରୁଛି । ପୂର୍ବରୁ ବାତ୍ୟା ଉପକୂଳ ଅତିକ୍ରମ କରିବାକୁ ୩ ଘଣ୍ଟା ଲାଗୁଥିଲା। କିନ୍ତୁ ଏବେ ୬ ଘଣ୍ଟା ଲାଗୁଛି। ଉପକୂଳ ଅଞ୍ଚଳରେ କ୍ଷତି ହେଉଛି ଅତି ପ୍ରବଳ ବର୍ଷା, ସାମୁଦ୍ରିକ ଜୁଆର ଓ ପବନ ଉପକୂଳ ଅଞ୍ଚଳରେ *(ପୃଷ୍ଠା ୭ରେ)*

# ରାଜ୍ୟରେ ବଢିଲା ବ୍ଲାର୍ଡ ଫ୍ଲୁ ଭୟ

**ପୁରୀ, ୧୦।୭**
**ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ଡରାଇଲାଣି ବାର୍ଡ ଫ୍ଲୁ ଭୟ। ଡେଲାଙ୍ଗ ଅଞ୍ଚଳରେ ବର୍ତ୍ତମାନ ଦେଖାଦେଇଛି କୁକୁଡ଼ା ମଡ଼କ । ଏନେଇ ଚାଷୀ ଚିନ୍ତାରେ ପଡିଥିବା ବେଳେ ଛାନିଆଁ ହୋଇପଡିଛନ୍ତି ସ୍ଥାନୀୟ ବାସିନ୍ଦା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ କହିବା ଅନୁସାରେ ଡେଲାଙ୍ଗ ଅଞ୍ଚଳରେ ପ୍ରାୟ ୩ ହଜାର କୁକୁଡ଼ା ମରିଛନ୍ତି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିଛନ୍ତି । ଏପରିକି ଫାର୍ମ ମାଲିକ ଏବଂ ଫାର୍ମରେ କାମ କରୁଥିବା



କର୍ମଚାରୀଙ୍କ ଘରକୁ ଯାଇ ଟିମ୍ ଥଣ୍ଡା ଜ୍ୱର ରୋଗୀଙ୍କ ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭେଟେରିନାରୀ ବିଭାଗ ରିପୋର୍ଟ ଦେବା ପରେ ଏହା ବାର୍ଡ ଫ୍ଲୁ କି ନୁହେଁ ତାହା ସ୍ପଷ୍ଟ ଜଣାପଡିବ। କିଛି ମାସେ ତଳେ ପୁରୀ ଜିଲା ଡେଲାଙ୍ଗ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜୁଲାଇ ୨୦୨୫ ଶୁକ୍ରବାର





# ହସ୍ତଶିଳ୍ପରୁ ଲକ୍ଷପତି ଦିଦି:ଧାନ ଓ ପନିପରିବା ଚାଷ ମାଧ୍ୟମରେ ଆର୍ଥିକ ସଶକ୍ତ ହେଲେ କୁସୁମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଆକାଂକ୍ଷୀ ଜିଲ୍ଲା କନ୍ଧମାଳର ପବିଙ୍ଗିଆ ଗ୍ରାମର କନ୍ଧ ଜନଜାତିର ୪୩ ବର୍ଷୀୟା କୁସୁମ କନ୍ହର ନିଜର ପାରମ୍ପରିକ କାଠ ଖେଳନା ତିଆରି ସହିତ ଧାନ ଓ ପନିପରିବା ଚାଷ ମାଧ୍ୟମରେ ନିଜ ପାଇଁ ଗଢି ତୋଳିଛନ୍ତି ଏକ ସ୍ଥାୟୀ ଏବଂ ଆର୍ଥିକ ଭାବେ ସଶକ୍ତ ଜୀବନ । ସମୟ ଥିଲା ଯେବେ କୁସୁମ ସ୍ୱଳ୍ପ ଜମି ଓ ନିୟମିତ ଆୟ ଅଭାବରେ ପରିବାରର ଭରଣ ପୋଷଣ ତଥା ନିଜ ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ସୃଷ୍ଟି କରିବା ପାଇଁ ସଂଘର୍ଷ କରୁଥିଲେ । କିନ୍ତୁ ତାଙ୍କ ପାଖେ ଥିଲା ପାରମ୍ପରିକ ଜ୍ଞାନ କୌଶଳରେ ପାରମ୍ପରିକ କାଠ ତିଆରି ଖେଳନା ପ୍ରସ୍ତୁତ କରିବାର ଲୁକ୍କାୟିତ କଳା । ପ୍ରାରମ୍ଭରେ ସମୟ ଅତିବାହିତ କରିବା ପାଇଁ ପ୍ରସ୍ତୁତ କରୁଥିବା ଏହି କାର୍ଯ୍ୟ ଏବେ ପଶୁ, ଗ୍ରାମୀଣ ଜୀବନ ଓ ଆଦିବାସୀ ସଂସ୍କୃତିର ପରିଚିତ୍ରଣ କରୁଥିବା ହସ୍ତଶିଳ୍ପ ଉଦ୍ୟୋଗରେ ପରିଣତ ହୋଇଛି ତାଙ୍କର ଏକ ଜୀବନ ଜୀବିକାର ଉତ୍ସ ପାଲଟିଛି । ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ଆବର୍ତ୍ତନ ପାଣ୍ଠି ଏବଂ ସୁଭଦ୍ରା ଯୋଜନାର ସହାୟତାରେ ସେ ତାଙ୍କର ଏହି ଉଦ୍ୟୋଗକୁ ବିସ୍ତାରିତ କରିଛନ୍ତି । ଏଥିସହିତ ଧାନ ଚାଷ ଓ ପନିପରିବା ଉତ୍ପାଦନ ଏବଂ ତାହାର ବିକ୍ରୟ ମାଧ୍ୟମରେ ସେ ନିଜ ପାଇଁ ଏକ ବହୁମୁଖୀ ତଥା ସ୍ଥାୟୀ ଆୟର ଉତ୍ସ ସୃଷ୍ଟି କରିଛନ୍ତି । ଆଜି ତାଙ୍କର ବାର୍ଷିକ ଆୟ ୨.୫ ଲକ୍ଷ ଟଙ୍କାରେ ପହଞ୍ଚିଛି, ଯାହା ଏକ ଅସାଧାରଣ ଉପଲବ୍ଧି । କିନ୍ତୁ କୁସୁମଙ୍କ ପ୍ରଭାବ ତାଙ୍କ ନିଜ ଘର ପରିବାର ପର୍ଯ୍ୟନ୍ତ ସୀମିତ ନୁହେଁ । ସାମୂହିକ ଉନ୍ନତିକୁ ଦୃଷ୍ଟିରେ ରଖି, ସେ ନିଜ ଗାଁର ଅନ୍ୟ



ଛଅ ଜଣ ମହିଳାଙ୍କୁ ମଧ୍ୟ ଜୀବନ ଜୀବିକା ଯୋଗାଇ ଦେଇଛନ୍ତି, ସେମାନଙ୍କୁ ଖେଳନା ତିଆରି ଶିଖାଇ ଏକ ସ୍ଥାନୀୟ ସଂସ୍କୃତି-ଭିତ୍ତିକ ଉଦ୍ୟୋଗ ଗଠନ କରିଛନ୍ତି । ସେମାନେ ସ୍ଥାନୀୟ ବଜାରରେ ବିକ୍ରୟ ପାଇଁ ଖେଳନା ପ୍ରସ୍ତୁତ କରିବା ସହ ପ୍ରଦର୍ଶନୀ ଓ ମେଳାରେ ମଧ୍ୟ ଭାଗ ନିଅନ୍ତି, ଯେଉଁଠାରେ ସେମାନଙ୍କର ସୃଜନ, ଆଦିବାସୀ କଳା ଓ ସଶକ୍ତିକରଣର ପ୍ରତୀକ ଭାବେ ପ୍ରଶଂସିତ ହୁଏ । ନିଜ କାର୍ଯ୍ୟରୁ ପ୍ରାପ୍ତ ଆୟରେ କୁସୁମ ଏକ ପକ୍କା ଘର ତୋଳିଛନ୍ତି ଓ ନିଜ ସନ୍ତାନଙ୍କୁ ଉଚ୍ଚ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି, ଦୁଇ ଜଣ ଏବେ ମହାବିଦ୍ୟାଳୟରେ ପଢୁଛନ୍ତି ଏବଂ ସବୁଠାରୁ କନିଷ୍ଠ ଏବେ ବିଦ୍ୟାଳୟରେ ଅଧ୍ୟୟନରତ । ତାଙ୍କର ଏହି ଅଭୂତପୂର୍ବ ଯାତ୍ରା ଦର୍ଶାଏ ଯେ ପାରମ୍ପରିକ ଦକ୍ଷତା, ସମୟାନୁଯାୟୀ ଆର୍ଥିକ ସହାୟତା ଓ ବଜାର ସଂଯୋଗୀକରଣ ପ୍ରକୃତ ଆର୍ଥିକ ଉନ୍ନତି ସାଧନ କରିପାରେ । ଜଣେ ଲକ୍ଷପତି ଦିଦି ଭାବେ, କୁସୁମ ନିଜ ଜନଜାତିର ସାଂସ୍କୃତିକ ପରିଚୟ ସଂରକ୍ଷଣ କରୁଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ଜୀବିକାର ସୁଯୋଗ ସୃଷ୍ଟି କରୁଛନ୍ତି । ତାଙ୍କର ସଫଳତା ଏକ ଜ୍ୱଳନ୍ତ ଉଦାହରଣ ଯେ କିପରି ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ସଶକ୍ତ ହେଲେ ସେମାନଙ୍କ ମାଧ୍ୟମରେ ସାମାଜିକ-ଆର୍ଥିକ ପରିବର୍ତ୍ତନ ସୃଷ୍ଟି ହୋଇପାରିବ।

# ବୈତରଣୀ ନଦୀରୁ ବନ୍ୟାପାଣି ନିଷ୍କାସନରେ ବାଧକ ସାଜିଛି ପୂର୍ଣ୍ଣିମା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଉପରମୁଣ୍ଡରେ ଲଗାଣବର୍ଷା ଯୋଗୁ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଉପରମୁଣ୍ଡରୁ ଆସୁଥିବା ସମସ୍ତ ବନ୍ୟାପାଣି ତଳମୁଣ୍ଡରେ ଅର୍ଥାତ ଆରଡି ସମେତ ଆଖପାଖ ଓଳଗ, ସୁନ୍ଦରପୁର, ଦୋହରାପାଟଣା, ପାଳଟପୁର, ମୁଆଁ, ଶୀତଳପୁର ଆଦି ଅଞ୍ଚଳ ଦେଇ ଧାମାରା ମୁହାଣ ସମୁଦ୍ରକୁ ନିଷ୍କାସନ ହୋଇଥାଏ। ହେଲେ ବୈତରଣୀ ନଦୀରେ ପ୍ରବାହିତ ହେଉଥିବା ବନ୍ୟାଜଳ ନିଷ୍କାସନରେ ବାଧକ ସାଜିଛି ପୂର୍ଣ୍ଣିମା ଜୁଆର। ଫଳରେ ବୈତରଣୀ ଓ ତାର ଶାଖା ନଦୀ ସାଳନ୍ଦୀ ନଦୀ ଉଛୁଳିବା ସହ ବିଭିନ୍ନ ଏସ୍କେପ୍ ଓ ନଈଯୋର ଦେଇ ଶହ ଶହ ଏକର ଚାଷଜମିକୁ ମାଡି ଚାଲିଛି ବନ୍ୟା ପାଣି। ଗତ ୪ ଦିନ ହେଲା ବୋଡକ, ସାଠିବାଙ୍କୁଡା, ଅମୃତମଣି, ମୁଆଁ, ସନ୍ତରା ଆଦି ତଳିଆ ଅଞ୍ଚଳର ଶହ ଶହ ଏକର ସାରଦ ଧାନତଳି ବନ୍ୟାପାଣିରେ ବୁଡି ରହିଛି। ଉକ୍ତ ଅଞ୍ଚଳର ଚାଷୀମାନେ ଧାରକରଜ କରି ବିଭିନ୍ନ କିସମର ବିହନ କିଣି ଧାନତଳି ପକାଇଥିଲେ। ଚାଷ ଆରମ୍ଭରୁ ଲଗାଣବର୍ଷା। ଏବେ ବନ୍ୟାପାଣି ଜମି ରହିବା ଫଳରେ ଧାନତଳି ସଢିଯିବାକୁ ବସିଛି। କ୍ଷେତରେ ଏପରି ଅବସ୍ଥା ଦେଖି ଚାଷୀ ଏବେ ଚିନ୍ତାରେ।

# ୬ ଜୁଆଡ଼ି ଗିରଫ, ଟଙ୍କା ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଟାଉନଥାନା ପକ୍ଷରୁ ଧୋବାସାହି ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଚଢଉ କରାଯାଇଛି । ଏହି ଜୁଆ ଆଡ୍ଡାରୁ ୧୫ ଶହ ଟଙ୍କା ଜବତ କରାଯିବା ସହ ୬ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ରାତ୍ର ପ୍ରାୟ ୮ଟା ସମୟରେ ଜୟପୁର ଟାଉନ ପୋଲିସ ଧୋବାସାହି ଅଞ୍ଚଳରେ ଜୁଆଖେଳ ଚାଲିଥିବା ଖବରପାଇ ପହଞ୍ଚିଥିଲା। ସେଠାରୁ ଟଙ୍କା ଜବତ କରିବା ସହ ୬ ଜଣ ଜୁଆଡିଙ୍କୁ ଥାନାରେ ଅଟକ ରଖିଛି ପୋଲିସ।

# ମହିଳା ସମିତି ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମୌସୁମୀ ଜନିତ ଲଗାଣ ବର୍ଷା ଯୋଗୁଁ ବିଶେଷ ଭାବରେ ପ୍ରଭାବିତ ବରଗଡ଼ ସହରର ୱାର୍ଡ ୧, ଗଳି ନମ୍ବର ୧୦, ଜୀରା ନଦୀ କୂଳରେ ବସବାସ କରୁଥିବା ଗରିବ ଶ୍ରେଣୀ ପରିବାରଙ୍କୁ ବରଗଡ଼ ମହିଳା ସମିତି ପକ୍ଷରୁ ରିଲିଫ ବଣ୍ଟନ କରାଯାଇଥିଲା । ସମିତିର ଏକ ପ୍ରତିନିଧି ଦଳ ଜୀରା ନଦୀ ବନ୍ୟା ଜଳରେ ପ୍ରଭାବିତ ପ୍ରତ୍ୟେକ ଘରକୁ ଯାଇ ସେମାନଙ୍କ ଦୁଃସ୍ଥିତି ଦେଖିବା ସାଙ୍ଗକୁ ତାଙ୍କ ସମସ୍ୟା ପଚାରି ବୁଝିଥିଲେ । ସେଗୁଡିକର ସମାଧାନ ପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟିକୁ ଅଣାଯିବ ବୋଲି ସମିତି ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା । ଏହାପରେ ବନ୍ୟା ପ୍ରଭାବିତ ପ୍ରାୟ ୩୦ଟି ପରିବାରକୁ ଜରୁରୀ ଖାଦ୍ୟ ସାମଗ୍ରୀ ରିଲିଫ ବଣ୍ଟନ କରାଯାଇଥିଲା । ସମିତିର ସଭାନେତ୍ରୀ ଅଞ୍ଜନା ଦାସ, ସମ୍ପାଦିକା ସୁଧାଂଶୁବାଳା ଦାଶ ଓ କୋଷାଧ୍ୟକ୍ଷା ମମତା ମିଶ୍ରଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ଦଳକୁ ଅଙ୍ଗନୱାଡ଼ି ଦିଦି ପଙ୍କଜିନି ମେହେର ସହଯୋଗ କରିଥିଲେ । ସମିତିର ସଭ୍ୟା ବୃନ୍ଦ କନକ, ଦିବ୍ୟକାନ୍ତି, ମନ୍ଦାକିନୀ, ବିନୋଦିନୀ, ପ୍ରତିମା, ଜୟଗିତା, ହରଜିନ୍ଦର, ସୁଜାତା, ସଂଗୀତା, ଜୟନ୍ତୀ, ସୁମିତ୍ରା, ସବିତା, ଇନ୍ଦ୍ରାଣୀ, ବାସନ୍ତୀ, ଭାରତୀ, ଅନୀମା, ପ୍ରତିମା, ଶୈବଳିନି, ରାଧାରାଣୀ, ପ୍ରଣତି, ରୀନୁ, ମୀନା, କମଳିନୀ ପ୍ରମୁଖ ସାମିଲ ହୋଇଥିଲେ ।

# ନିମ୍ନମାନର ଡ୍ରେନ୍ ନିର୍ମାଣର ପ୍ରତିବାଦ:ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ସେଣ୍ଡପୁର ଭାୟା ଦୋବଲ ରାସ୍ତାଟି ଦୁଇ ବର୍ଷ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏ ଯାଏ କାମ ସରୁନି। ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ୯ କୋଟି ଟଙ୍କା ମଞ୍ଜୁରୀ ହୋଇ କାମ ଆରମ୍ଭ ହୋଇଛି। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମନମୁଖୀ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି। ଦୋବଲ୍ ବସ୍‌ଷ୍ଟାଣ୍ଡ ବଜାର ଓ କାଳୀ ପଡ଼ିଆ ଘୋସରା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ୍ ଡ୍ରେନ୍‌ର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। କାମଟି ଅତ୍ୟନ୍ତ ନିମ୍ନମାନର ହୋଇଛି। ଡ୍ରେନ୍‌ୱାଲ୍‌ରେ ରଡ୍ ବାଇଣ୍ଡି ଠିକ୍ କରାଯାଇନାହିଁ। କଂକ୍ରିଟ୍‌ର ଅନୁପାତ ମଧ୍ୟ କମ୍ ରହୁଛି। କାଳୀବଜାରରୁ ଦୋବଲ୍ ବଜାର ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ସହ ଡ୍ରେନ୍ ନିର୍ମାଣ ଲାଗି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର୍ ଆହ୍ୱାନ୍ ହୋଇଥିଲା। ବହୁ ବାଦ ବିବାଦ ପରେ ଠିକାଦାର ପ୍ରଥମେ ଡ୍ରେନ୍ ନିର୍ମାଣ କରିଥିଲେ। ଡ୍ରେନ୍‌ର ଦୁଇ ପାଖର ୱାଲ୍ ୮ ଇଞ୍ଚ ରହିବା କଥା। ହାଟବଜାର ଷ୍ଟ୍ରେଚରେ ୮ ଇଞ୍ଚ ରହିଛି। ସେଟ୍ରିଂ ଯୋଗୁଁ କାଁ ଭାଁ ୮ ଇଞ୍ଚ ହୋଇଛି। ହେଲେ ଡ୍ରେନ୍‌ର ୱାଲ୍‌ରେ ପ୍ରତି ୬ ଇଞ୍ଚ ବ୍ୟବଧାନରେ ମେନ୍ ବାର୍ ଛିଡ଼ା ହେବା କଥା ଓ ପ୍ରତି ୮ ଇଞ୍ଚରେ ଡିଷ୍ଟ୍ରିବ୍ୟୁସନ୍ ବାର୍ ଦେବା କଥା। ହେଲେ ଠିକାଦାର ମନଇଚ୍ଛା ବାର୍ ବାଇଣ୍ଡିଂ ସିଡ୍ୟୁଲ୍ ବା ରଡବାଇଣ୍ଡି କରୁଛନ୍ତି। କେଉଁଠି ୧୦ ଇଞ୍ଚ ତ କେଉଁଠି ୧ ଫୁଟ୍ ଦୂରରେ ରଡ ଛିଡ଼ା କରିଛନ୍ତି। ଫଳରେ ଡ୍ରେନ୍ କାମ ଅତି ନିମ୍ନମାନର ହୋଇଛି। ଯେଉଁ ଡ୍ରେନ୍ କାମ ହୋଇଛି ଘୋଡ଼ାଗଣ୍ଡ ନାଳ ଠାରୁ ଦୋବଲ୍ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଅଧିକାଂଶ ଜାଗାରେ ଡାଙ୍କୁଣି ପକାଯାଇନଥିବାରୁ ବ୍ୟବସାୟରେ ବାଧାପ୍ରାପ୍ତ ହେଉଛି ଦୋକାନୀ ଭାଇମାନେ ବେପାର କରିପାରୁ ନାହାନ୍ତି। ଦୀର୍ଘ ଦିନପରେ ବୁଧବାର ଦିନ ଦୋବଲ ହାଟ ନିକଟରୁ ରାସ୍ତା କାର୍ଯ୍ୟ ଆରମ୍ଭ ବେଳେ ସ୍ଥାନୀୟ ଲୋକମାନେ ବନ୍ଦ କରିଛନ୍ତି। ସୂଚନା ଥାଉକି ଉକ୍ତ ବଜାରର ଦୁଇ ପାଖରେ ଜବରଦଖଲ ଥିବାବେଳେ ପ୍ରଶାସନ ତରଫରୁ ମାପ କରାଯାଇ କାର୍ଯ୍ୟ ପାଇଁ ନିଷ୍ପତି ହୋଇଥିଲା। ମାତ୍ର ଏବେ ରାସ୍ତା କାର୍ଯ୍ୟ ଆରମ୍ଭ ବେଳେ ଠିକାଦାର ଚିହ୍ନଟ ସ୍ଥାନରୁ କଂକ୍ରିଟ ନକରି ନିଜ ଇଛାରେ କାମ କରୁଥିଲେ ଫଳରେ ସ୍ଥାନୀୟ ଲୋକ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାମ କରାଯିବା ସହ ଜବର ଦଖଲ ହଟାଇ କାମ କରିବାକୁ ଦାବି କରିଥିଲେ । ଦୀର୍ଘ ସମୟ ହୋହାଲା ପରେ ଠିକାଦାର ବାଧ୍ୟ ହୋଇ କାମ ବନ୍ଦ କରିଥିଲେ । ସୂଚନା ଥାଉକି କୋଟି କୋଟି ଟଙ୍କାର କାମ ଚାଲୁଥିବା ବେଳେ କାମ ପାଖରେ ବିଭାଗୀୟ ଅଧିକାରୀ ମାନେ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ତେବେ ସମସ୍ୟାର ସମାଧାନ ପରେ କାର୍ଯ୍ୟ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ ପାଣି କହିଛନ୍ତି ।

# ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଚାଷ ଜମିରୁ ଜଳ ନିଷ୍କାସନରେ ବାଧା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବାରୁ କେନ୍ଦ୍ରାପଡା ଜିଲ୍ଲାର ପଞ୍ଚୁପାଣ୍ଡବ ଠାରୁ ମଶାକଣି ପର୍ଯ୍ୟନ୍ତ ଜାତୀୟ ରାଜପଥ କଡରେ ଥିବା କରନାଳୀ, ନାଳ ଓ ଡ୍ରେନ୍ ବନ୍ଦ ହୋଇଯାଇଥିବାରୁ ଚାଷଜମି ଗୁଡିକରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଯାହାଫଳରେ ହଜାର ହଜାର ଏକର ଚାଷ ଜମି ନଷ୍ଟ ହେବା ସହ ଚାଷୀମାନେ ଚାଷ କରିନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ବିଧାୟକ ଗଣେଶ୍ୱର ବେହେରା ଜାତୀୟ ରାଜପଥର ଛତା, ଦୁହୁରିଆ, ଓଲଡି, ଛଗରିଆ, ଶ୍ୟାମସୁନ୍ଦରପୁର ଆଦି ଅଞ୍ଚଳ ପରିଦର୍ଶନ କରି ଜାତୀୟ ରାଜପଥର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଜଳ ନିଷ୍କାସନ କରିବା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ ପଥ ଅବରୋଧ କରିଥିବା ମାଟି ଉଠାଇ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ଆଲୋଚନା ସମୟରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ସ୍ଥାନୀୟ ସରପଞ୍ଚ ଓ ଅଞ୍ଜନା ପଲାଇଙ୍କ ସହ ବହୁ ସଂଖ୍ୟକ ଚାଷୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ରାଜ ଦାଣ୍ଡ ପ୍ରଶସ୍ତୀକରଣ ପାଇଁ ଜବରଦଖଲ ଉଚ୍ଛେଦ ନିମନ୍ତେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ରଥ ଯାତ୍ରାରେ ଚଳିତ ବର୍ଷ ମହା ପ୍ରଭୁଙ୍କ ନୂତନ ଭବ୍ୟ ରଥ ନିର୍ମାଣ କରାଯାଇ ଥିବା ବେଳେ ରାଜ ଦାଣ୍ଡ ରାସ୍ତା ଅଣ ଓସରିଆ ଯୋଗୁ ଚଳିତ ଘୋଷ ଯାତ୍ରା ଓ ବାହୁଡ଼ା ରଥ ଯାତ୍ରା ବିଭ୍ରାନ୍ତି ଦେଖାଇଥିବା ନେଇ ଆଲୋଚନା ଚାଲିଛି । ଅନେକ ଜନ ସାଧାରଣ ଚଳିତ ବର୍ଷ ରଥ ନିର୍ମାଣ ଅତ୍ୟଧିକ ବଡ ଆକାରର ହୋଇଥିବା ଯୋଗୁଁ ରାଜଦାଣ୍ଡରେ ରଥ ଅଘଟଣ ସବୁ ଦେଖା ଦେଇଛି ବୋଲି କହୁଥିବା ବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଭବ୍ୟ ରଥ ନିର୍ମାଣ କରାଯାଇଥିବା ଦେବୋତ୍ତର ମାର୍ଗଦର୍ଶିକା କମିଟି ପକ୍ଷରୁ କୁହାଯାଉଛି ବୋଲି ପୂର୍ତ୍ତ ବିଭାଗ ଏସ୍‌ଡିଓ ଶ୍ରୀ ପାତ୍ର ମତ ଦେଇଛନ୍ତି। ଅନ୍ୟ ପଟେ ଚଳିତ ବର୍ଷ ରଥ ଅଘଟଣ ନେଇ ନନ୍ଦପୁର ଦେବୋତ୍ତର ମାର୍ଗଦର୍ଶିକା କମିଟିର ଏକ ପ୍ରତିନିଧି ଦଳ ନନ୍ଦପୁରରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଭେଟି ରାଜ ଦାଣ୍ଡ ଜବର ଦଖଲ ଉଚ୍ଛେଦ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି । ତେବେ ଚଳିତ ବର୍ଷ ଦେଖା ଦେଇଥିବା ରଥ ଅଘଟଣ ପରେ ରାଜ ଦାଣ୍ଡ ପ୍ରଶସ୍ତିକରଣ ନେଇ ଚର୍ଚ୍ଚା ଯୋର୍ ଧରିଛି। ଚଳିତ ବର୍ଷ ହୋଇଥିବା ରଥ ଅଘଟଣ ପରେ ୫୬୮ ବର୍ଷ ଧରି ନନ୍ଦପୁରର ଐତିହ ସମ୍ପନ୍ନ ରଥଯାତ୍ରାର ଉପଲକ୍ଷି ସମୂହକୁ ନେଇ ମାର୍ଗଦର୍ଶିକା କମିଟି ପକ୍ଷରୁ ରାଜ ଦାଣ୍ଡ ପ୍ରଶସ୍ତିକରଣ ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଦେଶବ୍ୟାପୀ ୯୦ ଦିନ ପାଇଁ ମଧ୍ୟସ୍ଥତା କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ଆଇନ୍ ସେବା ପ୍ରାଧିକରଣ, ମଧ୍ୟସ୍ଥତା ଏବଂ ମିଳାମିଶା ପ୍ରକଳ୍ପ କମିଟି ଏବଂ ଭାରତର ସର୍ବୋଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ କ୍ରମେ ଦେଶବ୍ୟାପୀ ୯୦ ଦିନ ବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମର ଶୁଭାରମ ହୋଇଯାଇଛି । ଯାହାକି ତା୧.୭.୨୦୨୫ରିଖ ରୁ ତା ୩୧.୭.୨୦୨୫ରିଖ ପର୍ଯ୍ୟନ୍ତ ସମସ୍ତ କଟକ ଜିଲ୍ଲା କୋର୍ଟ ତଥା କଟକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ତାଲୁକ କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଉକ୍ତ ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟରେ କୋର୍ଟରେ ବିଚାରାଧିନ ଥିବା ସମସ୍ତ ଘରୋଇ ହିଂସା, ଦୁର୍ଘଟଣା ଜନିତ ମକୋଦ୍ଦମା, ଘରୋଇ ହିଂସା, ଚେକ୍ ବାଉନ୍ସ କେସ୍, ରଫାଯୋଗ୍ୟ ଫୌଜଦାରୀ ମକୋଦ୍ଦମା, ବାଣିଜ୍ୟିକ ମକୋଦ୍ଦମା, ସେବା ମାମଲା, ସମସ୍ତ ଦେୱାନୀ ମକୋଦ୍ଦମାର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇ ପାରିବ ଯାହା ଜନସାଧାରଣଙ୍କର ସମୟ ଏବଂ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା କରିଥାଏ । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ମାଧ୍ୟମରେ ସମସ୍ତ ବିଚାରାଧିନ ମାମଲାର ସମାଧାନ କରିବା ।

# ଯୁବକଙ୍କ ବଦାନ୍ୟତା:ଲକ୍ଷାଧିକ ଟଙ୍କା ପାଇ ଫେରାଇଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଏବେବି ବଞ୍ଚିଛି ମାନବିତା । ଲକ୍ଷାଧିକ ଟଙ୍କା ପାଇ ଫେରାଇ ଦେଇ ବେଶ୍ ଖୁସି ଅନୁଭବ କରୁଛନ୍ତି ମାହାଙ୍ଗା ଅଞ୍ଚଳର ବବ୍‌ଲୁ କୁମାର। ବବ୍‌ଲୁ ପୁରୀରୁ ବସ୍‌ରେ ଆସୁଥିବା ବେଳେ ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଛତିଆ ନିକଟରେ ବସ୍‌ରୁ ଓହ୍ଲାଇବା ସମୟରେ ଏକ ବ୍ୟାଗ୍‌କୁ ଭୁଲ୍ ବଶତଃ ସାଙ୍ଗରେ ନେଇଆସିଥିଲେ । ପରେ ଏହି ବ୍ୟାଗ୍ ଭିତରେ ଲକ୍ଷାଧିକ ଟଙ୍କା ଓ ବହୁ ଆବଶ୍ୟକୀୟ କାଗଜପତ୍ର ଥିବା ଜାଣିବାକୁ ପାଇ ସେ ନିକଟସ୍ଥ ଶାରଳା ହୋଟେଲ୍ ମାଲିକ ହରିହର ରଥଙ୍କୁ ଜଣାଇଥିଲେ । ପରେ କାଗଜପତ୍ରକୁ ଦେଖି ଅଜୟ ଦାସଙ୍କୁ ଯୋଗଯୋଗ କରାଯାଇଥିଲା । ଅଜୟ ନିଜର ପରିଚୟ ଓ ସଠିକ୍ ପ୍ରମାଣ ପତ୍ର ଦେଇ ଟଙ୍କା ବ୍ୟାଗ୍ ନେଇଥିବା ବେଳେ ବବ୍‌ଲୁର ଏହି ମହାନତା ପାଇଁ ଅଜୟ ତାଙ୍କୁ ସାଧୁବାଦ ଜଣାଇଥିଲେ ।

# ଚଳଚ୍ଚିତ୍ର ମାଧ୍ୟମରେ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା ଅନୁଯାୟୀ ପୂର୍ବ ଘୋଷିତ ଆନ୍ଦୋଳନ ନାମକ ଚଳଚ୍ଚିତ୍ର ସୁଟିଂ କାର୍ଯ୍ୟ ପାଇଁ ବାରିପଦା ସ୍ଥିତ ମାଆ କୀଚକେଶ୍ୱରୀ ଓ ମାଆ ଅମ୍ବିକା ମନ୍ଦିରରେ ପୂଜାର୍ଚ୍ଚନା ହୋଇ ଚଳଚ୍ଚିତ୍ରର ଶୁଭ ମହୁରତ ହୋଇଯାଇଛି । ଏହି ଅବସରରେ ଚଳଚ୍ଚିତ୍ର ଲେଖକ ସୋମନାଥ ସାହୁ, ନିର୍ଦ୍ଦେଶକ ରାଜା ମିଶ୍ର, ସହ ନିର୍ଦ୍ଦେଶକ ଦୀପକ ହେମ୍ବ୍ରମ, ଭଞ୍ଜସେନା ପକ୍ଷରୁ ସଂଜୀବ ରାଉତ, ପିଣ୍ଟୁ ମାଇତି ରାକେଶ ବେହେରା, ରବୀନ ମହାନ୍ତି, ରାକେଶ ମହାନ୍ତି, ଜ୍ୟୋତିରଞ୍ଜନ ପୃଷ୍ଟି, ସୂର୍ଯ୍ୟବର୍ଦ୍ଧନ ସିଂଦେଓ, ଏସ.କେ. ରାଜା ଖାନ ପ୍ରମୁଖ ଯୋଗଦେଇ ଶିମିଳିପାଳ ସୁରକ୍ଷା ଏବଂ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ନେଇ ଭଞ୍ଜସେନା ତରଫରୁ କରାଯାଇଥିବା ଆନ୍ଦୋଳନକୁ ନେଇ ଏହି ଚଳଚ୍ଚିତ୍ର ଆନ୍ଦୋଳନ ପ୍ରସ୍ତୁତ ହେଉଥିବାରୁ ସାଧୁବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମ୍ୟୁଜିକ୍‌ରେ ରାଜା ମିଶ୍ର ସହିତ କୁନା ମାହାନା, କ୍ୟାମେରାମ୍ୟାନ୍ ସରୋଜ ଏବଂ ସହ କ୍ୟାମେରାମ୍ୟାନ ତପନ ମହାପାତ୍ର, ବିଜେନ୍ଦ୍ର (ମୁନା), ନୃତ୍ୟ ସହଯୋଗୀ ପ୍ରଶାନ୍ତ ଦାସ ଙ୍କ ସହିତ କଳାକାର ତାପସ ପାଢୀ, ସରୋଜ କୁମାର, ଲକ୍ଷ୍ମଣ ସୋରେନ, ପ୍ରୟାସ ଶତପଥୀ, ଅନ୍ନଦା ଶଙ୍କର ଦାସ, ବିଜେନ୍ଦ୍ର ରାଉତ, ଗକୁଳ ଚନ୍ଦ୍ର ଦାସ, ସତ୍ୟନାରାୟଣ ଦଶବାବୁ, କାବୁ ତ୍ରିପାଠୀ, ଖୁସି କୁମାର, ନିକିତା ମହାନ୍ତି, ରାଜେନ୍ଦ୍ର ସାହୁ, ଅସିତ ଗିରି, ବବିତା ଦାସବାବୁ, ଦଶରଥ ସିଂ, ମଲ୍ଲୀ ହେମ୍ବ୍ରମ, ଶିଶୁ କଳାକାର ଅଙ୍କିତା ସହିତ ବିଭିନ୍ନ କଳାକାର ସହିତ ଟେକ୍‌ନିସିଆନ୍ ମାନେ ଉପସ୍ଥିତ ଥିଲେ। ଏହାର ସୁଟିଂ କାର୍ଯ୍ୟ ଚଳିତ ଜୁଲାଇ ୧୧ ତାରିଖ ଠାରୁ ଆରମ୍ଭ ହୋଇ ଆଗାମୀ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଦିନ ରିଲିଜ୍ କରାଯିବାର ସ୍ଥିରିକୃତ ହୋଇଛି । ପ୍ରସାନ୍ତ ଦାସ, ପଙ୍କଜ କାରଣ, ମୁକ୍ତି ପରିଡା, ସଞ୍ଜୟ ମହାନା, ସଞ୍ଜୟ ମହାନ୍ତ, ଶୁଭମ ସିଂ, ସୁନୀଲ ମହାପାତ୍ର, ଜିତୁ ସିଂ, ଦୀପକ କୁମାର ବେହେରା, ଗୌରାଙ୍ଗ ଘଡେଇ, ଗୌରବ ବେହେରା, ରାକେଶ ଆଚାର୍ଯ୍ୟ, ସୌମ୍ୟରଞ୍ଜନ ଦାଶବାବୁ, ରୁଦ୍ର ପଟ୍ଟନାୟକ, ସମ୍ପଦ ପୃଷ୍ଟି, ସତ୍ୟ ପୃଷ୍ଟି, ଆକାଶ ବାରିକ, ଶମ୍ଭୁ ଗୋପାଳ, ସଂଗ୍ରାମ ସେଠି ପ୍ରମୂଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ପକ୍ଷରୁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କର ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୩ ରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏବଂ ଜୁଲାଇ ୮ରେ ସଂପନ୍ନ ହୋଇଛି । ମାଷ୍ଟର ଟ୍ରେନର ବିରମିତ୍ରପୁର ଓ ରାଉରକେଲା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରଛନ୍ତି । ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଭୟ ନିର୍ବାଚନ ମଣ୍ଡଳୀର ୪୯୮ ବିଏଲ୍ଓ ପ୍ରଶିକ୍ଷଣ ନେଇଛନ୍ତି । ନିର୍ବାଚନରେ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ଅଧିକାରୀ ମାନଙ୍କୁ ବିଏଲ୍ଓର ଭୂମିକା, ଘରେ ଘରେ ବୁଲି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ଫର୍ମ ୬, ୭, ୮ ପୂରଣ କରିବା, ବିଏଲ୍ଓ ଆପ୍ ସହିତ ଭୋଟର ହେଲ୍ପ ଲାଇନ୍‌ର ବ୍ୟବହାର କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷଣ ପ୍ରଦାନ ପରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଥିଲା । ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟ ନୀରିକ୍ଷଣ କରିଥିଲେ ।

# ଅନାଥ ଶିଶୁମାନଙ୍କ ସର୍ଭେ ନିମନ୍ତେ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ପିତୃମାତୃହୀନ ଓ ଏକକ ଅଭିଭାବକ ଶିଶୁ ମାନଙ୍କର ଜିଲ୍ଲାସ୍ତରୀୟ ସର୍ଭେ ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଭାରତୀ ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ଏହାର ସର୍ବଶେଷ ତଥ୍ୟ ପ୍ରଶିକ୍ଷଣ (ପିପିଟି) ମାଧ୍ୟମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ୍ରମେ ସମଗ୍ର ଓଡ଼ିଶାରେ ଆସନ୍ତା ୧୧ ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅଙ୍ଗନୱାଡୀ କର୍ମୀ ନିଜ ନିଜ ଅଞ୍ଚଳର ଏହି ତଥ୍ୟ ସଂଗ୍ରହ କରି ବ୍ଲକ ଓ ଜିଲ୍ଲାସ୍ତରୀୟକୁ ପଠାଇବେ। ଆଗାମୀ ଦିନରେ ଏହିଭଳି ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ୍ କରାଯାଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ୍ କରାଯିବା ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପଦକ୍ଷେପ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିର୍ଭୁଲ୍ ଭୋଟର ତାଲିକା ପ୍ରକାଶନ ଉପରେ ଗୁରୁତ୍ୱ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ମହାରାଜା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ୬୫- ସୋନପୁର ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀ ଓ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିରୀକ୍ଷକ ମାନଙ୍କ ପ୍ରଥମ ବ୍ୟାଚ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସୌମ୍ୟାରୂପା ରଥ, ଉପ-ଜିଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଧିକାରୀ, ୬୫- ସୋନପୁର ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ନିର୍ଭୁଲ୍ ଭୋଟର ତାଲିକା ପ୍ରକାଶନ ଉପରେ ଗୁରୁତ୍ୱ ପ୍ରଦାନ ନିମନ୍ତେ ପ୍ରକାଶ କରି ବିଶେଷ ଯତ୍ନବାନ ହେବାକୁ ଉପସ୍ଥିତ ସମସ୍ତ ମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀ ଓ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିରୀକ୍ଷକ ମାନଙ୍କୁ ଜଣାଇଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୀକେଶନ ପ୍ରଧାନ ସହ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଧିକାରୀ, ସୋନପୁର, ସତ୍ୟ ସୁନ୍ଦର ରାଉତ, ଅତିରିକ୍ତ ଉପଜିଲ୍ଲାପାଳ ଅଜିତ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଅଧିକାରୀ, ନିର୍ବାଚନ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯୋଗେଶ୍ୱର ଧାରୁଆ, ଅତିରିକ୍ତ ତହସିଲଦାର, ସୋନପୁର ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଶ୍ରୀ ନୀଳାମ୍ବର ଶତପଥୀ, ବରିଷ୍ଠ ରାଜସ୍ୱ ସହାୟକ, ନିର୍ବାଚନ ବିଭାଗ ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଦିଲ୍ଲୀ ଆଇଆଇଆଇଡ଼ିଏମ୍‌ରୁ ତାଲିମ୍ ପ୍ରାପ୍ତ ଗୀତାଞ୍ଜଳି ଦରୁଆନ୍, ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିରୀକ୍ଷକ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ ତଥା ଅନ୍ୟାନ ନିର୍ବାଚନ ପ୍ରଶିକ୍ଷକମାନେ ବିଭିନ୍ନ ସୂତ୍ରରେ ତାଲିମ୍ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ରାଧାକାନ୍ତ ପ୍ରଧାନ, ଦେୱାନ୍ ପୁଟୁଲିଆ, ବିକାଶ ଛନ୍ଦ, ମେଘନାଦ ମନହିରା, ପ୍ରତିଭାରାଣୀ ବାରିକ, ନିତୁରାଣୀ ମେହେର ପ୍ରମୁଖ ସହାୟତା ପ୍ରଦାନ କରିଥିଲେ । ସକାଳ ୯ ଘଣ୍ଟାରୁ ସନ୍ଧ୍ୟା ୬ ଘଣ୍ଟା ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜନ ହେବା ପୂର୍ବକ ଶେଷରେ ମୁଖ୍ୟଅତିଥି ସୌମ୍ୟାରୂପା ରଥ, ଉପଜିଲ୍ଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ୍ ଅଧିକାରୀ, ୬୫- ସୋନପୁର କୃତକାର୍ଯ୍ୟ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ମାନପତ୍ର ବଣ୍ଟନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଏହି କାର୍ଯ୍ୟକ୍ରମ ବିଭିନ୍ନ ବ୍ୟାଚ୍‌ରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ପ୍ରାୟ ୫୦ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଓ ୫ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିରୀକ୍ଷକ ପ୍ରଶିକ୍ଷଣ ହେଉଛନ୍ତି ।

# ଅନାଥ କନ୍ୟାର ବିବାହ ସମ୍ପନ୍ନ କଲା ମୈତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜଗନ୍ନାଥପୁର ସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ କେନ୍ଦୁଝର ଜିଲ୍ଲା ଶିଶୁମଙ୍ଗଳ କମିଟି ତତ୍ୱାବଧାନରେ ମୈତ୍ରୀ ଅନୁଷ୍ଠାନ ଆନୁକୂଲ୍ୟରେ ଜଣେ ଅନାଥ କନ୍ୟା ସ୍ୱର୍ଗତ ବୁଧୁରାମ ସିଙ୍କୁ ଓ ସ୍ୱର୍ଗତ ଗୁରୁବାରୀ ସିଙ୍କୁଙ୍କ ଝିଅ ସୁକୁମତି ସିଙ୍କୁର ବିବାହ ରୀତିନୀତି ଅନୁସାରେ କରାଯାଇଛି । ମୈତ୍ରୀ ଅନୁଷ୍ଠାନର ସଦସ୍ୟା ରୂପଶ୍ରୀ ଗନ୍ତାୟତ ଏହି ଝିଅକୁ କନ୍ୟାଦାନ କରିଥିଲେ । ମୈତ୍ରୀ ଅନୁଷ୍ଠାନର ରାଜଶ୍ରୀ ଉପାଧ୍ୟାୟ, ସ୍ମିତା କୁଅଁର, ପ୍ରଣତି ବଳ, ପୁଣ୍ୟଶିଳା ପାଣି, ରାକ୍ଷୀ ଜେନା, ରଶ୍ମିପ୍ରଭା ପରିଡା, ବୈଶାଳୀ ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ଝିଅର ବିବାହ କାର୍ଯ୍ୟ ସମ୍ପାଦନ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ । ଶାନ୍ତିକୁଞ୍ଜ ହରିଦ୍ୱାରର ବୈଦିକ ରୀତି ନୀତି ଅନୁସାରେ ମାତା ଗାୟତ୍ରୀ ବିବାହ ମତରେ ବଡ଼ବିଲ୍ ଅଞ୍ଚଳର ଆଦିବାସୀ ବାପା ମାଆ ଛେଉଣ୍ଡ କନ୍ୟା ସୁକୁମତି ସିଙ୍କୁ ସ୍ୱର୍ଗତ ମଙ୍ଗଳ ମୁଣ୍ଡା ଓ ଚାହୁ ମୁଣ୍ଡାଙ୍କ ପୁଅ ଗୁରୁଦା ମୁଣ୍ଡାଙ୍କ ସହ ବିବାହ ସମ୍ପନ୍ନ ହୋଇଛି । ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ଜଗଦୀଶ ପ୍ରସାଦ ଦାଶ ଏହି ବିବାହ କାର୍ଯ୍ୟ ହୋମ ଯଜ୍ଞ ଆଦି ସମ୍ପାଦନା କରିଥିବା ବେଳେ ବରକନ୍ୟାଙ୍କ ବିବାହ ପାଇଁ ଅନେକ ସାମାଜିକ କର୍ମୀ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ବରପକ୍ଷ ଓ କନ୍ୟା ପକ୍ଷ ଲୋକଙ୍କ ସହ ମୈତ୍ରୀ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ପ୍ରସାଦ ସେବନ କରିଥିଲେ । ଉଭୟ ବରକନ୍ୟାଙ୍କ ଉଜ୍ଜ୍ୱଳ ପାରିବାରିକ ଜୀବନର ଆଶୀର୍ବାଦ କରିଥିଲେ। ନବଦମ୍ପତିଙ୍କ ନୂତନ ପରିବାର ପାଇଁ ଆବଶ୍ୟକୀୟ ସରଞ୍ଜାମ ଭାର ଓ ବିଭିନ୍ନ ମିଠା ଭାର ପ୍ରଦାନ ସହ ବର କନ୍ୟାଙ୍କୁ କନ୍ୟା ବିଦାଣି କରାଯାଇଥିଲା।

# କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ମୌସୁମୀ ଆସର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଲେଖିକା ସଂସଦ କେନ୍ଦୁଝର ତରଫରୁ ମୌସୁମୀ ଆସର ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି । ଏଥିରେ ଅନୁଷ୍ଠାନର ଉପସଭାପତି ମମତାରାଣୀ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଅନୁଷ୍ଠାନର ସମ୍ପାଦିକା ଇନ୍ଦୁମତୀ ପାତ୍ର ନିଜ ସମ୍ପାଦକୀୟ ଅଭିଭାଷଣରେ ବର୍ଷା ଏକ ମଙ୍ଗଳମୟ ଋତୁ ବୋଲି ଅଭିହିତ କରିଥିଲେ। ମମତାରାଣୀ ଦାସ ନିଜର ସଭାପତୀୟ ଅଭିଭାଷଣରେ ବର୍ଷା ସହ ଜୀବନ ଚର୍ଯ୍ୟା କେତେ ନିବିଡ଼ ଭାବେ ଜଡିତ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦାକିନୀ କରଙ୍କ ସଂଯୋଜନାରେ ଶୋଭାନା ଜେନା, ବିଜୟଲକ୍ଷ୍ମୀ ମହାନ୍ତି, ବୀଣାପାଣି ଜେନା, ଆର୍ଯ୍ୟବାଳା ମହାପାତ୍ର, ଭାବିପ୍ରିୟା ସାହୁ, ରତ୍ନମଞ୍ଜରୀ ରାଉତ, ଜ୍ୟୋସ୍ନା ପାଢ଼ୀ ଏବଂ ମମତା ରାଣୀ ଦାସ ବର୍ଷା କବିତା ଆବୃତ୍ତି କରିଥିଲେ। ସାଂସ୍କୃତିକ ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଖଲ୍ଲିକୋଟ କଲେଜ ପଡ଼ିଆ ଗେଟ୍‌ରେ ତାଲା:ମର୍ଣ୍ଣିଂ ୱାକ୍ ପାଇଁ ୟୁଜର୍ସ ଫି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏଣିକି ସକାଳେ ଓ ସନ୍ଧ୍ୟାରେ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ ବୁଲିବାକୁ ଗଲେ ଟଙ୍କା ଗଣିବାକୁ ପଡ଼ିବ । ଏପରି କିଛି ନିୟମ ଲାଗୁ କରିଛନ୍ତି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ନିୟମିତ ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ବ୍ୟକ୍ତିଙ୍କୁ ଏହି ଟଙ୍କା ଦେବାକୁ ପଡ଼ିବ । ବ୍ରହ୍ମପୁରରେ ମର୍ଣ୍ଣିଂ ୱାକ୍ କରିବାକୁ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆକୁ ନିୟମିତ ଶହ ଶହ ସହର ବାସିନ୍ଦା ଆସନ୍ତି । ବର୍ତ୍ତମାନ ଏହି ଖେଳ ପଡ଼ିଆରେ କର୍ତ୍ତୃପକ୍ଷ କଟକଣା ଜାରି କରିଛନ୍ତି । ବିକାଶମେଳା ପର ଠାରୁ ଖଲ୍ଲିକୋଟ କଲେଜ ଫାଟକ ସମେତ ପାର୍ଶ୍ୱରେ ଥିବା ଗ୍ରୀଲ୍‌ରେ ତାଲା ପଡ଼ିଥିଲା । କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ସଭିଏଁ ଡେଇଁ କି ଖେଳ ପଡ଼ିଆକୁ ଆସୁଛନ୍ତି । ଏନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ କହିଛନ୍ତି ସୁରକ୍ଷା ଦୃଷ୍ଟିରୁ ଖେଳ ପଡ଼ିଆରେ କଟକଣା ଲାଗୁ କରାଯାଇଛି । ଏନେଇ ୧୫ ଦିନ ପୂର୍ବରୁ ନିଷ୍ପତି ନିଆଯାଇଛି । ସକାଳ ୫ଟାରୁ ୯ ଏବଂ ସନ୍ଧ୍ୟା ୪ ଠାରୁ ୭ଟା କେବଳ ଗୋଟିଏ ଗେଟ୍ ଖୋଲାଯିବ । ସେଠାରେ ସୁରକ୍ଷାକର୍ମୀ ଦାୟିତ୍ୱରେ ରହିବେ । ଗେଷ୍ଟ ହାଉସ୍ ସାମ୍ନା ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ରହିବ । ପାଣି ଟାଙ୍କି ପାର୍ଶ୍ୱରେ ଥିବା ଗେଟ୍ ଖୋଲାଯିବ । ପ୍ରତିଦିନ ଆସୁଥିବା ବ୍ୟକ୍ତିଙ୍କ ଠାରୁ ୟୁଜର୍ସ ଫି' ନିଆଯିବ ବୋଲି ସେ କହିଛନ୍ତି । ବ୍ୟାୟାମ, ଯୋଗ ଓ ୱାକ୍ ପାଇଁ ବ୍ରହ୍ମପୁର ସହରରେ ଖଲ୍ଲିକୋଟ କଲେଜ, ଏମ୍‌କେସିଜି ମେଡ଼ିକାଲ୍ କଲେଜ ଖେଳ ପଡ଼ିଆ ରହିଛି । ଦୈନିକ ଶହ ଶହ ଲୋକ ଏଠାକୁ ମର୍ଣ୍ଣିଂ ୱାକ୍, ଯୋଗ ସମେତ ବିଭିନ୍ନ ଖେଳରେ ନିଜକୁ ସାମିଲ୍ କରିବା ପାଇଁ ଯାଆନ୍ତି । ବିନା କୌଣସି ଦେୟରେ ଜନସାଧାରଣ ଏହି ଖେଳ ପଡ଼ିଆ ବୁଲୁଥିଲେ । ଏଣିକି ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ କଟକଣା ଲାଗିବାକୁ ଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ବିକାଶ ମେଳା ଅନୁଷ୍ଠିତ ହୋଇଥିଲା । ଏହା ପରଠୁ ଖେଳ ପଡ଼ିଆର ମୁଖ୍ୟ ଫାଟକ ସମେତ ପାର୍ଶ୍ୱ ଗେଟ୍‌ରେ ତାଲା ଝୁଲୁଛି । ଖେଳ ପଡ଼ିଆକୁ ପ୍ରବେଶ କରିବାକୁ ହେଲେ ପାଚେରୀ ଓ ଗ୍ରୀଲ୍ ଡେଇଁ ଯିବାକୁ ପଡୁଛି । ଏନେଇ ବିଦ୍ୟାର୍ଥୀଙ୍କ ସମେତ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରାତଃ ଭ୍ରମଣକୁ ଯାଉଥିବା ଜଣେ ପଥଚାରୀ କହିଛନ୍ତି ୧୫ ଦିନରୁ ଅଧିକ ହେଲା ମୁଖ୍ୟ ଗେଟ୍ ସାଙ୍ଗକୁ ସାଇଡ୍ ଗେଟ୍‌ରେ ତାଲା ଝୁଲୁଛି । ସହରରେ କେଉଁଠି ବି ଲୋକଙ୍କ ମର୍ଣ୍ଣିଂ ୱାକ୍ ପାଇଁ ଜାଗା ନାହିଁ । ଗୋଟିଏ ଖେଳ ପଡ଼ିଆ ଏବେ ବନ୍ଦ ହୋଇଯାଇଛି । ସଭିଏଁ ନାହିଁ ନଥିବା ହଇରାଣ ହେଉଛୁ । ଜଣେ ଜୁନିୟର କଲେଜ ଛାତ୍ରୀ କହିଛନ୍ତି, ୯.୧୫ ମିନିଟ୍‌ରେ ଗୋଟିଏ କ୍ଲାସ୍ ସରିଲା । ଦ୍ୱିତୀୟ କ୍ଲାସ୍ ୧୦ଟାରେ ରହିଛି । କଲେଜ ବାହାରେ ମୁଖ୍ୟ ରାସ୍ତା । ଖେଳ ପଡ଼ିଆ ଶାନ୍ତ ପରିବେଶରେ ରହିଛି । ତେଣୁ ବୁଲିବାକୁ ବାହାରିଥିଲେ । ସେଥିରେ ତାଲା ଝୁଲୁଛି । ବାଧ୍ୟ ହୋଇ ଗ୍ରୀଲ୍ ଡେଇଁ ଭିତରକୁ ଯାଇଥିଲି । ଏବେ ଗ୍ରୀଲ୍ ଡେଇଁ ଫେରୁଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜୁଲାଇ ୨୦୨୫ ଶୁକ୍ରବାର







# ବ୍ରାଉନ୍‌ସୁଗାର ଓ ମଦ ଜବତ:୬ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରି ଚୋରା ମଦ ଓ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅଭିଯୁକ୍ତ ମାନଙ୍କୁ ଧରି ଏମାନଙ୍କ ନିକଟରୁ ଧଳା ଜହର ଓ ଚୋରା ମଦ ଜବତ କରି ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କଷ । ଗ୍ରାମର ଜ୍ଞାନରଂଜନ ସାହୁ, ରୁଦ୍ର ପ୍ରକାଶ ରାଉତଙ୍କ ନିକଟରୁ ୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରୁଥିବାବେଳେ କନ୍ତିଆ ଗ୍ରାମର ଜଗବନ୍ଧୁ ରାଉତ, ସାହାସପୁର ଗ୍ରାମର ରଜନୀକାନ୍ତ ମଳିକ, କଂସାର ଗ୍ରାମର କୁମାର ନାୟକ, ଦୁମୁକା ଗ୍ରାମର ପ୍ରାଣକୃଷ୍ଣ କୁଣ୍ଡୁଙ୍କ ଠାରୁ ଦେଶୀ, ବିଦେଶୀ ଓ ରନ୍ଧା ମଦ ଜବତ କରି ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉ ସମୟରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ନିରୀକ୍ଷକ ପଦ୍ମ ଲୋଚନ ନାୟକ, ଉପନିରୀକ୍ଷକ କଳ୍ପନା ରାଉତ ଓ ଧର୍ମପଦ ଦାସଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

# ଶିଶୁ ସୁରକ୍ଷା ଉପକାରାଗାର ପରିଦର୍ଶନ କଲେ ବିଶେଷଜ୍ଞ କମିଟି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଶିଶୁଙ୍କ ସୁରକ୍ଷା ପାଇଁ ଗୃହ ବିଭାଗ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲ୍ଲା ବିଶେଷଜ୍ଞ କମିଟି ଶିଶୁ ସୁରକ୍ଷା ଉପକାରାଗାର ପରିଦର୍ଶନ କରିଛନ୍ତି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ୍ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗାରକୁ ଯାଇ ଅନ୍ତେବାସୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସଂଗେ ସଂଗେ କୌଣସି ମାମଲାରେ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ କାରାଗାରରେ ଥିବା ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରାଯାଇଥିଲା । କିନ୍ତୁ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ପାଇନଥିଲେ । ପରିଦର୍ଶନ ସମୟରେ ଉକ୍ତ କାରାଗାରର ଡାକ୍ତର ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ଥିବାବେଳେ ଉପକାରାଗାରର ଅଧକ୍ଷ ଡିଲେଶ୍ୱର ଜେନା ପରିଦର୍ଶନ ସମୟରେ କମିଟିକୁ ସହଯୋଗ କରିଥିଲେ ।

# ରେଳ ବିଭାଗରେ ଚାକିରି କରାଇଦେବା ଆଳରେ ୩.୨୭ଲକ୍ଷ ଟଙ୍କା ଠକେଇ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସଦରଥାନାରେ ରେଳ ବିଭାଗରେ ଚାକିରି କରାଇବା ନାମରେ ୩ ଲକ୍ଷ ୨୭ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗ ନେଇ ପୀଡିତ ଲିଖିତ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଥିବା ନେଇ ସୂଚନା ମିଳିଛି । ମାମଲା ଅନୁଯାୟୀ, ଜୟପୁର ସଦରଥାନା ହାଡିଆ ଗ୍ରାମପଞ୍ଚାୟତର ଖଇରିମୁଣ୍ଡି ଗ୍ରାମର ପ୍ରହ୍ଲାଦ ହରିଜନ ଗତ ୬ରୁ ୭ ମାସ ପୂର୍ବେ ସ୍ଥାନୀୟ କାଳିଆ ଗାଁର ବାସିନ୍ଦ ତଥା ବର୍ତମାନ ଆମ୍ବାଗୁଡ ଠାରେ ରହୁଥିବା ମନୋଜ କୁମାର ନାୟକଙ୍କ ସହିତ ଅଭି ନାମକ ଜଣେ ଖ୍ରୀଷ୍ଟଧର୍ମ ପାଷ୍ଟରଙ୍କ ଜରୀୟାରେ ପରିଚୟ ହୋଇଥିଲା । ଏହିପରି ଅଭିଯୁକ୍ତ ମନୋଜ ରେଳ ବିଭାଗରେ ଅଭିଯୋଗକାରୀ ପ୍ରହ୍ଲାଦଙ୍କ ଝିଅ ଓ ଶଳାଙ୍କୁ ରେଳବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ କରାଇଦେବା ନେଇ କହିଥିଲେ । ଉଭୟଙ୍କୁ ଚାକିର ବାବଦକୁ ୫ ଲକ୍ଷ ଟଙ୍କା ଲାଞ୍ଚ ନେବାକୁ ପଡିବ ବୋଲି କହିଥିଲେ । ତେଣୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଅଭିଯୋଗକାରୀଙ୍କୁ କହିଥିଲେ । ଏହିପରି ଅଭିଯୋଗକାରୀଙ୍କ ଉଭୟ ଝିଅ ଓ ଶଳା ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ । ଏହିପରି ଅଭିଯୁକ୍ତ ମନୋଜଙ୍କ ଉପରେ ପୀଡିତଙ୍କ ଆଶା ଓ ଭରସା ବୃଦ୍ଧି ପାଇଥିଲା । ଏହାପରେ ଫୋନ୍ ପେ ମାଧ୍ୟମରେ ପୀଡିତ ଅଭିଯୁକ୍ତଙ୍କୁ ଗତ ଏପ୍ରେଲ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ୪ଟି ପର୍ଯ୍ୟାୟରେ ୨୮ ହଜାର ଟଙ୍କା ପ୍ରଦାନ କରିଥିଲେ । ଏହିପରି ଗତ ଜୁନ୍ ୨୬ ତାରିଖରେ ବିଶାଖପାଟଣା ରେଳ ବିଭାଗର ଡି.ଆର୍.ଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଅଭିଯୁକ୍ତ ମନୋଜ ପୀଡିତଙ୍କୁ ବାହାରେ ରହିବାକୁ କହିବା ସହ ଭିତରକୁ ଯାଇ ନିଯୁକ୍ତି ପତ୍ର ଆଣିବାକୁ କହି କାର୍ଯ୍ୟାଳୟ ଭିତରକୁ ଯାଇଥିଲେ । ବାହାରେ ଅପେକ୍ଷା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ପୀଡିତ ନ ଫେରିବାରୁ ଅଭିଯୁକ୍ତଙ୍କୁ ଫୋନ୍ କରିଥିଲେ । କିନ୍ତୁ ତାଙ୍କର ଫୋନ୍ ସୁଇଚ୍ ଅଫ୍ ରହିଥିଲା । ଏହିପରି ସନ୍ଧ୍ୟା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ସହିତ ଯୋଗାଯୋଗ ନ ହେବାରୁ ଶେଷରେ ପୀଡିତ ନିରାଶ ହୋଇ ନିଜ ଗ୍ରାମକୁ ଫେରି ଆସିଥିଲେ । ଏହିପରି ଅଭିଯୁକ୍ତ ରହୁଥିବା ଆମ୍ବାଗୁଡା ଘରକୁ ଯାଇଥିଲେ, କିନ୍ତୁ ତାଙ୍କ ଘରରେ ତାଲା ପଡିଥିବା ଯୋଗୁଁ ସାହିପଡିଶାଙ୍କୁ ପଚାରିବାରୁ ସେ ଘର ଛାଡି ଚାଲିଯାଇଥିବା ନେଇ କହିଥିଲେ । ଏହିପରି ତାଙ୍କର ନିଜ ଗ୍ରାମ କାଳିଆଗାଁକୁ ଯାଇଥିଲେ, କିନ୍ତୁ ସେଠାରେ ମଧ ତାଙ୍କର କୌଣସି ଦେଖା ମିଳିନଥିଲା । ଏହାପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ନିରାଶ ହୋଇ ଥାନାର ଦ୍ୱାରସ୍ତ ହୋଇଥିଲେ ।

# ମଧୁପାଟଣା ଅଞ୍ଚଳରେ ଭାରୀଯାନ ଚଳାଚଳରେ କଟକଣା

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମଧୁପାଟଣା ଶିଳ୍ପାଞ୍ଚଳରେ ବହୁ ସଂଖ୍ୟାରେ ଶିଳ୍ପ କାର୍ଯ୍ୟକଳାପ ସହ ଜଡିତ ଭାରୀ ଯାନବାହାନ ଚଳାଚଳ କରିବା ହେତୁ, ବିଶେଷକରି ସକାଳ ସମୟରେ (ସକାଳ ୬.୦୦ ଘଟିକା ଠାରୁ ଦିନ ୧୧.୦୦ ଘଟିକା ପର୍ଯ୍ୟନ୍ତ) ଏବଂ ସନ୍ଧ୍ୟା ସମୟରେ (ସନ୍ଧ୍ୟା୪.୦୦ ଘଟିକା ଠାରୁ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ) ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷକରି ଏହି ସମୟରେ ଦୈନନ୍ଦିନ ମାର୍କେଟିଂ କରିବା, ଘରୋଇ କାମ ପାଇଁ ବାହାରକୁ ଯିବା, ଅଫିସ ଯିବାଆସିବା କରିବା, ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନେ ଯିବାଆସିବା କରିବା ସମୟରେ ଅସୁବିଧା ଭୋଗୁଛନ୍ତି । ଏହିସବୁ ଅସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ ମଧୁପାଟଣା ଏବଂ ଆଖପାଖ ଅଞ୍ଚଳର ବାସିନ୍ଦା ଏବଂ ଛୋଟ ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧା ଦୃଷ୍ଟିରୁ, କଟକ ଶିଳ୍ପାଞ୍ଚଳ ଭିତରେ ଭାରୀ ବାଣିଜ୍ୟିକ ଯାନବାହାନ ଚଳାଚଳକୁ (ସକାଳ ୬.୦୦ ରୁ ଦିନ ୧୧.୦୦ ଏବଂ ସନ୍ଧ୍ୟା ୪.୦୦ ରୁ ସନ୍ଧ୍ୟା ୬.୦୦ ପର୍ଯ୍ୟନ୍ତ) ପ୍ରତିବନ୍ଧିତ କରିଛନ୍ତି । ଏହି ପ୍ରତିବନ୍ଧକ ୬ ଜୁଲାଇ, ୨୦୨୫ ରୁ ୫ ଅଗଷ୍ଟ, ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ମୋଟର ଭେଇକିଲ ଆଇନ୍, ୧୯୮୮ର ବିଭାଗ ୧୧୫ ଅଧୀନରେ ଏବଂ ଓଡ଼ିଶା ମୋଟର ଯାନ ନିୟମ, ୧୯୯୩ ର ନିୟମ-୧୭୩ ସହିତ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଏହି ନିର୍ଦ୍ଦେଶ ଜାରି କରାଯାଇଛି ।

# ଶବ ବ୍ୟବଚ୍ଛେଦରେ ବିଳମ୍ବ ନେଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତ୍ତେଜନା



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ପରେ ଡାକ୍ତରଖାନାରେ ଶବ ପୋଷ୍ଟମର୍ଟମକୁ ନେଇ ମାତ୍ରାଧିକ ବିଳମ୍ବ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଉତ୍ତେଜନା ସହ ଧାରଣା ଦେଇଥିଲେ ସମ୍ପର୍କୀୟ ଓ ଗ୍ରାମବାସୀ । ଖବରରୁ ପ୍ରକାଶ ଯେ ଜିଲ୍ଲାର ବୀରମହାରାଜପୁର ଥାନା ଭଲିଆପଦର ଗାଁର ୪୮ ବର୍ଷୀୟ ଭଜମନ କର୍ଣ୍ଣ ଏକ ସ୍କୁଟିରେ ଯାଉଥିବା ସମୟରେ ବୀରମହାରାଜପୁର-ସୋନପୁର ରାସ୍ତାର ପଣ୍ଡାପାଲି ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ସୋନପୁର ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସକାଳ ୧୦ଟା ସମୟରୁ ଡାକ୍ତର ମୃତ ଘୋଷଣା କରିଥିଲେ ମଧ ସନ୍ଧ୍ୟା ୪.୩୦ ସମୟ ପର୍ଯ୍ୟନ୍ତ ପୋଷ୍ଟମର୍ଟମ କରାନଯିବାରୁ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ସେପଟେ ହସ୍ପିଟାଲ ପକ୍ଷରୁ ୫ଟା ପରେ ଶବ ବ୍ୟବଚ୍ଛେଦ ପାଇଁ ମନା କରିଦେଇଥାନ୍ତି ତେଣୁ ଡାକ୍ତରଖାନା ପରିସରରେ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁଙ୍କ ସମେତ ସମ୍ପର୍କୀୟ ଓ ଗ୍ରାମବାସୀ ଧାରଣାରେ ବସିବା ସହ ପ୍ରଶାସନର ଅବହେଳାକୁ ନିନ୍ଦା କରିଥିଲେ । ପରେ ବୀରମହାରାଜପୁର ପୋଲିସ ପହଞ୍ଚିଲା ପରେ ଶବ ଇନ୍‌କ୍ୱେଷ୍ଟ କରାଯିବା ସହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି ।

# ଚୋରି କରି ଡେଲିଭରି ବୟ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଦିନରେ ଡେଲିଭରି ବୟ । ରାତି କଳାକନା ବୁଲାଇ ଚୋରି କରିବା ନିଶା । ଏଭଳି ଘଟଣା ଦେଖିବାକୁ ମିଳିଥିଲା ଯାଜପୁର ଜିଲ୍ଲା ବୈରୀ ଥାନା ଅଞ୍ଚଳରେ । ଏକ ପ୍ରତିଷ୍ଠିତ କମ୍ପାନୀର ଡେଲିଭରି ବୟ ଭାବେ କାମ କରିଆସୁଥିବା ଯୁବକ ରାତିରେ ଚୋରି କରି ପୋଲିସ ହାବୁଡରେ ପଡିଛି । ଡେଲିଭରି ବୟ ଜଣକ ହେଲେ ଛତିଆ ସୋଲର ଅଞ୍ଚଳର ରଶ୍ମି ରଂଜନ ରାଉତଙ୍କ ପୁଅ ରାଜେଶ (୨୦) ବୋଲି ଜଣାପଡିଛି । ବୈରୀ ଥାନା ଅନ୍ତର୍ଗତ ସୋଲର ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ୨୦୨୪ ମସିହା ସେପ୍ଟେମ୍ବର ମାସରେ କେହି ଦୁର୍ବୃତ୍ତ ରାତିରେ ସର୍ଟର୍ କାଟି ବହୁ ନାମିଦାମୀ କମ୍ପାନୀର ମୋବାଇଲ୍ ଓ ନଗଦ ଟଙ୍କା ଚୋରି ହୋଇଯାଇଥିବା ନେଇ ଦୋକାନୀ ସତ୍ୟଜିତ ସାହୁ ବୈରୀ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତି କରି ବୈରୀ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ରାଜେଶକୁ ବିଳମ୍ବିତ ରାତିରେ ଗିରଫ କରିଥିଲା । ଦିନରେ ଡେଲିଭରୀ ବୟ ଭାବେ କାମ କରି ରାତିରେ ଚୋରି କରୁଥିବା ନେଇ ପୋଲିସ ସୂଚନା ଦେଇଛି ।

## ରାଉରକେଲା ଡକାୟତି ଘଟଣା

# ୨ ଚୋର ଗିରଫ:ସୁନା ଓ ରୂପା ଅଳଙ୍କାର, ଟାବ୍‌ଲେଟ୍ ଜବତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**




ରାଉରକେଲା ପୋଲିସ ଏକ ବଡ଼ ଚୋରି ଘଟଣାରେ ୨ ଚୋରଙ୍କୁ ଗିରଫ କରିବା ସହିତ ଚୋରି ଯାଇଥିବା ସୁନା ଓ ରୂପା ଅଳଙ୍କାର ସହ ଟାବ୍‌ଲେଟ୍ ମଧ ଜବତ୍ କରିଛି । ଏହି ଚୋରି ଘଟଣା ୨୨ ଏପ୍ରିଲରେ ଘଟିଥିଲା । ସୂଚନା ଅନୁସାରେ ସେକ୍ଟର-୨୦ ନିବାସୀ ଯୋଗେନ୍ଦ୍ରନାଥ ମହାନ୍ତ ତାଙ୍କ ପରିବାର ସହିତ ଲହୁଣୀପଡ଼ା ଅଞ୍ଚଳର ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ୨୩ ଏପ୍ରିଲ ରାତିରେ ସେ ଘରକୁ ଫେରି ଦେଖିଲେ ଯେ, କୌଣସି ଅଜଣା ବ୍ୟକ୍ତି ତାଙ୍କ ଘରେ ଆଜ୍‌ବେଷ୍ଟସ୍ ଛାତ ଖୋଲି ଘରେ ପ୍ରବେଶ କରି ମୂଲ୍ୟବାନ ଅଳଙ୍କାର ଏବଂ ଏକ ଟାବ୍‌ଲେଟ୍ ଚୋରି କରି ନେଇଛନ୍ତି । ପରଦିନ ଏ ବିଷୟରେ ସେକ୍ଟର-୧୯ ଥାନାରେ ଅଭିଯୋଗ କରିବା ପରେ, ସେକ୍ଟର-୧୯ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଜୋନ୍-୧ ଡି.ଏସ୍.ପି. ଯୋଗେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଆରମ୍ଭ କରାଯାଇଥିଲା । ଉଭୟ ବୈଷୟିକ ଏବଂ ପାରମ୍ପରିକ ପଦ୍ଧତି ବ୍ୟବହାର କରି ତଦନ୍ତ କରାଯାଇଥିଲା । ତଦନ୍ତରୁ ମିଳିଥିବା ସୁରାକ୍ ଆଧାରରେ, ୨ ଅଭିଯୁକ୍ତଙ୍କ ମଧ୍ୟରେ ସେକ୍ଟର-୧୬ର ଲିଟୁ ଓରଫ ସୌଭାଗ୍ୟ ନାୟକ (୨୩) ଏବଂ ଦଣ୍ଡିଆପାଲି ଅଞ୍ଚଳର ଭିକି ଯାଦବ (୨୫)ଙ୍କୁ ପୋଲିସ୍ ହେପାଜତକୁ ନିଆଯାଇଥିଲା । ପଚରା ଉଚରା ସମୟରେ, ଉଭୟ ସେମାନଙ୍କ ଅପରାଧ ସ୍ୱୀକାର କରିଥିଲେ ଏବଂ କେବଳ ଏହି ଘଟଣାରେ ନୁହେଁ ବରଂ ଅନ୍ୟାନ୍ୟ ଅନେକ ମାମଲାରେ ସେମାନଙ୍କର ସମ୍ପୃକ୍ତି ସ୍ୱୀକାର ମଧ କରିଥିଲେ । ଜୋନ୍-୧ ଡି ଏସ୍‌ପିଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଥିବା ବେଳେ ରାଉରକେଲାର ଡେଲି ମାର୍କେଟ୍‌ର ବଜାଜ୍ ଫାଇନାନ୍ସ ଲିମିଟେଡରୁ ଚୋରି ହୋଇଥିବା ଜିନିଷଗୁଡ଼ିକ ମଧ୍ୟରୁ ପୋଲିସ ଏକ ସୁନା ହାର (୧୬.୪୫ ଗ୍ରାମ), ଦୁଇ ଯୋଡ଼ା ସୁନା କାନଫୁଲ (୬.୯୦ ଗ୍ରାମ), ଏକ ସୁନା ଚେନ୍ (୩.୮୭ ଗ୍ରାମ) ଏବଂ ଏକ ଏସାର ଟାବଲେଟ୍ ଉଦ୍ଧାର କରିଛି । ବାକି ଜିନିଷଗୁଡ଼ିକ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି । ଏନେଇ ସେକ୍ଟର ୧୯ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ତଥ୍ୟ ଅନୁସାରେ ସେକ୍ଟର-୧୫ ଏବଂ ଅନ୍ୟାନ୍ୟ ଥାନାରେ ସୌଭାଗ୍ୟ ନାୟକଙ୍କ ବିରୁଦ୍ଧରେ ୨୩ଟି ଅପରାଧିକ ମାମଲା ରୁଜୁ ରହିଛି । ଯେଉଁଥିରେ ଆକ୍ରମଣ, ଚୋରି, ହତ୍ୟା ଉଦ୍ୟମ ଏବଂ ଘରୋଇ ହିଂସା ସମ୍ପର୍କିତ ଗୁରୁତର ଧାରା ଅନ୍ତର୍ଭୁକ୍ତ । ଅନ୍ୟ ଅଭିଯୁକ୍ତ ଭିକି ଯାଦବଙ୍କ ବିରୋଧରେ ସହରର ବିଭିନ୍ନ ଥାନାରେ ଅନେକ ଗୁରୁତର ଧାରା ଅଧୀନରେ ମାମଲା ରୁଜୁ ହୋଇଛି । ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଅନ୍ୟ ଚୋରି ମାମଲାରେ ମଧ ଉଭୟଙ୍କ ସମ୍ପୃକ୍ତି ରହିଛି, ଯାହାର ତଦନ୍ତ ଚାଲିଛି । ପୋଲିସ୍ ପକ୍ଷରୁ ସାଧାରଣଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଇଛି । ପୋଲିସ ପକ୍ଷରୁ ଆଶ୍ୱାସନା ଦିଆଯାଇଛି ଯେ ଏପରି ଅପରାଧୀ ତତ୍ତ୍ୱମାନଙ୍କ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରହିବ । ଜୋନ୍-୧ ଡି.ଏସ୍.ପି. ଯୋଗେଶ୍ୱର ପଣ୍ଡାଙ୍କ ପକ୍ଷରୁ ସେକ୍ଟର-୧୯ ଥାନାରେ ଏ ବିଷୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ପୋଲିସ ଦ୍ୱାରା ଗିରଫ ୨ ଅଭିଯୁକ୍ତଙ୍କ ବିରୋଧରେ ସେକ୍ଟର-୧୯ ଥାନାରେ ବିଏନ୍‌ଏସ୍ ଧାରା ୩୩୧(୪)ଏବଂ ୩୦୫(ଏ)ରେ ମୋକଦ୍ଦମା ନମ୍ବର-୭୫ ରୁଜୁ କରାଯିବା ସହିତ ବିଏନ୍‌ଏସ୍ ଧାରା ୩୩୧(୪) ଓ ୩୦୫(ଏ) ଧାରାରେ ସେକ୍ଟର-୭ ଥାନାରେ ମୋକଦ୍ଦମା ନମ୍ବର-୮୦, ସେକ୍ଟର-୩ ଥାନାରେ ମୋକଦ୍ଦମା ନମ୍ବର-୧୦୧ ଏବଂ ସେକ୍ଟର-୧୫ ଥାନାରେ ମୋକଦ୍ଦମା ନମ୍ବର-୬୭ ରୁଜୁ କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ଶ୍ରୀ ପଣ୍ଡାଙ୍କ ବ୍ୟତୀତ ସେକ୍ଟର ୧୯ ଥାନା ପ୍ରଭାରୀ ରଞ୍ଜନ କୁମାର ନାୟକ, ସେକ୍ଟର ୭ ଥାନା ପ୍ରଭାରୀ ଆର୍‌ଏନ୍ ପାତ୍ର, ସବ୍‌ଇନ୍ସପେକ୍ଟର ସର୍ବଶ୍ରୀ ରାଜେଶ ବେହେରା, ସୌମ୍ୟରଞ୍ଜନ ଗିରି, ରବିନ୍ଦ୍ର ଭୁଇ, ରାକେଶ କୁମାର ସ୍ୱାଇଁ ତଥା ହିମାଂଶୁ ଶେଖର ନାୟକ, କବିତା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ଥାନା ଅର୍ନ୍ତଗତ ଗୋବର୍ଦ୍ଧନ ଗାଁ ମୁଣ୍ଡା ସାହିର ପ୍ରଧାନ ମୁଣ୍ଡା (୨୩) ଓରଫ ପେଟୁ ବୁଧବାର ସକାଳେ ଘରେ ବେକରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ, ଉଭୟ ଦମ୍ପତ୍ତିଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା । ଫଳରେ ପ୍ରଧାନ ଉତ୍ୟକ୍ତ ହୋଇ ଘର ଭିତରେ ନିଜ ସ୍ତ୍ରୀର ଶାଢୀ ଲଗାଇ ଝୁଲିପଡିଥିଲା । ପରିବାର ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ । ସଦର ଥାନା ପୋଲିସ ଏଏସ୍‌ଆଇ ସତ୍ୟଜିତ୍ ନାୟକ ଘଟଣାର ପ୍ରାରମ୍ଭିକ ତଦନ୍ତ କରି ଶବ ଜବତ କରିବା ସହିତ ପରବର୍ତ୍ତୀ ତଦନ୍ତ ଚଳାଇଛନ୍ତି । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରଧାନଙ୍କ ମୃତ୍ୟୁ ପରେ ତାଙ୍କର ଜଣେ ଶିଶୁ ଓ ସ୍ତ୍ରୀ ଅସହାୟ ହୋଇଯାଇଛନ୍ତି ।

# କୁକୁଡ଼ାଖଣ୍ଡିରେ ଚୋର ଆତଙ୍କ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଅଞ୍ଚଳରେ ଚୋର ଆତଙ୍କ ଦେଖାଦେଇଛି । ଘରେ ଲୋକ ନଥିବାର ସୁଯୋଗ ନେଇ ଚାବି ତାଲା ଭାଙ୍ଗି ଚୋରମାନେ ଘରୁ ଲୁଟ୍ କରୁଥିବା ଅଭିଯୋଗ ହେଉଛି । ବିଘ୍ନେଶ୍ୱର ସାହିରେ ଲୋକେ ଘର ଆଗରେ ବାଇକ୍ ରଖିଥିବା ବେଳେ ଚୋରମାନେ ବାଇକ୍‌ରୁ ଲଗାତର ପେଟ୍ରୋଲ ଚୋରି କରୁଥିବା ଅଭିଯୋଗ ହୋଇଛି । ପୋଲିସ ପକ୍ଷରୁ ଏହି ଅଞ୍ଚଳରେ ପାଟ୍ରୋଲିଙ୍ଗ କରିବା ସହ ଚୋରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନ ଦାବି ହେଉଛି ।

# ହିଲ୍ଲୀପାଲି ଗାଁରେ ଡାଇରିଆ ସଂକ୍ରମଣ ବଢୁଛି:ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ହେଲା ବରଗଡ ଜିଲ୍ଲା ଅତାବିରା ବ୍ଲକ ହିଲ୍ଲୀପାଲି ଗାଁରେ ଡାଇରିଆ ସଂକ୍ରମଣ ବଢିବାରେ ଲାଗିଛି । ବୁଧବାର ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ୬୦ରୁ ଉର୍ଦ୍ଧ୍ୱକୁ ପହଞ୍ଚି ଥିବା ବେଳେ ଉନ୍ନତ ସେବା ଯୋଗାଇ ଦେବାକୁ ଆମ୍ ଆଦମୀ ପାର୍ଟି ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି । ଯଦିଓ ଡାକ୍ତରୀ ଦଳ ପହଞ୍ଚି ଔଷଧ ଓ ଚିକିତ୍ସା ସେବା ଯୋଗାଇ ଦେଇ ଆସୁଛନ୍ତି ତଥାପି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି, ଯେଉଁ ସ୍ଥାନରେ ଆକ୍ରାନ୍ତମାନଙ୍କୁ ରଖାଯାଇଛି ତାହା ବର୍ଷା କାରଣରୁ ଓଦା ରହୁଛି, ତଳେ ଶୋଇବାକୁ ଦିଆଯାଉଛି, ବେଡ଼ ବ୍ୟବସ୍ଥା ନାହିଁ, ଅଧିକାଂଶ ରୋଗୀଙ୍କୁ ବୁର୍ଲା ପଠାଯାଉଛି ଯାହାକି ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଗଲେ ଉପକୃତ ହୁଅନ୍ତେ ଆଉ ଏହି ସଂକ୍ରମଣର କାରଣ ଖୋଜିବା ସହ ସମସ୍ତଙ୍କ ପାଇଁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ କହିଛନ୍ତି । ଏହାକୁ ନେଇ ଜିଲ୍ଲା ପ୍ରଶାସନ ଗମ୍ଭୀର ନଥିବା ଭଳି ଲାଗୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦାବିପତ୍ର ଦେବା ସମୟରେ ଆପ୍ ସମ୍ପାଦକ ସ୍ୱରୂପ ଭୋଇ, ଅତାବିରା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଜୟ କ୍ରିଷ୍ଣା ଛୁରିଆ, ମାରିୟମ ବାର୍ଲା, ଅସିତ ସାହୁ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୧।୭।୨୦୨୫, ଆଷାଢ଼ ଦି୨୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୧୪।୪୮ **ଚନ୍ଦ୍ରୋଦୟ-** ସଂଘ ୭।୧୦।୧୦

**ପ୍ରତିପଦ-** ରାଘ ୨।୦୯ ପର୍ଯ୍ୟନ୍ତ । **ପୂର୍ବାଷାଢ଼ା ମଳ-** ପ୍ରାଘ ୫।୫୬ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଦିଘ ୧୨।୦୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୧୨।୦୭ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ଦିଘ ୧୨।୦୭ ଗତେ ସଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣି କଖାରୁ ରାଘ ୨।୦୯ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୧ ଗତେ ଘ ୭।୦୩ ମଧ୍ୟେ । ଦିଘ ୧୨।୧୮ ଗତେ ଘ ୨।୫୬ ମଧ୍ୟେ । **ପର୍ବୋତ୍ସବ-** ଶରଣ ପଞ୍ଚକ ଆରମ୍ଭ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହୋଇପାରେ ।



**ବୃଷ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତିର ବାତାବରଣ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ ।



**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଘରେ ଦ୍ୱନ୍ଦ୍ୱ ଦେଖାଦେବ ।



**କର୍କଟ:** ଶତ୍ରୁ ନାଶ ହେବେ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ । ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ଲାଗିପାରେ ।



**ସିଂହ:** ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ଜୁଟିପାରେ । ଶୁଭ କାର୍ଯ୍ୟ ମଧ ପରିପାରନ୍ତି । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ । ରୋଜଗାର ଭଲ ହେବ । ମନ ଭଲ ରହିବ ।



**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଉପକୃତ ହେବେ । ମହିଳାମାନେ ସୁଖୀ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପରୋପକାରୀ ହେବେ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଭଲ ରହିବ ।



**ତୁଳା:** ସାମାଜିକ ସ୍ତରରେ ପ୍ରତିଷ୍ଠିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ । ଗୃହେ ଆନନ୍ଦ ଲାଭ ହେବ ।



**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ । ରୋଜଗାର ସ୍ଥିର ରହିବ । ଦେହ ଓ ମନ ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ ହେବ । ବନ୍ଧୁ ଦର୍ଶନ ସୁଯୋଗ ଜୁଟିପାରେ ।



**ଧନୁ:** ଧର୍ମ ମାର୍ଗରେ ମନ ଦେବେ । କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗ ପ୍ରାପ୍ତ ହେବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହୋଇପାରେ ।



**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ । ଖର୍ଚ୍ଚର ପରିମାଣ ବଢ଼ିବ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଦେହ ଭଲ ରହିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଘରେ ଶାନ୍ତି ଲାଭ । ଆୟର ପରିମାଣ ବଢ଼ିବ ।



**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ଏଣୁ ସାବଧାନତା ଶ୍ରେୟସ୍କର । ଆୟ ଠାରୁ ବ୍ୟୟର ମାତ୍ରା ବୃଦ୍ଧି ହେବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୭।୨୦୨୫, ଆଷାଢ଼ ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୧୫।୧୦ **ଚନ୍ଦ୍ରୋଦୟ-** ରାଘ ୭।୫୪।୧୩

**ଦ୍ୱିତୀୟା-** ରାଘ ୧।୪୭ ପର୍ଯ୍ୟନ୍ତ । **ଉତ୍ତରାଷାଢ଼ା ନକ୍ଷତ୍ର-** ପ୍ରାଘ ୬।୩୬ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସଂହ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୧।୪୭ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଘ ୧୨।୧୮ ମଧ୍ୟେ । ଦିଘ ୩।୦୯ ଗତେ ଘ ୩।୪୮ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପ୍ରଗତି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପରଫର୍ମାନ୍ସ ଗ୍ରେଡିଂ ଇନଡେକ୍ସ ତାଲିକାରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା । ମନ୍ତ୍ରଣାଳୟ ପକ୍ଷରୁ ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସର ୨୦୨୩-୨୪ର ତାଲିକା ଜାରି ହୋଇଛି । ଶ୍ରେଷ୍ଠ ୫ ତାଲିକାରେ ଓଡ଼ିଶା ସମେତ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ସ୍ଥାନ ପାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶା ୨୦୨୨-୨୩ ତୁଳନାରେ ୨୦୨୩- ୨୪ରେ ଦୁଇ ଗୁଣା ଉନ୍ନତି କରିଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୨-୨୩ର ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ତାଲିକାରେ ଓଡ଼ିଶାର କୌଣସି ଜିଲ୍ଲା ଉତ୍ତମ-୩ ବର୍ଗରେ ନଥିଲା। ମାତ୍ର ୨୦୨୩- ୨୪ ତାଲିକାର ଉତ୍ତମ-୩ ବର୍ଗରେ ରାଜ୍ୟର କେବଳ ଝାରସୁଗୁଡ଼ା ଜିଲ୍ଲା ସ୍ଥାନ ପାଇଛି । ୬ ଶହ ନମ୍ବରରୁ ଝାରସୁଗୁଡ଼ା ୩୮୩ ସ୍କୋର କରିପାରିଛି । ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୨ ଜିଲ୍ଲା ପ୍ରଚେଷ୍ଟା-୧ ବର୍ଗରେ ଥିଲା। ୨୦୨୩-୨୪ ତାଲିକାରେ ଏହା ଦୁଇ ଗୁଣ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି । ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା, କଟକ, ନୂଆପଡ଼ା, ଜଗତସିଂହପୁର, ଅନୁଗୁଳ, କୋରାପୁଟ, ସୁନ୍ଦରଗଡ଼, ନୟାଗଡ଼, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ସୋନପୁର, ବରଗଡ଼, ମାଲକାନଗିରି, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲା ସ୍ଥାନ ପାଇଛି। ପ୍ରଚେଷ୍ଟା-୨ ବର୍ଗରେ ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୮ଟି ଜିଲ୍ଲା ରହିଥିଲା। ୨୦୨୩-୨୪ ବେଳକୁ ଏହି ତାଲିକାରେ କେବଳ ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟଗୁଡ଼ିକର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଯାଞ୍ଚ କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପରଫର୍ମାନ୍ସ ଗ୍ରେଡିଂ ଇନଡେକ୍ସ ରିପୋର୍ଟ ପ୍ରକାଶ କରିଥାଏ । ଏଥିରେ ୬ ବର୍ଗର ୭୪ ସୂଚକାଙ୍କରେ ୬ଶହ ନମ୍ବରରୁ ମୂଲ୍ୟାୟନ କରାଯାଇଥାଏ । ଶିକ୍ଷକ ଉପଲବ୍ଧି ଓ ବୃତ୍ତିଗତ ଉନ୍ନତି, ଭିତ୍ତିଭୂମି, ସୁବିଧା ସୁଯୋଗ, ବିଦ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା, ଛାତ୍ର ସୁରକ୍ଷା, ଡିଜିଟାଲ୍ ଶିକ୍ଷା, ଉପସ୍ଥାନ, ନେତୃତ୍ୱ ବିକାଶ ପ୍ରମୁଖ ସୂଚକାଙ୍କୁ ବିଚାରକୁ ନିଆଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୮)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଯେତେବେଳେ ପ୍ରକୃତିସ୍ଥ ହୋଇଗଲେ ସେତେବେଳେ ସେ ଜାଣିପାରିଲେ ଯେ ସ୍ୱପ୍ନରେ ଏହି ସବୁ ଘଟଣା ଗୁଡ଼ିକ ଚିତ୍ରାୟିତ ହୋଇଥିଲା। ସଙ୍ଗେ ସଙ୍ଗେ ତୁଳସୀ ଦାସଙ୍କ ଆଖିରୁ ବହିଯାଉଥାଏ ଆନନ୍ଦାଶ୍ରୁ । ବିଭୋର ମାନସିକତାରେ ଭାବୁଥାନ୍ତି ସତରେ କ'ଣ ମୋର ପରମ ଆରାଧ୍ୟ ପ୍ରଭୁ ଶ୍ରୀରାମ ମୋତେ ସ୍ୱପ୍ନରେ ଦେଖାହେଇ ମୋ ଭୋକିଲା ପେଟପାଇଁ ଖାଦ୍ୟ ଆଣି ମୋ ଆଗରେ ପରଶିଦେଲେ ? ଯେଉଁ ଖାଦ୍ୟ ଅମୃତଠାରୁ ମଧ୍ୟ ସହସ୍ର ଗୁଣରେ ତୃପ୍ତି ଦାୟକ ? ହେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ! ମୋ ପରିଜଣେ ଧୂଳି ଧୂସରିତ ଅକିଞ୍ଚନ ମଣିଷପାଇଁ ତୁମକୁ ଏତେ କଷ୍ଟ ସହିବାକୁ ପଡିଲା ? ତୁଳସୀ ଦାସଙ୍କର ଆଉ କ୍ଷୁଧାତୃଷା ନାହିଁ। ଅତିଶୟ ଆନନ୍ଦରେ ସେ ଲୁହ ଗଡାଉଛନ୍ତି। ଆକାଶକୁ ଚାହିଁଲେ। ପାହାନ୍ତିଆ ତାରାଟା ଦପ୍‌ଦପ୍ ଜଳି ଉଠିଲାଣି। ସେ ଆଉ ମୁହୂର୍ତ୍ତଟିଏ ଅପେକ୍ଷା ନକରି ସ୍ନାନ ତର୍ପଣ ସମାପନ କରି କ୍ଷିପ୍ର ଗତିରେ ଶ୍ରୀମନ୍ଦିର ଅଭିମୁଖେ ଚାଲିଲେ। ଜୟ, ବିଜୟ ଦ୍ୱାର ଓ ବାଇଶି ପାହାଚକୁ ଅତିକ୍ରମ କରି ଗରୁଡ ସ୍ତମ୍ଭ ନିକଟରେ ପହଞ୍ଚିବା ବେଳକୁ ମହାପ୍ରଭୁଙ୍କର ପ୍ରଭାତୀ ଅବକାଶର ମଙ୍ଗଳ ଆଳତୀ ଚାଲିଥାଏ। ଗରୁଡ ପାଖରେ ଛିଡା ହୋଇ ଦେଖୁଛନ୍ତି ରତ୍ନସିଂହାସନ ଉପରେ ବିରାଜମାନ କରିଛନ୍ତି କୋଟି କୋଟି ବ୍ରହ୍ମାଣ୍ଡର ମହାନାୟକ ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପ୍ରଭୁଙ୍କର ପାଦତଳେ କରପତ୍ର ଯୋଡି ପ୍ରଣାମ କରୁଛନ୍ତି। ଅତିଶୟ ଆନନ୍ଦରେ ବିଭୋର ହୋଇ ପଡୁଛନ୍ତି ତୁଳସୀ ଦାସ। ମୁହୁର୍ମୁହୁ ତାଙ୍କ କଣ୍ଠରୁ ଉଚ୍ଚସ୍ୱରରେ ନିଃସୃତ ହେଉଥାଏ ଜୟ ଶ୍ରୀରାମ, ଜୟ ଶ୍ରୀରାମ, ଜୟ ଶ୍ରୀରାମ। କାନ୍ଦି କାନ୍ଦି କହୁଥାନ୍ତି ହେ ମହାପ୍ରଭୁ ! ମୁଁ ଆଜି ଧନ୍ୟ ହୋଇଗଲି। ଅନନ୍ତ ଜନ୍ମର ସ୍ୱପ୍ନ ଆଜି ମୋର ସାର୍ଥକ ହୋଇଗଲା ପ୍ରଭୁ। ମୋ ଜନ୍ମ ଜନ୍ମାନ୍ତରର ପାପ, ତାପ, ସତ୍ୟ, ମିଥ୍ୟା, ହସ କାନ୍ଦ, ଦୁଃଖ, ଶୋକ ସହିତ ମୋର ଏ ତୁଚ୍ଛ ଜୀବନକୁ ତୁମର ଏ ପଦ୍ମପାଦରେ ସର୍ମପଣ କରିଦେଇ ମୁକ୍ତିପାଇଗଲି। ସେହି ଠାରୁ ଫେରି ଆସି ଲେଖିଲେ "ଯୋଇରାମ ସୋଇ ଜଗଦୀଶ"

ବିଶର ମହାନ୍ତି ଆଜି ଏହି ବାଳକଟିର ଆତିଥ୍ୟ ଦେଖି ଭାବୁଛନ୍ତି ସେ ଦିନର ଦଇତା ସେବକଙ୍କ ଠାରୁ ଶୁଣିଥିବା ସନ୍ଥ ଶ୍ରୀ ଗୋସ୍ୱାମୀ ତୁଳସୀଦାସଙ୍କର ଅମର କାହାଣୀକୁ। ତେବେ କ'ଣ ଏହି ଅଦ୍‌ଭୂତ ବାଳକଟିର ପରିଚର୍ଯ୍ୟା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳା ? ତେବେ କ'ଣ ମହାପ୍ରଭୁ ମୋ ପାଇଁ ଏପରି ଲୀଳା ସଂରଚନା କରିଛନ୍ତି ? ସେହି କୁଡିଆରେ ବିଶ୍ରାମ ନେବା ବେଳେ ବିଶର ମହାନ୍ତି ଭାବୁଛନ୍ତି ଏହି ପରି ଅନେକ ଅବିସ୍ମରଣୀୟ ଘଟଣାବଳିକୁ। ଯାହା ତାଙ୍କ ଜୀବନରେ ଅଙ୍ଗେ ନିଭାଇଛନ୍ତି। ଯାହାବି ହେଉ ତାଙ୍କୁ ଅନେକ ପଥ ଅତିକ୍ରମ କରିବାକୁ ପଡିବ ଏ ନିର୍ଜନ ଅରଣ୍ୟ ଭିତରେ। କିପରି ସେ ସନ୍ଧ୍ୟା ଘୋଟିଯିବା ପୂର୍ବରୁ ପହଞ୍ଚିବେ ମହାବୀର ବାଟିକାରେ। ଭାବୁଛନ୍ତି ନୂଆଜାଗା। ମହାବୀର ବାଟିକା ବି ସେ ଦେଖିନାହାଁନ୍ତି। ସେଥିରେ ବି ଦୁର୍ଗମ ଅରଣ୍ୟ ପଥ। ସନ୍ଧ୍ୟା ନଇଁ ଗଲେ ପୁଣି ବାଟ ଘାଟରେ ଆଶ୍ରୟ ନେବା ପାଇଁ କୂଳ କିନାରା ନାହିଁ। ଏଠାରେ ବି ଜନବସତି ନାହିଁ। କାଁ ଭାଁ କେଉଁଠି କେମିତି ଜଣେ ଅଧେ ଦେଖା ମିଳୁଛନ୍ତି। ରାତି ହୋଇଗଲେ ପୁଣି ଆହୁରି ବିପଦ। ତେଣୁ ବେଳ ଥାଉଁ ଥାଉଁ ମହାବୀର ବାଟିକାରେ ପହଁଚିବାର ଅଛି। ଯେଉଁ କଥା ଗୁଡାକ ମନରେ ଆନ୍ଦୋଳିତ କରିବାରେ ଲାଗିଛି। ସେ କଥା ଗୁଡାକ ବି ସେହି ବାଳକଟି ଆଗରେ କହି ସାମାନ୍ୟ ବିଶ୍ରାମ ନେଇ ବାହାରିଲେ ମହାବୀର ବାଟିକା ଅଭିମୁଖେ। ବାଳକଟି ନିଜ ମୁଖ ମଣ୍ଡଳରେ ସ୍ମିତ ହାସ୍ୟ ରେଖାଟିଏ ଟାଣିଦେଇ ବିଶରଙ୍କୁ କହିଲା "ହଉ ଗୋସେଇଁ। ତୁମେ ଯାଅ। କିନ୍ତୁ ମୁଁ ଜାଣିଛି ଯେ ଠିକ୍ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ, ତାହାପୁଣି ସନ୍ଧ୍ୟା ହେବାର ବହୁ ପୂର୍ବରୁ, ଯାଅ।" ସେହି କୁଡିଆ ନିକଟରୁ ଯାତ୍ରା କଲାବେଳେ ସେ ଭକ୍ତିଭରା ପ୍ରଣିପାତ ବିଶରଙ୍କୁ। ବିଶରଙ୍କ ପାଦଧୂଳି ନେଇ ତା ମଥାରେ ବୋଳି ଦେଲା। ବିଶର ମହାଆନନ୍ଦରେ କହିଲେ " ବାବୁ ତୁମେ ଯଶସ୍ୱୀ ହୁଅ।" (କ୍ରମଶଃ)

# ପରିଷ୍କାର ପରିଛନ୍ନତା

ମୃଣାଳମନ୍ତ୍ର



ମୃଣାଳ
ମୋ : ୯୧ ୯୪୩୭୦ ୭୬୧୯୪

କିଛି ଦିନ ତଳେ ଗୋଟେ ଖବର ବାହାରିଥିଲା, ଭାରତୀୟ ରେଲୱେ ଷ୍ଟେସନ ପରିସର, ଟ୍ରେନ ଡବା, ଶୌଚାଳୟ, ଇତ୍ୟାଦିରୁ ଗୁଟଖା ଦାଗ ସଫା କରିବା ପାଇଁ ପ୍ରତିବର୍ଷ ୧୨,୦୦୦ କୋଟି ଖର୍ଚ୍ଚ କରୁଛି । କେଇ ବର୍ଷ ତଳେ କୋଲକାତାର ପ୍ରସିଦ୍ଧ ହାୱଡା ବ୍ରିଜର ସ୍ତମ୍ଭଗୁଡ଼ିକ ଗୁଟଖା ପିକ ପାଇଁ ନଷ୍ଟ ହେବାର ଆଶଙ୍କା ଦେଖାଗଲା। ଅଧିକାରୀମାନେ ଏହି ସ୍ତମ୍ଭଗୁଡ଼ିକୁ ଗୁଟଖା ପିକରୁ ରକ୍ଷା କରିବା ପାଇଁ ତା ଚାରିପାଖରେ ଫ୍ଲେକ୍ସ ଗ୍ଲାସର ଘୋଡ଼ଣୀ ଲଗେଇବାକୁ ବାଧ ହେଲେ। ବହୁ ସରକାରୀ ଅଫିସରେ ଦେଖିବେ ସିଡ଼ି ପାଖରେ ପାନ-ଗୁଟଖା ଛେପ ପଡ଼ିଥିବ । କିଛି ଜାଗାରେ ସିଡ଼ି ବୁଲାଣିରେ ଠାକୁରଙ୍କ ଫଟୋ ଲଗେଇ ଦେଉଛନ୍ତି । ଠାକୁର ଫଟୋ ଦେଖି କାଳେ ଲୋକେ ସେଠି ପାନ ଛେପ ପକେଇବେ ନାହିଁ ।

ମୁଁ ବୁଝିପାରେନି ଆମେ ଏତେ ଅସନା ଆଉ ସର୍ବସାଧାରଣ ସମ୍ପତ୍ତି ପ୍ରତି ଏତେ ବେପରୁଆ କାହିଁକି ? କାହିଁକି ଆମର ସାଧାରଣ ଶୌଚାଳୟ, ଏପରିକି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ହାସପାତାଳର ଶୌଚାଳୟଗୁଡ଼ିକ ଏତେ ଅପରିଛନ୍ନ ? ଶୌଚାଳୟ ବ୍ୟବହାର କରି ଫ୍ଲସ କରିବାକୁ/ପାଣି ଢାଳିବାକୁ ବି ଲୋକେ ନାରାଜ। ଯେହେତୁ ଶୌଚାଳୟଗୁଡ଼ିକ ଅପରିଛନ୍ନ ଏବଂ ବ୍ୟବହାର ଉପଯୋଗୀ ନୁହଁ, ଲୋକେ ଯେଉଁଠି ପରେ ସେଠି ସେ କର୍ମ କରିବାକୁ ବାଧ ହୁଅନ୍ତି । ଫଳ: ସମ୍ପୂର୍ଣ ପରିବେଶ ପୂତିଗନ୍ଧମୟ ।

କାହିଁକି ଆମର ସାଧାରଣ ବିଶ୍ରାମଗାର ଗୁଡିକ ବ୍ୟବହାର ଅଯୋଗ୍ୟ ? କାହିଁକି ଆମ ନର୍ଦ୍ଦମା ଗୁଡିକରେ ଆମେ ଅଳିଆ ଆବର୍ଜନା ପୂରେଇ ତାକୁ ରୁନ୍ଧି ଦଉ ? ନଈ ନାଳରେ ଆବର୍ଜନା ପକେଇ ତାର କଣ୍ଠରୋଧ କରିଦେଉ । କାହିଁକି ପୂଜା, ପାର୍ବଣ, ନେତା ଆଗମନ ବେଳେ ରାସ୍ତା ଖୋଳି ତୋରଣ ତିଆରି କରୁ ? ତୋରଣ ପାଇଁ ଖୋଳା ହୋଇଥିବା ଗାତ କ୍ରମଶଃ ଆକାରରେ ବଢେ, ଦୁଇ ଚାରିଟି ଦୁର୍ଘଟଣା ନ ହେଲା ଯାଏଁ ତାକୁ କେହି ଠିକ କରନ୍ତି ନାହିଁ ।

ଆମର ସାମାଜିକ ସୌଜନ୍ୟବୋଧ, ସାମାଜିକ କର୍ତ୍ତବ୍ୟଜ୍ଞାନ ଏତେ କମ କାହିଁକି ? ପୃଥିବୀର କୌଣସି ସଭ୍ୟ ଦେଶରେ ତାର ନାଗରିକମାନେ ଏମିତି ଆଚରଣ କରନ୍ତି ନାହିଁ । ଆମର ସଭ୍ୟତା ଏତେ ପ୍ରାଚୀନ । ହେଲେ ଆମେ ଏମିତି ଅସଭ୍ୟଙ୍କ ଭଳି ଆଚରଣ କରୁ କାହିଁକି ?

ସବୁବେଳେ- ରାସ୍ତା ପାରି ହେବାଠୁଁ ଦିଅଁ ଦର୍ଶନ ଯାଏଁ, କ୍ରିକେଟ ମ୍ୟାଚର ଟିକଟ କାଟିବାଠୁଁ ସରକାରୀ ଭତ୍ତା ନେବା ଯାଏଁ, ବସ ଟ୍ରେନରେ ଚଢିବାଠୁଁ ସର୍ବସାଧାରଣ ପାର୍କରେ ଫୁଲଗଛରୁ ଫୁଲ ଛିଡ଼େଇବା ଯାଏ – ସବୁକଥାରେ ଆମକୁ ଜଗିବାକୁ, ଆକଟ କରିବାକୁ କେହି ଜଣେ ଲାଠି ଧରି ଜଗିବା ଦରକାର ! ଘର କୋଣରେ ଛେପ ପକାଅ ନାହିଁ ବୋଲି କହିବାପାଇଁ ବି କେହି ଜଣେ ଲାଠିଧାରୀ କହିବା ଦରକାର ? ଭୁବନେଶ୍ୱର ବିମାନବନ୍ଦର ଶୌଚାଳୟ ଭିତରେ ପୋଷ୍ଟର ମରାଯାଇଛି : ପାନଛେପ ପକାନ୍ତୁ ନାହିଁ । ରେଳର ଏସି କମ୍ପାର୍ଟମେଣ୍ଟର ଟୟଲେଟ ଭିତରେ ବି ଲେଖିବାକୁ ପଡୁଛି: ବ୍ୟବହାର କରି ଫ୍ଲସ କରନ୍ତୁ।

ଆମେ ଯଦି ଆମ ଦେଶକୁ, ଆମ ସାହି, ଆମ ପାର୍କ, ଆମ ସ୍କୁଲ, କଲେଜ, ହାସପାତାଳର ପରିଷ୍କାର ପରିଚ୍ଛନ୍ନ ରଖିବାର ଦାୟିତ୍ୱ ନେଇପାରିବୁନି, ତାହେଲେ କିଏ ନେବ ?

ସାଧାରଣ ସ୍ଥାନରେ ଶୃଙ୍ଖଳା ଏବଂ ପରିଷ୍କାର ପରିଚ୍ଛନ୍ନତା ସଭ୍ୟତାର ନିଦର୍ଶନ । ଆମେ ପ୍ରାଚୀନ ଏକ ଦେଶର ଅଧିବାସୀ – ସେତିକି ଦାୟିତ୍ୱଜ୍ଞାନ ତ ଆମର ରହିବା ଦରକାର ।

# ଜନ ବିସ୍ଫୋରଣ ଓ ବିଶ୍ୱ ସମସ୍ୟା



ଡାକ୍ତର ରାଜ କିଶୋର ପଣ୍ଡା
ଅଧ୍ୟକ୍ଷ, ଗ୍ଲୋବାଲ ପିସ ଫାଉଣ୍ଡେସନ
ମୋବାଇଲ ୯୪୩୭୧୨୦୯୯୯

ଆଜିର ବିଶ୍ୱ ପାଇଁ ଜନ ବିସ୍ଫୋରଣ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଏହା ବିଶ୍ୱ ଶାନ୍ତି ଓ ପ୍ରଗତି ପାଇଁ ବାଧକ ସାଜିଛି। ପୃଥିବୀର ଜନସଂଖ୍ୟା ବୃଦ୍ଧି ବିଶ୍ୱବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା।

ଆଜିର ବିଶ୍ୱ ଜନସଂଖ୍ୟା ଆଠ ଶହ କୋଟିରେ ପହଞ୍ଚିବା ସହିତ ୧୯୫୦ ମସିହାର ଜନସଂଖ୍ୟା ୨୫୦ କୋଟିରୁ ବୃଦ୍ଧିପାଇ ଏବେ ୨୦୨୫ ମସିହାରେ ୮୦୦କୋଟିରେ ପହଞ୍ଚିଛି। ୨୦୨୫ ମସିହା ସୁଦ୍ଧା ଆକଳନ କରାଯାଇଥିବା ବିଶ୍ୱ ଜନସଂଖ୍ୟା ଚୀନ ଦେଶକୁ ପଛରେ ପକାଇ ଭାରତ ଏକ ନମ୍ବରରେ ପହଞ୍ଚିଗଲା। ବର୍ତ୍ତମାନ ଭାରତର ଜନସଂଖ୍ୟା ୧୪୬ କୋଟି ଅତିକ୍ରମ କରିସାରିଥିବା ସମୟରେ ଚୀନ ଦେଶର ଜନସଂଖ୍ୟା ୧୪୨ କୋଟିରେ ଅଛି। ଉଭୟ ଦେଶର ସମୁଦାୟ ଜନସଂଖ୍ୟା ସମଗ୍ର ବିଶ୍ୱ ଜନସଂଖ୍ୟାର ପ୍ରାୟ ୩୬ ପ୍ରତିଶତ ଅତିକ୍ରମ କରିସାରିଲାଣି। ଯାହା ଅନୁମାନ କରାଯାଏ ୨୦୫୦ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦୦ କୋଟିରେ ପହଞ୍ଚିବ। ବିଶ୍ୱ ଜନସଂଖ୍ୟା କ୍ଷିପ୍ର ଗତିରେ ବଢ଼ି ଚାଲିଥିବା ସମୟରେ ଏହା ବିଶ୍ୱ ଶାନ୍ତି ଓ ପ୍ରଗତିରେ ପ୍ରତିବନ୍ଧକ ସାଜିଛି।

ସମୀକ୍ଷାରୁ ଜଣାଯାଇଛି ଯେ ପୃଥିବୀରେ କମ ଜନ ସଂଖ୍ୟା ବିଶିଷ୍ଟ ଦେଶମାନେ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶମାନଙ୍କ ଠାରୁ ଅଧିକ ଉନ୍ନତ। ଇଉରୋପିୟାନ ଦେଶ ସମୁହ, ଆମେରିକା, ଋଷିଆ, ଇଉନାଇଟେଡ଼ କିଙ୍ଗଡମ, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଉନ୍ନତ ଦେଶମାନଙ୍କର ଜନସଂଖ୍ୟା ବହୁତ କମ।

କୌତୁହଳର ବିଷୟ ଯେ କେତେକ ରକ୍ଷଣଶୀଳ ଭାରତୀୟ ଏବେ ମଧ୍ୟ ଚାହାଁନ୍ତି ଯେ ଭାରତର ଜନସଂଖ୍ୟା ଆହୁରି ଅଧିକ ବୃଦ୍ଧିପାଇବା ଆବଶ୍ୟକ। କିନ୍ତୁ ଏହା ନିଶ୍ଚିତ ଯେ କ୍ରମବର୍ଦ୍ଧିଷ୍ଣୁ ଅଧିକ ଜନ ସଂଖ୍ୟା ବିଭିନ୍ନ ଦୃଷ୍ଟିକୋଣରୁ ସମଗ୍ର ବିଶ୍ୱ ପାଇଁ କ୍ଷତିକାରକ। ପୃଥିବୀରେ ଅଧିକ ଜନସଂଖ୍ୟା ବିଶିଷ୍ଟ ଦଶଟି ଦେଶ ଯଥା- ଭାରତ, ଚୀନ, ପାକିସ୍ତାନ, ବାଂଲାଦେଶ, ଆମେରିକା, ରୁଷିଆ, ଜାପାନ, ଜର୍ମାନ, ଇଉନାଇଟେଡ଼ କିଙ୍ଗଡ଼ାମ ଓ ଫ୍ରାନ୍ସ ଭଳି ଦେଶଗୁଡିକର ସମୂହ ଜନସଂଖ୍ୟା ବିଶ୍ୱ ଜନ ସଂଖ୍ୟାର ପ୍ରାୟ ୬୫ ଶତକଡାରୁ ଅଧିକ। ପୃଥିବୀର ସବୁଠାରୁ କମ ଲୋକସଂଖ୍ୟା ବିଶିଷ୍ଟ ଦେଶ ଭାଟିକାନ ସିଟିର ଲୋକସଂଖ୍ୟା ମାତ୍ର ୫୦୦।

ଆମ ଦେଶ ଭାରତର ଭବିଷ୍ୟତ ଜନସଂଖ୍ୟା ଆକଳନରୁ ଜଣାଯାଏ ଯେ ୨୦୩୦ ମସିହା ସୁଦ୍ଧା ଭାରତର ଜନସଂଖ୍ୟା ୧୫୨ କୋଟି, ୨୦୪୦ ସୁଦ୍ଧା ୧୬୨ କୋଟି ଏବଂ ୨୦୫୦ ସୁଦ୍ଧା ୧୬୮ କୋଟିରେ ପହଞ୍ଚିବାର ସମ୍ଭାବନା। ତଥ୍ୟ ଅନୁସାରେ ଜଣାଯାଏ ଯେ ବିଗତ ଦୁଇ ଲକ୍ଷ ବର୍ଷ ପୂର୍ବରୁ ବିଶ୍ୱ ଜନସଂଖ୍ୟା ମାତ୍ର ଏକ କୋଟି ଥିବା ସମୟରେ ବିଗତ ୨୦୦ ବର୍ଷ ଭିତରେ ବିଶ୍ୱ ଜନସଂଖ୍ୟା ୮୦୦ କୋଟିରେ ପହଞ୍ଚିଗଲା। ଆଶା କରାଯାଏ ଯେ ୨୦୫୦ ମସିହା ସୁଦ୍ଧା ବିଶ୍ୱ ଜନସଂଖ୍ୟା ୧୦୦୦ କୋଟି ଅତିକ୍ରମ କରିବ। ବର୍ତ୍ତମାନ ସ୍ଥିତିରେ ଜଣାଯାଏ ଜନସଂଖ୍ୟା ଯେତେ ବୃଦ୍ଧି ପାଇବ, ବିଶ୍ୱରେ ବିକାଶ ଧାରା ସେତିକି ବାଧାପ୍ରାପ୍ତ ହେବ। ପୃଥିବୀରେ ଯେତେ ଗୁଡିଏ ସମସ୍ୟା ପ୍ରଭାବବିସ୍ତାର କରିଛି, ପ୍ରତ୍ୟେକ ସମସ୍ୟା ମୂଳରେ ଜନ ବିସ୍ଫୋରଣ ହିଁ ମୁଖ୍ୟ କାରଣ।

ଜନ ସଂଖ୍ୟା ବୃଦ୍ଧିର କାରଣଗୁଡିକ ହେଲା - ଦାରିଦ୍ର୍ୟ, ଶୀଘ୍ର ବିବାହ, ଶିକ୍ଷାର ଅଭାବ, ଅନ୍ଧବିଶ୍ୱାସ, ଯୌନ ଶିକ୍ଷାର ଅଭାବ, ଜନ ସଚେତନତା ଅଭାବ, ନାରୀ ସଶକ୍ତିକରଣ ଅଭାବ, ଅନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମର ଅଭାବ ଇତ୍ୟାଦି।

ସମାଜରେ ଜନସଂଖ୍ୟା ବୃଦ୍ଧିର ପ୍ରଭାବ –

ଦାରିଦ୍ର୍ୟ ବୃଦ୍ଧି, ବେକାରୀ ବୃଦ୍ଧି, ନିରକ୍ଷରତା ବୃଦ୍ଧି, ପରିବେଶ ପ୍ରଦୂଷଣ ବୃଦ୍ଧି, ବିବାଦ ବୃଦ୍ଧି, ଅପରାଧ ବୃଦ୍ଧି, ରୋଗ ଓ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ଦୁର୍ଘଟଣା ବୃଦ୍ଧି, ଦରଦାମ ବୃଦ୍ଧି, ସନ୍ତ୍ରାସବାଦ ବୃଦ୍ଧି, ଶରଣାର୍ଥୀ ବୃଦ୍ଧି, ଦୁର୍ନୀତି ବୃଦ୍ଧି, ଶତ୍ରୁତା ବୃଦ୍ଧି, ଶିକ୍ଷା ସମସ୍ୟା ବୃଦ୍ଧି, ଖାଦ୍ୟ ଅଭାବ, ପାନୀୟ ଅଭାବ, ବାସ ଗୃହ ଅଭାବ, ଜାଳେଣି ଅଭାବ, ଭୂ ସମ୍ପତ୍ତି ଅଭାବ, ପ୍ରାକୃତିକ ସମ୍ପଦ ବୃଦ୍ଧି ଇତ୍ୟାଦି । ଏ ସମସ୍ତ ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିଶ୍ୱ ନେତୃବୃନ୍ଦ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ। ନଚେତ ବିଶ୍ୱ ଜନ ସମୁଦ୍ର ଦିନେ ବିଶ୍ୱ ଧ୍ୱଂସର ମୁଖ୍ୟ କାରଣ ହେବ।

ବିଶ୍ୱର ଏଭଳି ଅଶାନ୍ତ ସ୍ଥିତିରେ ଗ୍ଲୋବାଲ ପିସ ଫାଉଣ୍ଡେସନ ବିଶ୍ୱ ସ୍ତରୀୟ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ କରିବା ସହିତ ସମଗ୍ର ବିଶ୍ୱରେ ସ୍ଥାୟୀ ଶାନ୍ତି, ସ୍ଥିରତା, ସୁରକ୍ଷା ଓ ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱର ପ୍ରତ୍ୟେକ ଦେଶର ସହାଭାଗୀତାରେ ଏକ ସଂଘୀୟ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ବିଶ୍ୱ ସରକାର ଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛି। ପ୍ରସ୍ତାବିତ ବିଶ୍ୱ ସରକାର ଏକ ସାର୍ବଜନୀନ, ରାଜନୈତିକ ଅଧିକାର ସିଦ୍ଧ, ସର୍ବୋଚ୍ଚ ସାମରିକ କ୍ଷମତାପ୍ରାପ୍ତ ବିଶ୍ୱସରକାରର ମାନ୍ୟତା ଲାଭ କରିବ। ଉକ୍ତ ସରକାରର ସର୍ବୋଚ୍ଚ ଆଇନ ପ୍ରଣୟନ କ୍ଷମତା, ପ୍ରଶାସନିକ କ୍ଷମତା, ସର୍ବୋଚ୍ଚ ନ୍ୟାୟ ପ୍ରଦାନ କ୍ଷମତା, ସର୍ବୋଚ୍ଚ ସମରିକ କ୍ଷମତା ଓ ଅର୍ଥନୈତିକ କ୍ଷମତା ଆଦି ବିଶ୍ୱାସ୍ତରୀୟ ସର୍ବୋଚ୍ଚ କ୍ଷମତାର ଅଧିକାରୀ ହୋଇ, ବିଶ୍ୱର କୌଣସି ଦେଶର ଆଭ୍ୟନ୍ତରିଣ ବ୍ୟାପାରରେ ହସ୍ତକ୍ଷେପ ନକରି ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱ ସ୍ତରୀୟ ପ୍ରତ୍ୟେକଟି ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିବା ସହିତ ସମଗ୍ର ବିଶ୍ୱରେ ସୁଖ ଶାନ୍ତି ପ୍ରତିଷ୍ଠା କରିବାକୁ ସକ୍ଷମ ହେବ।

ବିଶ୍ୱ ସରକାର ଗଠନ ସମ୍ପର୍କରେ ବିଶ୍ୱସ୍ତରୀୟ ଜନସଚେତନତା ସୃଷ୍ଟି ହୋଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହେଲେ ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ଦିନେନା ଦିନେ ବିଶ୍ୱ ସରକାର ଗଠନ ହେବ।

ମିଳିତ ଜାତିସଙ୍ଘକୁ ବିଶ୍ୱ ସରକାରର କ୍ଷମତା ପ୍ରଦାନ କରାଗଲେ ମଧ୍ୟ ତାହା ବିଶ୍ୱବାସୀଙ୍କ ପାଇଁ ଗ୍ରହଣୀୟ ହେବ।

ଏ ବିଶାଳ ଜଗତର ଜୟ ହେଉ, ସମଗ୍ର ବିଶ୍ୱରେ ପ୍ରଗତିର ଧାରା ବଜାୟ ରହୁ ଓ ଶାନ୍ତି ପ୍ରତିଷ୍ଠା ହେଉ। ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଆଜିର କାମନା।

# ଜନସଂଖ୍ୟା ବୃଦ୍ଧି ପରିସମ୍ପତ୍ତି ନା ଦେୟତା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ବିଶ୍ୱ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଜନସଂଖ୍ୟା ବୃଦ୍ଧିର ଭୟାବହତା ସମ୍ପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି। ଜନ୍ମହାରକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱବାସୀଙ୍କୁ ସଚେତନ କରାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । କୁହାଯାଏ ଜନସଂଖ୍ୟା ଯେକୌଣସି ଦେଶର ପରିସମ୍ପତ୍ତି । କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ଅଭିବୃଦ୍ଧି ଅଧିକ ହେଲେ ତାହା ପରିସମ୍ପତ୍ତି ହେବା ପରିବର୍ତ୍ତେ ଦେଶ ପାଇଁ ବୋଝ ହୋଇଥାଏ । ଏଠାରେ ସୂଚନାଯୋଗ୍ୟ ଯେ, ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିଥିଲା। ସେତେବେଳେ ବିଭିନ୍ନ ଦେଶର ଚିନ୍ତା ନାୟକ ଓ ନେତୃବର୍ଗ ଜନସଂଖ୍ୟାର ସଙ୍କଟ ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପାଞ୍ଚ ବିଲିୟନ ଦିବସ ଭାବେ ପାଳନ କଲେ। ପରେ ଏହିକଥାକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ୧୯୮୯ ମସିହାରୁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି । ଚଳିତ ବର୍ଷ ୨୦୨୫ରେ ଏହି ଦିବସର ବିଷୟବସ୍ତୁ ରହିଛି- 'ଯୁବକମାନଙ୍କୁ ସଶକ୍ତ କରିବା ଯେପରିକି ସେମାନେ ଏକ ସୁନ୍ଦର ଓ ଆଶାପ୍ରଦ ବିଶ୍ୱରେ ଜୀବନ ଯାପନ କରିପାରିବେ । ଏଥିସହିତ ଯୁବକମାନଙ୍କୁ ଲିଙ୍ଗଗତ ସମାନତା ଓ ଏକ ସ୍ଥିର ଭବିଷ୍ୟତ ଗଠନରେ ସଚେତନ କରାଇବା ।

ଏହି ପରିପ୍ରେକ୍ଷୀରେ ଚିନ୍ତାକଲେ ଜୁଲାଇ ୨୦୨୦ସୁଦ୍ଧା ସମଗ୍ର ବିଶ୍ୱର ଜନସଂଖ୍ୟା ପ୍ରାୟ ୭୭୯ କୋଟି ଟପି ସାରିଥିବା ବେଳେ ୧୯୮୭ ମସିହାରେ ଏହି ସଂଖ୍ୟା ୫୦୦ କୋଟି , ୧୯୯୯ ମସିହାରେ ୬୦୦କୋଟି ୨୦୧୧ ମସହାରେ ୭୦୦କୋଟିରେ ଥିଲା। ଚଳିତବର୍ଷ ଏହା ୮ ବିଲିୟନ ଅର୍ଥାତ ୮, ୨୩୧,୬୧.୦୭୦ରେ ପହ ଛି । ଏହି ବିଶାଳ ଜନସଂଖ୍ୟା ପାଇଁ ସ୍ଥିର ଭବିଷ୍ୟତ ଓ ସମସ୍ତଙ୍କ ପାଇଁ ଅଧିକାର ସୁରକ୍ଷିତ କରିବା ଆମ ପାଇଁ ଏକ ଆହ୍ୱାନ। ସେହିପରି ଆମ ଦେଶର ଲୋକସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଏହା ୧୪୬ କୋଟିରେ ପହ ଛି । ଜନସଂଖ୍ୟା ଦୃଷ୍ଟିରୁ ଭାରତ ସମଗ୍ର ପୃଥିବୀରେ ସର୍ବାଧିକ ଜନବହୁଳ ରାଷ୍ଟ୍ର। ପ୍ରାୟ ୧.୮ କୋଟି ଲୋକ ମୋଟ ଜନସଂଖ୍ୟାରେ ଯୋଗ ଦେଉଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ଅଧିକ ଜନବହୁଳ ଦେଶମଧ୍ୟରେ ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ଇଣ୍ଡୋନେସିଆ, ପାକିସ୍ତାନ,ବ୍ରାଜିଲ, ନାଇଜେରିଆ, ବାଙ୍ଗଲାଦେଶ, ରୁଷ ଓ ମେକ୍ସିକୋର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧୪୫ କୋଟି, ୩୩କୋଟି, ୨୭କୋଟି, ୨୨କୋଟି, ୨୧.୨କୋଟି, ୨୮.୬କୋଟି, ୧୬.୮କୋଟି, ୧୪.୬କୋଟି ଓ ୧୩.୭କୋଟି ରହିଛି । ଏପରିକି ୪୦ହଜାରରୁ କମ୍ ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ସାନ୍ ମାରିନୋ, ମୋନାକୋ, ନାଉରୁ, ଟୁଭାଲୁ, ପାଲାଉ ପ୍ରଭୃତି ରହିଛନ୍ତି । ସେହିପରି ସବୁଠାରୁ କମ୍ ଜନସଂଖ୍ୟାଥିବା ଦେଶହେଉଛି ଭାଟିକାନ୍‌ସିଟି ଯାହାର ଲୋକସଂଖ୍ୟା ମାତ୍ର ୧୦୦୦ ଭିତରେ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟାନ୍ୟ ଉନ୍ନତ ଦେଶ ତୁଳନାରେ ଦକ୍ଷିଣ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରମାନଙ୍କରେ ଜନସଂଖ୍ୟା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ସଂପ୍ରତି ଜନଗଣନା ଅନୁସାରେ ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୬୯ କୋଟି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି। ଆମ ଦେଶର ଜନ ସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନ ସଂଖ୍ୟାର ଆକର ବଢିବାରେ ଲାଗିଛି। ୧୯୨୧ ମସିହାରେ ଭାରତରେ ଜନ ସଂଖ୍ୟା ୨୫ କୋଟି ଥିଲା ବେଳେ ୧୯୯୧ ମସିହାରେ ଏହି ସଂଖ୍ୟା ୮୪.୪ କୋଟିରେ ପହଞ୍ଚିଥିଲା । ଏବଂ ୨୦୧୧ ଜନଗଣନା ଅନୁସାରେ ଏହା ଦୃତ ଗତିରେ ବୃଦ୍ଧି ହୋଇ ୧୨୧.୦୨ କୋଟିରେ ପହଞ୍ଚିଥିଲା। ଏହା ହିଁ ଉଦ୍‌ବେଗର କାରଣ।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପ ବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିୟୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ୧୦୬ ନିୟୁତ ବେକାରୀ ସଂଖ୍ୟା ଥିଲା ।

ଭାରତ ଭଳି ଏକ ବିକଶିତ ରାଷ୍ଟ୍ରର ଆର୍ଥିକ ବିକାଶ ନିମିତ୍ତ ପୁଞ୍ଜି ଗଠନର ବିଶେଷ ଗୁରୁତ୍ୱ ରହିଛି । ତେବେ ଜନସଂଖ୍ୟା ଦୃତହାରରେ ବୃଦ୍ଧି ପାଇବା ଦ୍ୱାରା ଲୋକମାନଙ୍କର ଅଧିକ ଖର୍ଚ୍ଚ ଉପଭୋକ୍ତା ସାମଗ୍ରୀରେ ହୋଇଥାଏ, ଫଳରେ ସଞ୍ଚୟ ଆୟବୃଦ୍ଧି ସହିତ ତାଳଦେଇ ବୃଦ୍ଧି ପାଇନଥାଏ । ଏହା ପୁଞ୍ଜି ଗଠନରେ ସାହାଯ୍ୟ କରେନାହିଁ ଓ ଦେଶ ଆର୍ଥିକ ଅଭିବୃଦ୍ଧି ନିମିତ୍ର ଅନ୍ୟ ଦେଶ ଉପରେ ନିର୍ଭର କରିଥାଏ । ଛୋଟ ପିଲା, ବୃଦ୍ଧ ଓ ୧୫ ରୁ ୫୯ ବର୍ଷ ବୟସ ଗୋଷ୍ଠୀ ମଧ୍ୟରୁ ବେକାର ଥିବା ଲୋକମାନଙ୍କୁ ଅଣଉତ୍ପାଦୀ ଉପଭୋକ୍ତା ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥାଏ। ପୂର୍ବ ସୂଚନା ଅନୁସାରେ ୧୫ ବର୍ଷରୁ କମ୍ ବୟସର ଅଣଉତ୍ପାଦୀ ଲୋକସଂଖ୍ୟା ମୋଟ ଲୋକସଂଖ୍ୟାର ୩୧.୧ ପ୍ରତିଶତ ଓ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ପ୍ରାୟତଃ ୮.୩ ପ୍ରତିଶତ । ଏଣୁ ମୋଟ ୩୯.୪ ବା ୪୦ ପ୍ରତିଶତ ଲୋକ ଅଣଉତ୍ପାଦୀ ଉପଭୋକ୍ତା । ଜନସଂଖ୍ୟାର ବୃଦ୍ଧିସହ ଏହି ନିର୍ଭରଶୀଳ ଉପଭୋକ୍ତାଙ୍କ ସଂଖ୍ୟାର ବୃଦ୍ଧି ହେତୁ, ସେମାନଙ୍କ ଜୀବନଧାରଣ ନିମିତ୍ତ ଆମକୁ ଜାତୀୟ ଆୟର ବହୁ ଭାଗ ଖର୍ଚ୍ଚ କରିବାକୁ ହେଛି । ଏହାଦ୍ୱାରା ସଞ୍ଚୟ କମୁଛି ଓ ସାଧାରଣ ଭାବେ ସମସ୍ତଙ୍କ ଜୀବନଧାରଣର ମାନରେ ଉଲ୍ଲେଖନୀୟ ଉନ୍ନତି ଦେଖାଯାଉନାହିଁ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମିତ୍ତ ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ – ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ। ଜଳ, ଜଙ୍ଗଲ, ବାୟୁ, ମୃ କା ନାନାଭାବରେ ପ୍ରଭାବିତ ହେଉଛନ୍ତି । ମୃତ୍ତିକା, ଜଙ୍ଗଲ କ୍ଷୟ ଦ୍ୱାରା ମୌସୁମୀ ନିୟମିତ ଭାବେ ପ୍ରବାହିତ ହୋଇନପାରି, ପୃଥିବୀର ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି । ଏଣୁ ଜନସଂଖ୍ୟା ବୃଦ୍ଧି ଆଦିର ଅସ୍ୱାସ୍ଥ୍ୟ ପରିବେଶ ଓ ପ୍ରଦୂଷିତ ପର୍ଯ୍ୟାବରଣ ନିମିତ୍ତ ବହୁ ପରିମାଣରେ ଦାୟୀ।

ଜନ ବିସ୍ଫୋରଣର ପ୍ରଭାବ ସୁଦୂରପ୍ରସାରୀ । ଦ୍ରୁତ ଅର୍ଥନୈତିକ ପ୍ରଗତି ପଥରେ ଏକ ପ୍ରଧାନ ଅନ୍ତରାୟ। ଦେଶର ବହୁ ଉନ୍ନତି ସତ୍ତ୍ୱେ ସାଧାରଣ ବ୍ୟକ୍ତିର ଜୀବନ ନିର୍ବାହର ମାନଦଣ୍ଡରେ ଉଲ୍ଲେଖନୀୟ ପ୍ରଗତି ହାସଲ ହୋଇପାରିନାହିଁ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ବା (ଜନ ବିସ୍ଫୋରଣ) ଏକ ମୁଖ୍ୟ କାରଣ । ତେଣୁ ଏହାକୁ ପ୍ରତିହତ କରିବା ପାଇଁ ଆମକୁ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ । ସେଗୁଡିକ ହେଲା ଅର୍ଥନୈତିକ ସଂସ୍କର, ସାମାଜିକ ସଂସ୍କାର, ପରିବାର ନିୟନ୍ତ୍ରଣ ଯୋଜନା ଓ ପ୍ରଶାସନିକ ସଂସ୍କାର। ଏଥି ନିମନ୍ତେ କୃଷିର ଆଧୁନିକିକରଣ, ଶିଳ୍ପ ବିକାଶ, ସହରି କରଣ , ଦାରିଦ୍ର୍ୟ ଦୁରୀକରଣ, ବିବାହ ବୟସ ବୃଦ୍ଧି, ଶିକ୍ଷା ବିଶେଷ କରି ମହିଳା ଶିକ୍ଷାର ପ୍ରସାର, ମହିଳା ସଶକ୍ତିକରଣ, ପରିବାର ନିୟୋଜନ ବ୍ୟବସ୍ଥାର ସମ୍ପ୍ରସାରଣ ସହ ଦୁଇଟି ସନ୍ତାନ ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଏଥିନିମନ୍ତେ ପ୍ରୋତ୍ସାହନ ଦିଆଗଲେ ଏହି ବର୍ଦ୍ଧିତ ଜନସଂଖ୍ୟା ଉପରେ ନିୟନ୍ତ୍ରଣ ରଖାଯାଇପାରିବ। ଯାହା ଫଳରେ ଜନସଂଖ୍ୟା ବିକାଶର ବାଧକ ନହୋଇ ବିକାଶରେ ସହାୟକ ହେବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ମଧୁମାଳତୀ

ଭାଗୀରଥି ବେହେରା

ସୁନ୍ଦର ଘର, ସୁନ୍ଦର ବର ଓ ସୁନ୍ଦର ପରିବାର ଥାଇ ବି ନିରସ ଜୀବନ ବିତାଉଥିଲା ମାଳତୀ । ସାତବର୍ଷର ଦାମ୍ପତ୍ୟ ଜୀବନକୁ ଆହୁରି କୋଳାହଳମୟ କରିବାକୁ ସନ୍ତାନଟିଏ କୋଳକୁ ଆସିଲା ନାହିଁ। ଶେଷରେ ସ୍ୱାମୀ ମହେନ୍ଦ୍ର, ଶାଶୁ ଶ୍ୱଶୁର, ନଣନ୍ଦ ସବୁ ନିଷ୍ପତ୍ତି ନେଇଛନ୍ତି ମେଡିକାଲ ପଦ୍ଧତିରେ ଛୁଆ ଧାରଣ କରିବେ ଠିକ୍ ଛଅମାସ ପରେ । ମାଆ ବାପା ହେବାକୁ ଦୁହିଁଙ୍କ ମଧ୍ୟରେ କୌଣସି ଅସୁବିଧା ନଥିଲା । କିନ୍ତୁ ଆହୁରି ଡେରି ନ ହେଉ ବୋଲି ସବୁ ବୁଝାସୁଝା ସରିଛି ।

ଏମିତି ସମୟରେ ଗାଁରୁ ପିଲାବେଳର ସାଥୀ ମଧୁସୂଦନ ସହ ଭେଟ ତା ଜୀବନରେ ସ୍ୱଚ୍ଛ ଆନନ୍ଦ ଭରିଛି। ଘର ଅଗଣାରେ ଶ୍ୱଶୁର ସହ ସ୍ୱାମୀ ମହେନ୍ଦ୍ର ଏବଂ ମଧୁସୂଦନ ବସି ଆଲୋଚନା କରୁଥିଲେ । ମାଳତୀ କଫି ନେଇଆସିଲା । ଟେବୁଲ୍ ପାର୍ଶ୍ୱରେ ମଧୁସୂଦନ ଆଣିଥିବା ଗୋଟିଏ ଛନଛନିଆ ମଧୁମାଳତୀର ଚାରା।

-'ବାବା ! ଏସବୁ ତୁମେ ବିଶ୍ୱାସ କରୁଛ କି ?' ପଚାରି ବସିଲା ମହେନ୍ଦ୍ର ତା ବାପାକୁ । ମାଳତୀ କଣେଇ ଚାହିଁଲା ମଧୁସୂଦନକୁ ।

-'ଦେଖ ମହେନ୍ଦ୍ର ! ଯେଉଁଠି ମେଡିକାଲ ହାରେ ସେଇଠି ବିଶ୍ୱାସ ଓ ଭକ୍ତି ହିଁ କାମ ଦିଏ। ଏ ବଗିଚାରେ ଅନେକ ଫୁଲଗଛ । ଘରଗେଟ୍ ଆଗରେ ଲଗେଇଦେଲେ ମଧୁମାଳତୀ ତା ଶୋଭା ବଢ଼େଇବ । ଅସୁବିଧା କୋଉଠି ?'

ବାପାଙ୍କର ଏମିତି କଥା ଶୁଣି ମହେନ୍ଦ୍ର ଅନେଇଲା ମାଳତୀକୁ ପ୍ରଶ୍ନବାଚୀ ଆଖିରେ । ମାଳତୀ ଉଠି ଚାଲିଗଲା ଅଭିମାନର ଭାବ ନେଇ ।

-'ମହେନ୍ଦ୍ର ବାବୁ ସ୍ୱାମୀ ସିନା ହୋଇଗଲେ, କିନ୍ତୁ ସ୍ତ୍ରୀର ଭାବନାକୁ ବୁଝିପାରିଲେ ନାହିଁ । ଯାହା ହେବାର ଥିବ ହେବ, କିନ୍ତୁ ତା' ମନରେ ବଞ୍ଚିବାର ଭାବ ତ ବଞ୍ଚେଇ ରଖିବାକୁ ହେବ କି ନା ! ଅନେକ ବର୍ଷ ପରେ ମୁଁ ତାକୁ ଭେଟିଲି । ଏଠି ଚାରି ପାଞ୍ଚମାସ ପାଇଁ ଆସିଅଛି ଗୋଟିଏ ଉଦ୍ଦେଶ୍ୟ ନେଇ, ଏମିତି ମାଳତୀ ସହ ଭେଟ ହୋଇଗଲା। ମାତୃତ୍ୱ ପ୍ରାପ୍ତ ନ ହେବାର ପୀଡା ଜଣେ ନାରୀ ହିଁ ଜାଣିପାରେ ଯେହେତୁ ସମାଜକୁ ସାମନା କରିବାକୁ ପଡେ ସେମାନଙ୍କୁ । ଆମ ଗାଁରେ ମୋ ଘର ସମ୍ମୁଖ ମଧୁମାଳତୀ ମାମୁଲି ନୁହଁ । ମୁଁ ବି ଶୁଣିଛି ଓ ଦେଖିଛି ଯେଉଁ ବିବାହରେ ଆମ ଘରଦୁଆର ମଧୁମାଳତୀ ବ୍ୟବହାର ହେଉଛି, ସେମାନଙ୍କ ଘରେ ଶୀଘ୍ର ଶୀଘ୍ର ଛୁଆ ଜନ୍ମିଛି । ଧିରେ ଧିରେ ଏମିତି ହେଲା ଯେ ସନ୍ତାନ



ହେଉନଥିବା ଦମ୍ପତି ତାଙ୍କରି ଘରେ ଲଗେଇ ପୂଜା କଲେ । ମୁଁ କେବଳ ସେଇକଥା ତାକୁ କହିଥିଲି ଓ ଆଜି ଫୁଲଚାରା ନେଇ ଆସିଅଛି । ସେ ବି ଆମ ଗାଆଁ ଝିଅ । ଭଲକି ଜାଣିଛି ମଧୁମାଳତୀ ବିଷୟରେ । ମଝିରେ ମଝିରେ ମୁଁ ଆସି ଦେଖିବି ଯେ କେତେଶୀଘ୍ର ଫୁଲ ଫୁଟିବ । ଯେମିତି ଫୁଲ ଫୁଟିବ, ଆପଣଙ୍କ ଅଗଣା ମହକି ଉଠିବ । ଆଉ ଯଦି ଈଶ୍ୱରଙ୍କ ଆଶୀର୍ବାଦ ମିଳେ, ହେଇପାରେ ଆପଣଙ୍କ ଘରେ ପିଲାର କାନ୍ଦଣା ଶୁଭିବ। ମାଳତୀର ମନ ଲାଗିରହିବ । ବିଶ୍ୱାସ ମୂଳେ ଏ ଜଗତ ।'

ମଧୁସୁଦନର କଥା ନ ସରୁଣୁ ଶ୍ୱଶୁର ଚାରାନେଇ ଲଗେଇବା ପାଇଁ ଉଠିଗଲେ । ମହେନ୍ଦ୍ର ସ୍ତ୍ରୀ ମାଳତୀର ଖୁସି ଛଡା ଆଉ ଅଧିକ କିଛି ଭାବିବାର ନଥିଲା। ବିଚାରି ଏବେ ଫୁଲଗଛ ପଛରେ କେତେଦିନ ବ୍ୟସ୍ତ ରହିଯିବ । ଅନ୍ତତଃ ଆସନ୍ତା ପାଞ୍ଚ ଛ ମାସ । ବଡ କଷ୍ଟରେ ତ ରାଜିହୋଇଛି ସେ । ନ ହେଲେ ମନା କରିଦେଲେ ପୁଣି ଦାମ୍ପତ୍ୟ ଓ ପାରିବାରିକ କଳହ ।

ହଠାତ୍ ଦିନ ଦ୍ୱିପହରରେ ଗେଟ୍ ଖୋଲି ଶୀଘ୍ର ଶୀଘ୍ର ପଶିଆସିଲେ ମହେନ୍ଦ୍ର ହାତରେ କାଗଜଟିଏ ଧରି । 'ମାଳତୀ ମାଳତୀ, ବାବା, ବୋଉ ! କିଏ କୋଉଠି ଆଛ ? ଖୁସି ଖବର । ଚମତ୍କାର ଘଟିଗଲା । ଆଉ ଆମକୁ ମେଡିକାଲ ପଦ୍ଧତି ଆପଣେଇବାକୁ ପଡ଼ିବ ନାହିଁ। ବୋଉ ହାତରେ ମେଡିକାଲ ରିପୋର୍ଟ ଖଣ୍ଡିକ ଦେଉ ଦେଉ ମହେନ୍ଦ୍ର ବେଡରୁମ ଭିତରକୁ ପଶି ମାଳତୀକୁ କୋଳେଇ ଚୁମ୍ବନ ପର ଚୁମ୍ବନ ବର୍ଷା କରିବାକୁ ଲାଗିଲା ।

,-'ମାଳତୀ ! ତୁମ ମଧୁମାଳତୀ ଚମତ୍କାର କରିଦେଲା । ଦୁଇ ଦିନ ତଳେ ଚେକ୍‌ଅପ ପାଇଁ ଯେଉଁ ମେଡିକାଲ ଯାଇଥିଲେ ତାହାର ରିପୋର୍ଟ ଆସିଅଛି। ତୁମେ ମାଆ ହେବାକୁ ଯାଉଛ । କେତେ ଖୁସି ମୁଁ କହିପାରିବି ନାହିଁ । ମୁଁ ବାପା ହେବାକୁ ଯାଉଛି । ଡାକ ଡାକ ତୁମ ବନ୍ଧୁ ମଧୁସୁଦନକୁ ଡାକ। ତାକୁ ଆଜି ଗୋଟିଏ ପାର୍ଟି ଦେବା ।

ସ୍ୱାମୀର ବାହୁରେ ଆବଦ୍ଧ ହୋଇଥିବା ମାଳତୀ ଏକ ଲୟରେ କେବଳ ଅନେଇ ରହିଥିଲା ଫୁଲଭର୍ତ୍ତି ଗେଟ୍ ଆଡ଼କୁ । ତା' ଆଖିର ଲୁହକୁ ସେ ଲୁଚେଇବାକୁ ଚାହୁଁ ନ ଥିଲା । କେବଳ ବାଟ ଖୋଜୁଥିଲା କେମିତି ଓ କେବେ କହିବ ବାକିଥିବା କାମ ସରିଗଲା ପରେ ମଧୁସୁଦନ ଫେରିଯାଇଛି। ତାର କାମ କେବଳ ଥିଲା ଯେ ତା' ଅଗଣାରେ ମଧୁମାଳତୀ ଫୁଟାଇବା।

ଏବେ ମାଳତୀର କାମ ହେଲା କେମିତି ତାକୁ ଜୀବନ ତମାମ ବଞ୍ଚେଇ ରଖିବ....।

ମାଳି ସାହି, ବାରିବନ୍ଧ, ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ -୭୬୦୦୧୦ ମୋ - ୮୭୬୩୨୦୨୬୨୨

# ମା'

ମୂଳ ହିନ୍ଦୀ - ପ୍ରଫେସର ରଣଯୋଧ ସିଂହ, ହିମାଚଳ ପ୍ରଦେଶ
ଅନୁବାଦ-ପ୍ରଭାତ କୁମାର ମହାପାତ୍ର

ଚାକିରିରୁ ଅବସର ନେବା ପରେ ବି ମୁଁ ସକ୍ରିୟ ଜୀବନ ଜିଇଁବା ପାଇଁ ଇଚ୍ଛା ପ୍ରକାଶ କରିଥିଲି । ତେଣୁ ଅଳ୍ପ ବହୁତ ସମାଜ ସେବାରେ ମନୋନିବେଶ କଲି । ପ୍ରାୟ ପ୍ରତ୍ୟେକ ଦିନ ମୋତେ କୌଣସି ନା କୌଣସି ମିଟିଂରେ ଯିବାକୁ ପଡୁଥିଲା। ସେହି ଦିନ ବି ମୋତେ ଏକ ସ୍ୱତନ୍ତ୍ର ସଭାକୁ ଯିବାପାଇଁ ପ୍ରସ୍ତୁତ ହେବାକୁ ପଡ଼ିଥିଲା । ଖୁବ୍ ଶୀଘ୍ର ଜଳଖିଆ କରି ସାରି ଘରୁ ବାହାରକୁ ଚାଲିଗଲି । ଜଳଖିଆ ମୁଁ ମାଆଙ୍କ ରୁମ୍‌ରେ ହିଁ କରି ଆସିଥିଲି କାରଣ ମା'କୁ ଟିକିଏ ଆଶ୍ୱସ୍ତି ଲାଗିବ ଯେ, ମୁଁ ସଭା ଯିବା ପୂର୍ବରୁ କିଛି ଖାଇକି ହିଁ ଯାଇଛି ! ଯାଉ ଯାଉ ଧର୍ମ ପତ୍ନୀ ଓ ମା' ଉଭୟଙ୍କୁ ଏହା କହି ଯାଇଥିଲି ଯେ, ମୋ ପାଇଁ ମଧ୍ୟାହ୍ନ ଭୋଜନ କରିବ ନାହିଁ, କାରଣ ମୁ ମିଟିଂରେ ହିଁ ଖାଇ ଆସିବି । କିନ୍ତୁ ଘରୁ ବାହାରିବା ପରେ ଜଞ୍ଜାଳ ଭିତରେ ଏପରି ପେଶି ହୋଇ ଯାଇଥିଲି ଯେ, ଖାଇବା ପାଇଁ ମଧ୍ୟ ସମୟ ମିଳିଲା ନାହିଁ ! ଯେମିତି ଘରକୁ ଫେରିଲି ପ୍ରଥମେ ମାଆ ସହିତ ସାମ୍ନା ସାମ୍ନି ହେଲା। ହଠାତ୍ କଣ ହେଲା କେଜାଣି ମୋ ମୁହଁକୁ ଦେଖି



ସଙ୍ଗେ ସଙ୍ଗେ କିଛି ଚିନ୍ତା ପ୍ରକଟ କରି କହିବାକୁ ଲାଗିଲା, ତୁ ଆଜି ମଧ୍ୟାହ୍ନ ଭୋଜନ ଖାଇନୁ ନା ? ମା' ସାମ୍ନାରେ ମିଛ କହିବାର ସାହସ ତ ନ ଥିଲା ତଥାପି ମୁଁ ସମସ୍ତ ସାହସ ଏକାଠି କରି ପ୍ରତିପ୍ରଶ୍ନ କଲି, ମା ତୁ କେମିତି ଜାଣିଲୁ ଯେ, ମୁଁ କିଛି ଖାଇ ନାହିଁ ବୋଲି ! ମା ଉତ୍ତର ଦେଲା, ଆଜି ଦ୍ୱିପ୍ରହରରେ ଯେତେବେଳେ ମୁଁ ଖାଇବା ପାଇଁ ପ୍ରଥମ ଥର ପାଟି ଭିତରକୁ ନେବା ପାଇଁ ଚେଷ୍ଟା କଲି, ସେତେବେଳେ ମୋ ହାତ ମୁଠାରୁ ସବୁ ଖସି ତଳେ ପଡ଼ିଗଲା ! ମୁଁ ବହୁ ସାବଧାନ ସହ ପୁଣି ଥରେ ଖାଇବା ପାଇଁ ଚେଷ୍ଟା କଲି ପରନ୍ତୁ ସେହି ମୁଠାକ ମଧ ତଳେ ପଡି ଗଲା ! ମୁଁ ସଙ୍ଗେ ସଙ୍ଗେ ବୁଝି ପାରିଲି ଯେ, ମୋ ପୁଅ ଆଜି କିଛି ନ ଖାଇ ଉପାସରେ ଥିବ ! ଆଉ କହିଲୁ ଦେଖ ପୁଅ ! ତୁ ନ ଖାଇବା ଯାଏ ମୁଁ କେବେ କଣ ଅନ୍ନ ଗ୍ରହଣ କରିଛି ? ମା'ର ଏଭଳି ଯୁକ୍ତି ଆଗରେ ମୁଁ ହାର ମାନିବାକୁ ବାଧ ହେଲି । ମୋ ଅଜାଣତରେ କେତେବେଳେ ଆଖିରୁ ଦୁଇ ଧାର ଲୁହ ବୋହି ଯାଇଥିଲା ମୁଁ ଜାଣି ପାରିଲି ନାହିଁ !!

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋବାଇଲ୍ ୭୮୯୪୦୦୫୪୫୫

# ପ୍ରାୟଶ୍ଚିତ

ସୁଦର୍ଶନ ମହାପାତ୍ର

ନୂଆବଜାର ଓଭରବ୍ରିଜ ଅତିକ୍ରମ କରି ସେଇ ରାସ୍ତାରେ ଆଗକୁ ବଢ଼ିଲେ ସନସାଇନ ପଡିଆ ବାମ ପାର୍ଶ୍ୱରେ ପଡ଼େ । ଆଉ ଟିକିଏ ଆଗକୁ ଗଲେ ମାଛ ମାର୍କେଟ ଏବଂ ସେଇ ରାସ୍ତାରେ ଖୋଜେ ବଢିଲେ ମୋ/ଆମ ବସର ରହଣି ସ୍ଥାନ।

ଏବେ ସେଇ ପଟ ଦେଇ କେହି ଗଲେ ନିଶ୍ଚୟ ଦୃଷ୍ଟିରେ ପଡିବ ଛୋଟ ହ୍ରଦ ଭଳି ପାଣିର ଚକଡାଟିଏ । ଲଗାଣ ବର୍ଷାରେ ବେହାଲ ଏବେ ସେଇ ଜାଗା। ଯେମିତି ସବୁ ପାଣି ଗଡିଆସି ସେଇଠି ଭର୍ତ୍ତି ହୋଇ କୃତ୍ରିମ ହ୍ରଦଟେ ସୃଷ୍ଟି କରିଛି।

ମୋର ସେଇ ରାସ୍ତା ଦେଇ ମହାନଦୀ ବିହାର ଯିବାର ଥିଲା । ମୁଁ ଥିଲି ବାମ ପାର୍ଶ୍ୱରେ ଏବଂ ସେଇ ପଟରେ ସାମାନ୍ୟ ଉଚ୍ଚା ଥିଲା ତ ରାସ୍ତା ଝାପସା ଦେଖାଯାଉଥିଲା। ସାମ୍ନାରୁ ଆସୁଥିଲା ଝିଅଟିଏ ଏବଂ ସେ ତା'ର ସ୍କୁଟିର ହ୍ୟାଣ୍ଡେଲକୁ ସାମାନ୍ୟ ଡାହାଣ ପଟକୁ ମୋଡି ମୋ ରାସ୍ତାକୁ ଅକ୍ତିଆର କରି ହ୍ରଦଟିକୁ ପାରି କରିବାର ଚେଷ୍ଟାରେ ଥିଲା।

ହେଲେ ମୁଁ ନଛୋଡବନ୍ଧା। ଜାଣିଶୁଣି ମୁଁ ମୋ ରାସ୍ତାରେ ଯିବାର ଜିଦ୍‌ରେ ଅଟଳ ରହିଲି ଏବଂ ବିଚାରୀ ବାଧ ହୋଇ ଉବୁଟୁବୁ ପାଣି ମଧ୍ୟରେ ଗାଡି ଚଲେଇଲା। ତା ଅବସ୍ଥା କ'ଣ ହେବ ଦେଖିବା ମତଲବରେ ହିଁ ମୁଁ ନଥିଲି। ଏମିତି ତ ସେ ରାସ୍ତାରେ କେହି ବି ସାମାନ୍ୟତମ ଅନ୍ୟମନସ୍କ ହେବାକୁ ଚାହିଁବ ନାହିଁ।

ସେତକ ପଥ ଅତିକ୍ରମ କରିସାରିବା ପରେ ମୁଁ ଆଶ୍ୱସ୍ତ ହେଲି । କାମ ସାରି ଫେରିଲି ପୁଣି ସେଇ ରାସ୍ତାରେ। ମନେ ଥିଲା ଆସିଲା ବେଳର କଥା। ନିଜ ବୁଦ୍ଧିମତାକୁ ପ୍ରଶଂସା କରିବା ପୂର୍ବକ ଟିକିଏ ସମୟ ଅପେକ୍ଷା କଲି ହ୍ରଦ ବାହାରେ। ଉଦ୍ଦେଶ୍ୟ ଥିଲା ଡାହାଣ ପଟ ରାସ୍ତା ନିରୋଳା ହେଲେ ସେଇ ପଟ ଦେଇ ହ୍ରଦଟିକୁ ଅତିକ୍ରମ କରିବା ପାଇଁ।

ଟିକିଏ ପରେ ସେଇ ସୁଯୋଗ ଉପଗତ ହେଲା। ମୁଁ ବାଇକ୍ ଷ୍ଟାର୍ଟ କଲି। ସାବଧାନ ପୂର୍ବକ ସାମାନ୍ୟ ଡାହାଣ ପଟକୁ ରଖି ଗାଡି ଚଲେଇଲି। ଦଶ ସେକେଣ୍ଡ ଯାଇଛି କି ନାହିଁ ସାମ୍ନାରୁ ଆସିଲା ଗୋଟିଏ ବୁଲେଟ। ଆରୋହୀ ଦୁଇ ଜଣ ପିଲା। ମୋ ଆଖି ବୁଲେଟ ଚାଳକ ଉପରେ ପଡିଲା ତ ଦେଖିଲି ମୋ ଉପରେ ନିବଦ୍ଧ ତା'ର ଘୃଣା କିମ୍ବା ତାଚ୍ଛଲ୍ୟର ଦୃଷ୍ଟି।

ବୁଲେଟର ତୀବ୍ର ଗତି ସାମାନ୍ୟ କମ୍ ହେଲା ନାହିଁ। ଦୁଇ ଚକ ତଳୁ ଛିଟିକି ପଡୁଥିଲା ମଇଳା ପାଣି। ସାମାନ୍ୟ ଡାହାଣ ପଟରେ ଥିବାରୁ ମୋ ଅପରାଧ ସେମାନଙ୍କ ପକ୍ଷରେ ଥିଲା ଅକ୍ଷମଣୀୟ। ମୋତେ ପ୍ରାୟ ଛୁଇଁଲା ନଛୁଇଁଲା ଭଳି ଦୂରତ୍ୱ ରଖି ସେମାନେ ଆସୁଥିଲେ। ମୋତେ ସେମାନେ ଅତିକ୍ରମ କରି ଗଲାବେଳକୁ ମୁଁ ବାଇକ ସହ



ପଡ଼ିଗଲି ବାମ ପାର୍ଶ୍ୱକୁ।

ବୁଲେଟ ଚାଳକ ପଛରେ ବସିଥିବା ପିଲାଟି ମୋତେ ଠେଲି ଦେଲା ଭଳି ଲାଗିଥିଲା। ହେଲେ ନିରୁପାୟ !

ଉପସ୍ଥିତ ଦେଖଣାହାରୀ ଆଚମ୍ବିତ। ପାଣିରେ ପଡି ମୁଁ ବିଶେଷ କିଛି ଯନ୍ତ୍ରଣା ଅନୁଭବ କରୁନଥିଲି । ହେଲେ ପଛରେ ବସିଥିବା ପିଲାଟିର ନେଫଡା ହସ ମୋତେ କ୍ଷତାକ୍ତ କରିଥିଲା।

ଦୁଇ ଜଣ ସକାଳ ଭ୍ରମଣକାରୀ ଲୋକ ମୋତେ ସାହାଯ୍ୟ କରିବାକୁ ପାଖକୁ ତ୍ୱରିତ ଆସିଗଲେ। ଦୁହେଁ ମୋରି ବୟସର ପ୍ରାୟ। ମୋତେ ଉଠାଇବାକୁ ଉଦ୍ୟତ ହେଲାବେଳକୁ ମୁଁ ଛାଏଁ ସେ ପାଣି ଭିତରୁ ନିଜକୁ ଉଦ୍ଧାର କରିସାରିଥିଲି ।

ସେମାନେ ଦୁହେଁ ମିଶି ମୋ ହୋଣ୍ଡା ସାଇନ୍ ବାଇକ୍‌କୁ ଉଠାଇଲେ ଏବଂ ଗଡ଼ାଇ ନେଇ ଶୁଖିଲା ଜାଗାରେ ରଖିଲେ। ସେମାନଙ୍କ ପଛେ ପଛେ ମୁଁ ବି ବିପଦ ମୁକ୍ତ ଜାଗାକୁ ଆସିଲି ।

ସେଇ ଦୁଇ ମହାତ୍ମାଙ୍କୁ ଅଜସ୍ର ଧନ୍ୟବାଦ ଦେବାକୁ ମୁଁ କୁଣ୍ଠିତ ହେଲି ନାହିଁ।

' ଆଜିକାଲି ,ଲୋକଙ୍କ ଭିତରୁ ମଣିଷପଣିଆ ଯେମିତି ଉଭାନ ହୋଇ ଯାଉଛି । ସାମାନ୍ୟତମ ବିବେକବାନ ହେବାକୁ କୁଣ୍ଠିତ ହେଉଛନ୍ତି । ଆଉ ଏ ଛତରା ପିଲାଙ୍କ କଥା ତ କହିଲେ ନସରେ। ଏଇ ଘଣ୍ଟାଏ ପୂର୍ବରୁ ମୋ ଝିଅ ଏଇ ବାଟ ଦେଇ ଯାଉଥିଲା। ଆଉ ଟିକକରେ ସେ ପଡୁ ପଡୁ ରକ୍ଷା ପାଇଗଲା ବୋଲି କହୁଥିଲା।' ମୋତେ ପ୍ରବୋଧନା ଦେବା ଛଳରେ କହିଲେ ଜଣେ ଭଦ୍ରବ୍ୟକ୍ତି ।

ଏକଥା ଶୁଣିବା ପରେ ମୋର ସର୍ବାଙ୍ଗ ଯେମିତି ଜଳିଲା ଭଳି ଲାଗିଲା। କଟା ଘା ରେ ଚୂନ ପ୍ରାୟ।

ପ୍ରତ୍ୟେକ ପାପର ପ୍ରାୟଶ୍ଚିତ ଏଇ ଜନ୍ମରେ ହିଁ ଭୋଗାଭୋଗ କରିବାକୁ ହୁଏ ପ୍ରତୀୟମାନ ହେଲା। ନିଜକୁ ଆହୁରି ଅଭିଶାପ ଦେବାକୁ ଲାଗିଲି।

ତଥାପି ଦୁର୍ଦ୍ଦଶା ସରି ନଥିଲା। ଗାଡି ଆଉ ଷ୍ଟାର୍ଟ ହେଲା ନାହିଁ। ଗ୍ୟାରେଜ ସନ୍ଧାନରେ ଗାଡି ଗଡେଇବା ଆରମ୍ଭ କଲି । ଏତିକି ବେଳକୁ ମୋତେ ଲାଗିଲା ପିଠି ପଟରେ କେଉଁଠି ରୁକୁ ରୁକୁ ହୋଇ ଯନ୍ତ୍ରଣା ହେଉଛି...!!!

କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ଶାସ୍ତି

ସତ୍ୟନାରାୟଣ ପ୍ରଧାନ

ଗାଁର ଶେଷ ମୁଣ୍ଡ ବରଗଛ ତଳେ କାହିଁ କେତେ ବେଳରୁ ଲୋକମାନଙ୍କର ଥିଲା ଅପେକ୍ଷା। କାହାକୁ କିପରି ନ୍ୟାୟ ମିଳୁଛି ତାହା ଦେଖିବା ପାଇଁ ସମସ୍ତଙ୍କ ମନରେ ଉତ୍କଣ୍ଠା । ନ୍ୟାୟ ପ୍ରଦାନ କରୁଥିବା ମହାଶୟଙ୍କ ନିଜ ସାନ ପୁଅ ଥିଲା ଅଭିଯୁକ୍ତ । ସେ ଜଣେ ଗରିବ ଘରର ଝିଅକୁ କଲେଜରେ ପାଠ ପଢିବାକୁ ଗଲା ବେଳେ କମେଣ୍ଟ ପାସ କରି ଆନନ୍ଦ ପାଉଥିଲା ।

ସତ୍ୟ ଧର୍ମ ନ୍ୟାୟ ବାଟରେ ଚାଲିବା ପାଇଁ ସମସ୍ତଙ୍କୁ ମାର୍ଗ ପ୍ରଦାନ କରୁଥିବା ମଣିଷ ଉପରେ ଲୋକମାନଙ୍କର ଅତୁଟ ବିଶ୍ୱାସ ଭରି ରହିଥିଲା । ଉଭୟ ପକ୍ଷର ମତକୁ ଆଧାର କରି ଶେଷରେ ସେଇ ଅଭିଯୁକ୍ତ ଯୁବକକୁ ବିନା ଜରିମାନାରେ କ୍ଷମା ନ ମାଗି ବିବାହ କରିବାକୁ ନିଷ୍ପତ୍ତି ଶୁଣା ଯାଇଥିଲା । ଯାହା ଶୁଣିବା ଲୋକର ଭାବନାର ସମ୍ପୂର୍ଣ ବାହାରେ ଥିଲା । ସମସ୍ତେ ନିଜ ପୁଅ ବୋଲି ଏପରି କରୁଛନ୍ତି ଆଗରେ ନ କହିଲେ ବି ପଛରେ କଥାବାର୍ତ୍ତା ହେଉଥାନ୍ତି । ତାର ଭାଇମାନେ ବାପାଙ୍କ ନ୍ୟାୟ ପ୍ରଦାନରେ ମନ ଦୁଃଖ କରି ସମାଧାନର ରାସ୍ତା ଏହା ନୁହେଁ ବୋଲି ଘରେ ଧର୍ମପତ୍ନୀ ମାନଙ୍କ ସହିତ ଆଲୋଚନା କଲେ। ବୁଢା ବାପା ଜଣଙ୍କ ଅତି ସ୍ନେହ କରୁଥିବା ସାନ ପୁଅ ପାଇଁ ଏପରି କରିଥିଲେ । ଝିଅ ଘର ଲୋକର ଏତେଟା ଚଳିବା ସୁବିଧା ନ ଥିବାରୁ ସେମାନେ ବିବାହରେ ରାଜି ହୋଇଥିଲେ।

ବୟସର ଅପରାହ୍ନରେ ପାଦ ଥାପିବା ପରେ ନ୍ୟାୟ ପ୍ରଦାନ କରୁଥିବା ମହାଶୟ ଜଣଙ୍କ କ୍ରମଶଃ ବୃଦ୍ଧ ହୋଇ ପଡିଲେ । ଦେହର ରକ୍ତ ଶିଥିଳ ହେବା ପରେ ଅଚାନକ ରୋଗ ମାଡି ବସିଲା । ଔଷଧ ଗୁଡାକର ଦାମ ଅଧିକ ହୋଇ ଥିବାରୁ ନିଜ ଭିତରେ ଖର୍ଚ୍ଚ କରିବାକୁ ପୁଅମାନେ ଅମଙ୍ଗ ହେଲେ । ଦିନକୁ ଦିନ ଦେହ ଦୁର୍ବଳ ହୋଇ ଖିଆ ପିଆ ବନ୍ଦ ହୋଇଗଲା । ଭାଇମାନେ ସେମାନଙ୍କ ଭିତରେ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି କାଳେ ସାନ ଭାଇ ବାପାଙ୍କ ଅତି ଗେହ୍ଲା ହୋଇଥିବାରୁ ବେଶି ନେଇଯିବା ଭୟରେ ଘରେ ମହାଭାରତ ଲାଗି ଯାଇଥିଲା ।

ବୁଢା ବାପା ଜୀବନରେ ସମସ୍ତଙ୍କୁ ସମାନ ଭଲ ପାଇବା ନ ଦେଇ ଖାଲି ସାନପୁଅ ଉପରେ ସ୍ନେହ ଢାଳି ଦେବାର ଭୁଲ ପାଇଁ ନିଜକୁ ନ୍ୟାୟ ସ୍ୱରୂପ ଶାସ୍ତି ଦେବା ଲାଗି ମନସ୍ଥ କଲେ । ରାତିର ଅନ୍ଧାରେ ଘର ଭିତରୁ କବାଟ କିଳି ସବୁଦିନ ଲାଗି ଶାନ୍ତିରେ ଶୋଇ ଯିବା ଲାଗି ଆତ୍ମହତ୍ୟାକୁ ବାଛି ନେଇଥିଲେ । ସକାଳକୁ ଆଉ କାହାକୁ ତାଙ୍କର ଦାୟିତ୍ୱ ବହନ କରିବାକୁ ଦରକାର ପଡି ନ ଥିଲା ।। ( ସମାପ୍ତ )



ଅଣ୍ଡିଆ, ଜେନାପୁର, ଯାଜପୁର
ପିନ- ୭୫୫୦୨୩ ,
ମୋ - ୯୧୭୮୩୧୩୬୪୪

# ବହୁରୂପୀ

ଘନଶ୍ୟାମ ପଲେଇ

ଆମ ଘରଟା ବ୍ଲକ ମୁଖ୍ୟ-ଡାକ୍ତରଖାନା ପାଖରୁ ମୋଟେ ପାଞ୍ଚଶହ ମିଟର ଦୂରରେ। ଡାକ୍ତରଖାନା ପାଖ ହେଇଥିବାରୁ ଜାଗାଟି ସବୁବେଳେ ରହୁଥିଲା ଚଳଚଞ୍ଚଳ। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଏହାର ମୁଖ୍ୟ ଫାଟକ ପାଖରେ ମୁଁ କିଛି ସମୟ ଟହଲ ମାରେ। ସବୁଦିନ ପରି ଆଜି ମଧ୍ୟ ସକାଳୁ ସକାଳୁ ପ୍ରାତଃ ଭ୍ରମଣ ସାରି ଗେଟ୍ ପାଖ ଚା' ଦୋକାନରେ ଅଟକଗଲି । ଷ୍ଟିଲ୍ ହାଣ୍ଡିରେ ଚା' ଟକମକ୍ ହେଇ ଫୁଟୁଥାଏ। ଅନେଇଲି ମୋ' ସାଙ୍ଗ ଦେଇଥିବା ଦୋକାନ ଆଡିକି। ସିଏ ବି ଅନେଇଚି ମୋ ଆଡକୁ। ହସି ହସି କହିଲା- ଭାଇ ! ମୁଁ ଦେଖୁଚି ସବୁ... ତୋତେ ହିଁ ଅପେକ୍ଷା କରିଥିଲି... ତୁ ଆସିଗଲୁ ଭଲ ହେଲା। ସାଙ୍ଗ ହେଇ ଚା' ପିଇବା।

ମୁଁ ଟିକିଏ ହସିକି କହିଲି—ସତେ ନା... କ'ଣ.. ?

ଆମେ ଦୁଇ ସାଙ୍ଗ ଦୁଇଟି ଚା' କପ ଧରି ସାଙ୍ଗ'ର ଦୋକାନ ସାମନାରେ ପଡିଥିବା ଦୁଇଟି ଚେଆରରେ ବସିଗଲୁ। ଚା' ସୁଡୁକେ ସୁଡୁକେ ମାରି ଚା'ର ମଜା ନେଲୁ। ଏଇଠି କହିରଖେ ଡାକ୍ତରଖାନା ମୁଖ୍ୟ ଫାଟକର ସମ୍ମୁଖ ଭାଗକୁ ଚାରି ପାଞ୍ଚଟି ସମାନ ପ୍ରକାର ଉଠାଦୋକାନ ରହିଛି। ଉଠା ଦୋକାନ କହିଲେ ଭୁଲ ହେବ... କାରଣ ବାଉଁଶପାଇପ୍ ଭିଡିକି ସବୁଦିନିଆ ଦୋକାନ କରି ସାରିଲେଣି। ଉପର ଛାତରେ କେହି କେହି ପାଲ ଜାଗାରେ ଟିଣ ଛାଉଣି କଲେଣି କେଉଁକାଳୁ। ସାଙ୍ଗର ବାପା ବି ସେଇଠି ଦୋକାନ ଦେଇଥିଲେ। ଏଣିକି ତା' ବାପାଙ୍କ ଅନ୍ତେ ସିଏ ସମ୍ଭାଳିଛି ଦୋକାନ।

ସେଇ ଚାରି- ପାଞ୍ଚଟି ଦୋକାନରେ ପ୍ରାୟ ସମାନ ଜିନଷ ମିଳେ। ଯଥା ସକାଳୁ ସକାଳୁ ଦରକାରରେ ଆସୁଥିବା- ବ୍ରସ, ଟୁଥପେଷ୍ଟ, ପାନିଆ, ସାବୁନ, ତେଲଠୁ ନେଇ ଛୋଟ ଛୋଟ ଜନ୍ମିଲା ଛୁଆମାନଙ୍କ ପାଇଁ ଫୋଲ୍ଡିଙ୍ଗ୍ ମଶାରୀ, ବେଡ୍, ଗଦି, ବାଲ୍ଟି, ମଗ୍... ଇତ୍ୟାଦି ଇତ୍ୟାଦି। ଏକ ପ୍ରକାର ଭେରାଇଟି ଷ୍ଟୋର କହିଲେ ଚଳେ।

ଜଣେ ଭଦ୍ର ବ୍ୟକ୍ତି ଆସି ପହଞ୍ଚିଲେ ତା' ଦୋକାନରେ। କହିଲେ ନୂଆ ଜନ୍ମ ହେଇଥିବା ତାଙ୍କ ନାତି ପାଇଁ ପରିସ୍ରାକୁ ଟାଣି ଶୀଘ୍ର ଶୋଷି ନେଇ ପାରୁଥିବା ଛୋଟ କପଡା ମେଟ୍ ଖଣ୍ଡେ ଦେଖେଇଲୁ। ସାଙ୍ଗଟି ସଙ୍ଗେସଙ୍ଗେ ବାହାର କରି ଦେଖାଇଲା। ସେ ଭଦ୍ରବ୍ୟକ୍ତି ଖୁସି ହେଇଗଲେ। ଆଗରୁ ବୋଧେ କାହା ସହ ଫୋନ ଲାଇନରେ ଥିଲେ। ମୋବାଇଲଟା ମୁହଁ ପାଖକୁ ନେଇ କହିଲେ —ହିଁ..ହିଁ ମିଳିଗଲା। ଏଣେ ମୋବାଇଲକୁ କାନ୍ଧ ଆଉ କାନ ମଝିରେ ଜାକି, କପଡାଟିକୁ ଟେକି ଧରି ଦୋକାନୀ ଆଡିକୁ ଚାହିଁ ପଚାରିଲେ- କେତେଟଙ୍କା.. ?

-- ଆଜ୍ଞା ! ବହିନି ସମୟ ଦିଅନ୍ତୁ ୧୨୦ ଟଙ୍କା।

ଭଦ୍ରବ୍ୟକ୍ତି ଜଣଙ୍କ କଲ୍‌ଟିକୁ କାଟି ମୋବାଇଲକୁ ପକେଟରେ ପୁରେଇଲେ। ଆଉ ହାତରେ ଝୁଲୁଥିବା କଳା ପଲିଥିନରୁ କପଡାଟେ ବାହାର କରି ଦେଖାଇଲେ। ଏଣିକି ଭଦ୍ରବ୍ୟକ୍ତି ଜଣକ କହିଲେ- ଦେଖିଲୁ... ସେପଟ ଦୋକାନରୁ ମାତ୍ର ୯୦ ରେ ମିଳୁଛି ଆଉ ତୋଠି ୧୨୦ । ବୋକା ଭାବିଛୁ ? ୯୦ ଟଙ୍କାରେ ଦେବୁ ଯଦି ନେବି। ଘରୁ ଆଉ ଖଣ୍ଡେ କିଣ ବୋଲି କହିଲାରୁ ସିନା...ନହଲେ କିଏ ପଚାରେ ତୋତେ।

ସାଙ୍ଗଟି ଦେଖିଲା ସତେ ତ ସେଇ ସମାନ କପଡା। ସାଙ୍ଗଟି ନମ୍ର ଭାବରେ କହିଲା- ସାର ! କିଣା ପଡୁଛି ୧୧୦... ଆଉ ଆପଣ କହୁଛନ୍ତି... ୯୦ ଟଙ୍କା.. ମୋର କାଇଁ ବିଶ୍ୱାସ ହେଉ ନାହିଁ। ହଉ ସେଇ ମୂଳେମୂଳେ ମାନେ ୧୧୦ ଦିଅନ୍ତୁ।

ନମ୍ର ସରଳ ଦେଖିଲେ ଆଜିକାଲି ଲୋକେ ତାକୁ ବୋକା ବୋଲି ଧରି ନଅନ୍ତି। ତା' ସହ ମୂଲଚାଲ ବଢିଚାଲେ। ଲୋକଟିବି ପିଲାଟିର ନରମ ସ୍ୱର ଦେଖି ଭାବିନେଲେ ଏଇଟା ଗୋଟେ ମଉକା। ତାଙ୍କ ଚାକିରି ଜୀବନରେ କେତେ କେତେ ଲୋକଙ୍କୁ ବୋକା ବନେଇଛନ୍ତି ଆଉ ଇଏ... ବଳିଯିବ।

କହିଲେ - ବେଶି ଆଉ



ଦେଖାନା ବହିନି ସମୟ କହୁଛୁ ଆଉ ମିଛ କହୁଛୁ। ଏଇନେ ଡାକିବି ପୋଲିସ୍ ? ତୋ ବେପାର ଛଡେଇ ଦେବି। କହିଲା କ'ଣ ମୂଳେମୁଳେ ନେଇଯା' ମୋତେ ଚିହ୍ନିଚୁ ?

ସକାଳୁ ସକାଳୁ କଣ୍ଟାବାଡରେ ଲୁଗାପକାଇ ଝଗଡା ସୃଷ୍ଟି କରୁଥିବା ଦେଖି ମୋତେ ଜମାରୁ ଭଲ ଲାଗିଲା ନାହିଁ। ମୁଁ ଉଠି ପଡିଲି। କହିଲି - ସାର ! ଯେଉଁଠି କମ୍‌ରେ ମିଳୁଛି ସେଇଠୁ ନେଇଯାଆନ୍ତୁନା। ନିରୀହ ସାଙ୍ଗଟା ଉପରେ କାହିଁକି ଚିଡୁଛନ୍ତି। ମୁଁ ଆଜି ଯାଏ ଦେଖିଛି- ସିଏ ଭାରି ସ୍ୱାଭିମାନୀ। ଜୀବନରେ କେବେ କାହାକୁ ଠକି ନାହିଁ । ଆଜି ଏଇ ଛୋଟ ଜିନିଷଟା ପାଇଁ କାଇଁ ଠକିବ ଆପଣଙ୍କୁ।

- ସାଙ୍ଗ ମୋତେ ଚୁପ୍ ରହିବା ପାଇଁ ଇସାରା ଦେଲା। ଧିର ଗଳାରେ କହିଲା- ଗ୍ରାହକ ଈଶ୍ୱର।

ଲୋକଟି ଏହାର ସୁଯୋଗ ନେଇ ମୋତେ ମଧ ଶୁଣେଇଲା- ତମେ ମଝିରେ କିଏ ହୋ... ଆମ କଥାରେ କାଇଁ ମୁଣ୍ଡ ପୁରଉଛ ?

ଲୋକଟି ମୋତେ ଗାଳି ଦେବାର ଦେଖି ଏଣିକି ସାଙ୍ଗଟି ଆଉ ଚୁପ ରହି ପାରିଲା ନାହିଁ। ଜୋରରେ ପାଟି କରି କହିଲା- ସାର ! ଏଇ ପାଞ୍ଚଶହ ନୋଟ ଖଣ୍ଡିକୁ ରଖନ୍ତୁ। ଚାଲନ୍ତୁ , ମୋତେ ୯୦ ନୁହଁ ୧୦୦ ଲେଖାଁ ଦେଇ କି ବି ମୋ ପାଇଁ ପାଞ୍ଚଟା ସେଇ ସମାନ କପଡା କିଣି କି ଦିଅନ୍ତୁ।

ଲୋକଟି ପୁରାପୁରି ଚୁପ୍ ହେଇଗଲା। ଖାଲି ଥ...ଥ.. ମ... ମ... ହେଲା। ତା'ର ମନେ ପଡିଗଲା ସେଠି ବି ୧୨୦ ରୁ କମରେ ଦେଉ ନ ଥିଲା। ଏହା ସବା ଶେଷ ବଚ୍ଛାକୁଚ୍ଛା ଖଣ୍ଡକ ଥିଲା ଆଉ ସିଏ ବି ବହିନି କରି ନଥିଲା ବୋଲି କୁନ୍ଥ କୁନ୍ଥ ହେଇ ଦେଇ ଦେଇଛି ।

ପରିସ୍ଥିତି ଦେଖି ଲୋକଟି ଜାଣିଲା ଆଉ ପାରି ହେବ ନାହିଁ... ଅପରାଧିଟେ ପରି ମୁହଁ ପୋତି ସିଧା ବାଟେ ବାଟେ ଚାଲିଲା।

ଆମେ ଦିହେଁ ତାଙ୍କ ଯିବା ବାଟକୁ ଚାହିଁ ରହିଥାଉ। ନଜର ଗଲା ପାଖ ଗଛରେ ଏଣ୍ଡୁଅଟିଏ ଗଛ ଉପରକୁ ଚଢୁ ଥିବାର। ମୋତେ ସେଇ ଲୋକଟି ଲାଗିଲା ଠିକ୍ ବହୁରୂପି ଏଣ୍ଡୁଅ ଭଳି।

ଟେନସା, ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦

# ଠିକ୍ ସିଗ୍‌ନାଲ୍

ନୃସିଂହ ଚରଣ ବେହେରା

ପୁଅମାନେ ନିଜ ନିଜର ବାଇକ୍‌ଷ୍ଟାର୍ଟକଲେ, ଆଉ ଝିଅମାନେ ଜଣଙ୍କ ପରେ ଜଣେ ଯାଇ ବସିପଡିଲେ ବାଇକ୍‌ରେ । ସୀମା ଦେଖିଲା ତା'ସାମ୍ନାରେ ଛିଡାହେଇଛି ଦେବ୍ । ସବୁଝିଅ ଦେବ୍‌ର ଥିଲେ ବଡ ପ୍ରଶଂସକ କେବଳ ତା' ରୂପ ପାଇଁ । ତା'ଷ୍ଟାଇଲ୍‌କୁ ଦେଖି ସବୁଝିଅ ଘାଇଲା ଥିଲେ । ଆଜି ନିଜ ପାଇଁ ଦେବ୍‌କୁ ଅପେକ୍ଷା କରିଥିବା ଦେଖି ଟିକିଏ ଖୁସିଲାଗିଲା ସୀମାକୁ । ସବୁଝିଅ ମାନଙ୍କ ଘରୁଫୋନ୍ ଆସୁଥିଲା ବାରମ୍ବାର ଆଉ ସେମାନେ ଉତ୍ତର ଦେଉଥିଲେ ନିଜ ହିସାବରେ । ହେଲେ ସୀମା ଘରୁ ଆସୁଥିବା କୌଣସି ଫୋନ୍‌କୁ ଉଠେଇଲା ନାହିଁ ।

'ଆରେ ୟାର ସୀମା କେବଳ ତୁମେ ନୁହଁ ସୀମା ତୁମ ମା' ମଧ୍ୟ ମୋର ପସନ୍ଦ ହେଲେ... ଗୋଟିଏ ଅଲଗାଷ୍ଟାଇଲ୍‌ରେ ହସି ଦେଇ କହିଲା ଦେବ୍ ।

'ମୁଁ କିଛି ବୁଝିପାରିଲି ନାହିଁ, ତୁମେ କ'ଣ କହିବାକୁ ଚାହୁଁଛ ? କାରଣ ତୁମେ ତ କେବେବି ଭେଟିନାହଁ ମୋ ମା'ଙ୍କୁ' ! ଆଶ୍ଚର୍ଯ୍ୟହେଇ କହିଲା ସୀମା। ଆରେ ୟାର...ସେ ତୁମକୁ ପୁରା ଖୋଲା ଛାଡି ଦେଇଛନ୍ତି । ପୁରା ସ୍ୱାଧୀନ ଚିନ୍ତାଧାରାବାଲା ବିନ୍ଦାସ ମହିଳା ହେଇଥିବେ ସେ ନିଶ୍ଚୟ । ଅନ୍ୟ ଝିଅମାନଙ୍କୁ ଟିକିଏ ଦେଖ, ପ୍ରତି ପାଞ୍ଚ ମିନିଟ୍‌ରେ ଉତ୍ତର ଦେଉଛନ୍ତି ତାଙ୍କ ମା'ମାନଙ୍କୁ । ଏସବୁ ଦେଖିଲେ ମୋତେ ବହୁତ ଚିଡିମାଡେ ।

'ନା'..ପ୍ରକୃତକଥା..ସେ କିଛି ଆଉ କହି ପାରିଲା ନାହିଁ । ସାଇଲେଣ୍ଟ ମୋଡ୍‌ରେ ଥିବା ଫୋନ୍‌ରେ ଏବେ ମଧ୍ୟ ମା'ଙ୍କ ନମ୍ବର ଦେଖା ଯାଉଥିଲା ସ୍ପଷ୍ଟ ଭାବରେ' ।

'ମଜା ଆସିବ, ରେସ୍‌ପରେ...ମୋ ରୁମ୍‌କୁ ଯିବା' ! କହୁକହୁ ବାଇକ୍‌କୁ ଦେବ୍ ଅଟକେଇ ଦେଲା ସିଗନାଲ୍‌ରୋ ଶିକାରୀ ଶିକାରର ଟେଷ୍ଟ ନେଉଥିଲା। 'ଦେବ୍ ଏହି ବାମ ପଟେ ଯେଉଁ ମୋ ବସ୍‌କୁ ଆସୁଥିବାର ଦେଖୁଛ ତାହା ସିଧା ମୋ କଲୋନୀ ଆଗରେ ଯାଇରହିବ । ମୁଁ ବସ୍‌ରେ ଚାଲି ଯାଉଛି'' ।

ଆରେ ତୁମ ସ୍କୁଟି ସେ ତ ପଛରେ ରହିଗଲା । ତୁମେ ବସ ! ମୋ ରୁମ୍‌ରୁ ଫେରିବାବେଳେ ମୁଁ ତୁମକୁ ତୁମ ସ୍କୁଟି ପାଖରେ ଛାଡିଦେବି' । ଟିକିଏ ରହିଯାଅ..। ଆରେ ନା'..ନା'..ସ୍କୁଟିକୁ ରୋହନ ନେଇ ଆମ ଘରେ ଦେଇ ଆସିବ । ସେ ତ ଆମ ଘର ପାଖରେ ରହେ । ସେ ବିଷୟରେ ତୁମେ ଚିନ୍ତା ନକରି ଯାଅ । ଏତିକି କହି ମୋବସ୍‌ରେ ଚଢିଗଲା ସୀମା। ରେଡ୍‌ସିଗ୍‌ନାଲ୍‌କୁ ସେ ବୁଝି ପାରିଥିଲା ବହୁତ ଭଲ ଭାବରେ ।

ଫ୍ଲାଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨ ଫୋନ୍-୯୦୯୦୪୫୯୭୪୫

# ଓଡିଆଇ ସିରିଜ୍‌ରେ ଖେଳିବେ କୋହଲି-ରୋହିତ : ବିସିସିଆଇ




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜ୍ ଖେଳୁଛି । କିନ୍ତୁ ଆସନ୍ତା ମାସରେ ଦଳ ଏକ ଓଡିଆଇ ସିରିଜ୍ ଖେଳିବ, ଯେଉଁଥିରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ଦେଖିବାକୁ ମିଳିବ । ଏହି ଓଡିଆଇ ସିରିଜ ଶ୍ରୀଲଙ୍କା ବିରୁଦ୍ଧରେ ଖେଳାଯିବ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ସିରିଜ ପାଇଁ ବିସିସିଆଇ ଏବଂ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି । ଯଦି ସବୁକିଛି ଠିକ୍ ରୁହେ, ତେବେ ଟିମ୍ ଇଣ୍ଡିଆ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନୋଟି ଓଡିଆଇ ଏବଂ ତିନୋଟି ଟି୨୦ ମ୍ୟାଚ୍ ଖେଳାଯିବ । ରୋହିତ ଏବଂ ବିରାଟ ଉଭୟଙ୍କୁ ଏହି ସିରିଜରେ ଖେଳିବାର ଦେଖାଯିବ । କାରଣ ଉଭୟ ଏବେ କେବଳ ଓଡିଆଇ ଫର୍ମାଟ ଖେଳୁଛନ୍ତି । ଦୁହେଁ ଟି୨୦ ଏବଂ ଟେଷ୍ଟରୁ ଅବସର ନେଇସାରିଛନ୍ତି ।

ଭାରତ ଅଗଷ୍ଟରେ ବାଂଲାଦେଶ ବିପକ୍ଷରେ ସିରିଜ ଖେଳିଥାନ୍ତା, କିନ୍ତୁ ନିକଟରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିବା ଯୋଗୁ ଏହି ସିରିଜ୍ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ବର୍ତ୍ତମାନ ଭାରତୀୟ ଦଳ ପାଇଁ ଅଗଷ୍ଟ କ୍ୟାଲେଣ୍ଡର ଖାଲି ଅଛି ଏବଂ ବିସିସିଆଇ ଏକ ଛୋଟ ସିରିଜ୍ ଖୋଜୁଛି । ଶ୍ରୀଲଙ୍କାର ଅଗଷ୍ଟ କାର୍ଯ୍ୟସୂଚୀ ଖାଲି ପଡ଼ିଛି । ଏଣୁ ଉଭୟ ଦେଶ ମଧ୍ୟରେ ସିରିଜ ଖେଳାଯିବାର ସମ୍ଭାବନା ରହିଛି ।

ଭାରତ-ଶ୍ରୀଲଙ୍କା ସିରିଜ ପାଇଁ ତାରିଖ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ଏହା ଅଗଷ୍ଟ ମଧ୍ୟଭାଗରେ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି । କାରଣ ଶ୍ରୀଲଙ୍କା ଅଗଷ୍ଟ ୨୯ରୁ ଜିମ୍ବାୱେ ଗସ୍ତ କରିବାକୁ ଯାଉଛି । ଭାରତ ଏବଂ ଶ୍ରୀଲଙ୍କା ଶେଷ ଥର ପାଇଁ ଜୁଲାଇ ୨୦୨୪ରେ ଖେଳିଥିଲେ, ଯାହା ଭାରତର ମୁଖ୍ୟ ପ୍ରଶିକ୍ଷକ ଭାବରେ ଗୌତମ ଗମ୍ଭୀରଙ୍କ ପ୍ରଥମ କାର୍ଯ୍ୟ ଥିଲା । ସେହି ସିରିଜରେ ଭାରତ ଟି୨୦ ସିରିଜ ଜିତିଥିଲା, ଯେତେବେଳେ ଶ୍ରୀଲଙ୍କା ଦିନିକିଆ ସିରିଜରେ ଭାରତକୁ ପରାସ୍ତ କରିଥିଲା ।

# ଲର୍ଡସରେ ସଚିନଙ୍କୁ ମିଳିଲା ବଡ଼ ସମ୍ମାନ : ଘଣ୍ଟି ବଜାଇ ଆରମ୍ଭ କଲେ ମ୍ୟାଚ୍

**ଲର୍ଡସ**



କ୍ରିକେଟର ମକ୍କା ଲର୍ଡସରେ ଭାରତ-ଇଂଲଣ୍ଡ ଟେଷ୍ଟର ବହୁ ଚର୍ଚ୍ଚିତ ମ୍ୟାଚ୍ ମାଷ୍ଟର-ବ୍ଲାଷ୍ଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ । ସଚିନ ତେନ୍ଦୁଲକର ଏକ ଇଂରାଜୀ ଚେକ ବ୍ଲେଜର ଏବଂ ଟାଇ ପିନ୍ଧି ଲର୍ଡସ ପାଭିଲିୟନର ବୋଲର୍ସ ବାର୍‌କୁ ଆସି ଘଣ୍ଟି ବଜାଇ ଲର୍ଡସର ପରମ୍ପରାରେ ସୌଜନ୍ୟର ଆଉ ଏକ ପୃଷ୍ଠା ଯୋଡ଼ିଥିଲେ । ଯଦିଓ ଲର୍ଡସ ଟେଷ୍ଟର ଇତିହାସ ୧୪୧ ବର୍ଷ ପୁରୁଣା, ଘଣ୍ଟି ବଜାଇବାର ପରମ୍ପରା ମାତ୍ର ୧୮ବର୍ଷ ପୂର୍ବରୁ ୨୦୦୭ ମସିହାରେ ଆରମ୍ଭ ହୋଇଥିଲା ।

ସାର ଭିଭିଆନ ରିଚାର୍ଡସ ପ୍ରଥମେ ୨୦୦୭ ମସିହାରେ ଘଣ୍ଟି ବଜାଇ ଏହି ପରମ୍ପରା ଆରମ୍ଭ କରିଥିଲେ । ଏହା ପରେ ସୁନୀଲ ଗାଭାସ୍କର ଏହି ତାଲିକାରେ ସାମିଲ ହେବାରେ ପ୍ରଥମ ଭାରତୀୟ ନାମ ହୋଇଥିଲେ । ପୂର୍ବରୁ ସଚିନ ତେନ୍ଦୁଲକରଙ୍କୁ ୭ ବର୍ଷ ପୂର୍ବେ ୨୦୧୮ରେ ଘଣ୍ଟି ବଜାଇବାକୁ ନିମନ୍ତ୍ରଣ କରାଯାଇଥିଲା ।

୨୦୨୫ରେ ଆରମ୍ଭ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ପୁଣି ଥରେ ଲର୍ଡସ ଘଣ୍ଟି ବଜାଇବାର ଗୌରବ ମିଳିଛି । ପୂର୍ବତନ ଅଧିନାୟକ ଏବଂ ପ୍ରଶିକ୍ଷକ ରବି ଶାସ୍ତ୍ରୀ ମଧ୍ୟ ୨୦୧୮ରେ ଏହି ସମ୍ମାନ ପାଇଛନ୍ତି । ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପ୍ରତିଦିନ ଜଣେ କିମ୍ବଦନ୍ତୀ ଖେଳାଳିଙ୍କୁ ଏହି ସୁଯୋଗ ଦିଆଯିବା ମଧ୍ୟ ବିଶେଷ ।

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ସମୟରେ ଗୁରୁବାର ଲର୍ଡସ ସ୍ଥିତ ଏମସିସି ସଂଗ୍ରହାଳୟରେ ମହାନ ସଚିନ ତେନ୍ଦୁଲକରଙ୍କ ଏକ ଚିତ୍ର ମଧ୍ୟ ଉନ୍ମୋଚିତ ହୋଇଥିଲା । ଏହା ଷ୍ଟୁଆର୍ଟ ପିଅର୍ସନ ରାଇଟ ୧୮ ବର୍ଷ ପୂର୍ବେ ତାଙ୍କ ଘରେ ନିଆଯାଇଥିବା ଏକ ଫଟୋଗ୍ରାଫରୁ ତିଆରି କରିଛନ୍ତି । ଏହା ବର୍ଷର ଶେଷ ପର୍ଯ୍ୟନ୍ତ ଏମସିସି ସଂଗ୍ରହାଳୟରେ ରହିବ ଏବଂ ତା'ପରେ ଏହାକୁ ପାଭିଲିୟନକୁ ସ୍ଥାନାନ୍ତର କରାଯିବ ।

ଏହା ମଧ୍ୟ ଆଶ୍ଚର୍ଯ୍ୟଜନକ ଯେ, ସେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଗ୍ରାଉଣ୍ଡରେ ଶତକ ହାସଲ କରିଛନ୍ତି କିନ୍ତୁ ଲର୍ଡସ ଟେଷ୍ଟରେ ତାଙ୍କ ନାମ ନାହିଁ । ତଥାପି, ୧୯୯୮ ମସିହାରେ, ପ୍ରିନସେସ୍ ଅଫ ୱେଲ୍ସ ମେମୋରିଆଲ ଚାରିଟି ମ୍ୟାଚ୍‌ରେ, ସଚିନ ବିଶ୍ୱର ସମସ୍ତ ଦଳ ପକ୍ଷରୁ ଏମସିସି ବିପକ୍ଷରେ ଏକ ୫୦-୫୦ ଓଭର ମ୍ୟାଚ୍‌ରେ ୧୨୫ ରନ୍‌ର ଇନିଂସ ଖେଳି ନିଜ ଉପରୁ ଏହି ବୋଝ ଦୂର କରିଥିଲେ ।

ଟେଷ୍ଟ ମ୍ୟାଚ୍‌ରେ ୫୧ ଶତକର ମାଲିକ ଲର୍ଡସ୍‌ରେ ଏକ ଟେଷ୍ଟରେ ସର୍ବାଧିକ ୩୭ ରନ କରିଛନ୍ତି । ସଚିନ ଲର୍ଡସ୍‌ରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ।

# ୬ ଘଣ୍ଟା ଡ୍ରାଇଭ କରି ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟିବାକୁ ପହଞ୍ଚିଲେ ୨ ଯୁବତୀ




**ନୂଆଦିଲ୍ଲୀ**

ସୋସିଆଲ ମିଡିଆ ଦୁନିଆରେ ଲୋକମାନେ ରାତାରାତି ସୁପରଷ୍ଟାର ହେବାର ଦେଖାଯାଇଛି, କିନ୍ତୁ କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ କଠିନ ପରିଶ୍ରମ ବଳରେ ଦୁନିଆରେ ନିଜର ସ୍ୱତନ୍ତ୍ର ଛାପ ସୃଷ୍ଟି କରନ୍ତି । ଏହା କ୍ରିକେଟ ଦୁନିଆରେ ମଧ୍ୟ ଦେଖାଯାଏ । ଆଜିକାଲି ଏପରି ଏକ ନାମ ଅଛି ଯାହା ବିଷୟରେ ବହୁତ ଆଲୋଚନା ହେଉଛି । ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ, ଯାହାଙ୍କ ଫ୍ୟାନ ଫଲୋଇଂ ପ୍ରତିଦିନ ବୃଦ୍ଧି ପାଉଛି ।

ଆଇପିଏଲ ୨୦୨୫ରେ ରାଜସ୍ଥାନ ରୟାଲ୍ସ (ଆରଆର ପ୍ଲେୟାର ବୈଭବ ସୂର୍ଯ୍ୟବଂଶୀ) ପାଇଁ ବ୍ୟାଟରେ ନିଜର ଦକ୍ଷତା ଦେଖାଇଥିବା ବୈଭବ ଇଂଲଣ୍ଡରେ ମଧ୍ୟ ନିଜର ଭିନ୍ନ ଛାପ ସୃଷ୍ଟି କରିଥିଲେ । ସମ୍ପ୍ରତି, ଏକ ଆକର୍ଷଣୀୟ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଦୁଇ ଝିଅ ଇଂଲଣ୍ଡରେ ତାଙ୍କୁ ଭେଟିବା ପାଇଁ ପାଗଳ ହୋଇଯାଇଥିଲେ ଏବଂ ଜଣେ ପ୍ରଶଂସକ ତାଙ୍କୁ ଭେଟିବା ପାଇଁ ୬ ଘଣ୍ଟା ପର୍ଯ୍ୟନ୍ତ ଗାଡ଼ି ଚଲାଇଥିଲେ । ବର୍ତ୍ତମାନ ତାଙ୍କର ଫଟୋ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି ।

ରାଜସ୍ଥାନ ରୟାଲ୍ସ ତାଙ୍କ ପୂର୍ବତନ ପ୍ରେମିକାଙ୍କ ଉପରେ ଏକ ପୋଷ୍ଟ ଶେୟାର କରିଛି, ଯେଉଁଥିରେ ସେ କ୍ୟାପସନରେ ଲେଖିଛନ୍ତି ଯେ ଏହା ପ୍ରମାଣ କରେ ଯେ ଆମର ଭଲ ପ୍ରଶଂସକ କାହିଁକି ଅଛନ୍ତି । ଜଣେ ୱାର୍ସେଷ୍ଟରରୁ ୬ଘଣ୍ଟା ଗାଡ଼ି ଚଲାଇଥିଲେ । ଗୋଲାପୀ ଜର୍ସି ପିନ୍ଧି ଟିମ ଇଣ୍ଡିଆ ଏବଂ ବୈଭବ (ବୈଭବ ସୂର୍ଯ୍ୟବଂଶୀ) ପାଇଁ ଉତ୍ସାହିତ ହୋଇଥିଲି । ଅନାୟା, ରିଭା ଏବଂ ବୈଭବଙ୍କ ପାଇଁ ଏକ ସ୍ମରଣୀୟ ଦିନ । ବୈଭବଙ୍କ ସହିତ ଏହି ଝିଅମାନଙ୍କର ଫଟୋ ଇଣ୍ଟରନେଟରେ ଭାଇରାଲ ହେଉଛି ।

# ପ୍ରଥମ ଓଭରରେ ୨ଟି ୱିକେଟ୍ ନେବାରେ ଦ୍ୱିତୀୟ ଭାରତୀୟ ଫାଷ୍ଟ ବୋଲର ହେଲେ ନୀତୀଶ

**ନୂଆଦିଲ୍ଲୀ**



ଲର୍ଡ୍ସରେ ଖେଳାଯାଉଥିବା ତୃତୀୟ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଯୁବ ଅଲରାଉଣ୍ଡର ନୀତୀଶ ରେଡ୍ଡୀ ଗୋଟିଏ ଓଭରରେ ଦୁଇଟି ୱିକେଟ୍ ନେଇ ଇଂଲଣ୍ଡକୁ ପ୍ରାରମ୍ଭିକ ଝଟକା ଦେଇଥିଲେ । ନୀତୀଶ ନିଜର ପ୍ରଥମ ଓଭରର ତୃତୀୟ ବଲ୍‌ରେ ଓପନର ବେନ୍ ଡକେଟଙ୍କୁ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ କରାଇଥିଲେ । ପିଚ୍ ହେବା ପରେ ବଲ୍ ଲେଗ୍ ଷ୍ଟମ୍ପ ବାହାରେ ଯାଉଥିଲା, ଯାହା ଉପରେ ଡକେଟ୍ ବ୍ୟାଟ୍ ବୁଲାଇଥିଲେ । କିନ୍ତୁ ତାଙ୍କ ବ୍ୟାଟର ପଛ ଭାଗରେ ବଲ୍ ଲାଗି ରିଷଭ ପନ୍ତଙ୍କ ହାତକୁ ଯାଇଥିଲା । ଏହାର ଦୁଇଟି ବଲ୍ ପରେ ଅର୍ଥାତ୍ ଓଭରର ଶେଷ ବଲ୍‌ରେ ଜ୍ୟାକ୍ କ୍ରାଉଲିଙ୍କୁ ଆଉଟ୍ କରିଥିଲେ । କ୍ରାଉଲି ଭଲ ଲୟରେ ନଜର ଆସୁଥିଲେ ଓ ୧୮ ରନ୍ କରିସାରିଥିଲେ । କିନ୍ତୁ ନୀତୀଶଙ୍କ ସିମ୍ ପୋଜିସନ୍ ଓ ଅତିରିକ୍ତ ବାଉନ୍ସ କ୍ରାଉଲିଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ବଲ୍ କାଉଲିଙ୍କ ବ୍ୟାଟକୁ ଛୁଇଁ ପନ୍ତଙ୍କ ହାତକୁ ଯାଇଥିଲା । ଲର୍ଡ୍ସ ଟେଷ୍ଟରେ ଯୁବ ଫାଷ୍ଟ ବୋଲର ନୀତୀଶ ରେଡ୍ଡୀ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ୨୦୦୬ ପରେ ଟେଷ୍ଟ କ୍ରିକେଟରେ ନିଜ ପ୍ରଥମ ଓଭରରେ ଦୁଇଟି ୱିକେଟ୍ ନେବାରେ ଦ୍ୱିତୀୟ ଭାରତୀୟ ଫାଷ୍ଟ ବୋଲର ହୋଇଛନ୍ତି । ତାଙ୍କ ପୂର୍ବରୁ ଇରଫାନ୍ ପଠାନ ୨୦୦୬ରେ କରାଚୀ ଟେଷ୍ଟରେ ପ୍ରଥମ ଓଭରରେ ହିଁ ପାକିସ୍ତାନ ବିପକ୍ଷରେ ହ୍ୟାଟ୍ରିକ୍ ନେଇ କୀର୍ତ୍ତିମାନ ସ୍ଥାପନ କରିଥିଲେ । ଏବେ ୧୮ ବର୍ଷ ପରେ ନୀତୀଶ ରେଡ୍ଡୀ ଲର୍ଡ୍ସର ମୈଦାନରେ ଏହି ଦୁର୍ଲଭ ଉପଲବ୍ଧି ହାସଲ କରିଛନ୍ତି ।

# ଟେନିସ୍ ଖେଳାଳି ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା : ଅଭିଯୁକ୍ତ ବାପା ଗିରଫ

**ନୂଆଦିଲ୍ଲୀ**



ଟେନିସ୍ ପ୍ଲେୟାର ରାଧିକା ଯାଦବଙ୍କୁ ଗୁଳି କରି ହତ୍ୟା କରାଯାଇଛି । ରାଧିକାଙ୍କୁ ଗୁରଗ୍ରାମ୍‌ର ସୁଶାନ୍ତ ଲୋକ-୨ ସ୍ଥିତ ଇ-୧୫୭ ବାସଭବନରେ ହତ୍ୟା କରାଯାଇଛି । ରାଧିକାଙ୍କୁ ଗୁଳି ମାରିଥିବା ବ୍ୟକ୍ତି ଆଉ କେହି ନୁହେଁ ସେ ହେଉଛନ୍ତି ତାଙ୍କ ବାପା । ରାଧିକାଙ୍କ ବାପା ଲାଇସେନ୍ସ ରିଭଲଭରୁ ନିଜ ଝିଅକୁ ୩ ରାଉଣ୍ଡ ଗୁଳିମାରିଥିଲେ । ଗୁରଗ୍ରାମ ପୋଲିସ ଅଭିଯୁକ୍ତଙ୍କୁ କଷ୍ଟଡିରେ ନେଇଥିବା ବେଳେ ମାମଲାର ତଦନ୍ତ ଆରମ୍ଭ କରିଛି ।

୨୫ ବର୍ଷୀୟ ରାଧିକା ଅନ୍ତର୍ଜାତୀୟ ସ୍ତରରେ ଜଣେ ଟେନିସ୍ ଖେଳାଳି ଭାବରେ ଭାରତକୁ ପ୍ରତିନିଧିତ୍ୱ କରୁଥିଲେ । ଡବଲ୍ସ ଟେନିସ୍ ପ୍ଲେୟାର ର୍ୟାଙ୍କିଙ୍ଗରେ ସେ ୧୧୩ ତମ ସ୍ଥାନରେ ଥିଲେ । ଆଇଟିଏଫ୍ ଡବ୍ଲସରେ ଟପ୍ ୨୦୦ରେ ରାଧିକଙ୍କ ବେଷ୍ଟ ର୍ୟାଙ୍କିଙ୍ଗ ଥିଲା । ସେ ଦେଶର ଜଣେ ଉଦୀୟମାନ ଖେଳାଳି ଥିଲେ, କିନ୍ତୁ ତାଙ୍କ ବାପା ଦୀପକ ଯାଦବ ଟେନିସ୍ ଯାତ୍ରା ଆଗକୁ ଆହୁରି ବଢ଼ିବା ପୂର୍ବରୁ ହତ୍ୟା କରିଛନ୍ତି । ଦୀପକ ପେଶାରେ ଜଣେ ପ୍ରପଟି ଡିଲର । ରାଧିକା ନିକଟରେ ସେହି ଅଞ୍ଚଳରେ ଏକ ଟେନିସ୍ କୋଚିଂ ଏକାଡେମୀ ଆରମ୍ଭ କରିଥିଲେ । ସେଠାରେ ଅନେକ ଯୁବକ ଏବଂ ଯୁବତୀ କୋଚିଂ ନେବାକୁ ଆସୁଥିଲେ । ପୋଲିସର କହିବା ଅନୁଯାୟୀ, ଦୀପକ ତାଙ୍କ ଝିଅ ରାଧିକାକୁ ଏହି ଏକାଡେମୀ ବନ୍ଦ କରିବା ପାଇଁ ଚାପ ଦେଉଥିଲେ, କିନ୍ତୁ ରାଧିକା ମନା କରୁଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଏତେ ତୀବ୍ର ହୋଇଗଲା ଯେ ଦୀପକ ରାଗିଯାଇ ରାଧିକାକୁ ଗୁଳି କରିଥିଲେ ।

## ଆଇପିଏଲ ଟିକେଟ ଦୁର୍ନୀତି ମାମଲା

# ହାଇଦ୍ରାବାଦ କ୍ରିକେଟ ସଂଘ ସଭାପତି ଗିରଫ

**ନୂଆଦିଲ୍ଲୀ**



ଆଇପିଏଲ ସମୟରେ ଟିକେଟ ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି ହାଇଦ୍ରାବାଦ କ୍ରିକେଟ ସଂଘ ସଭାପତି ଜଗନ ମୋହନ ରାଓ । ସଂଘ ଭିତରେ ଆଇପିଏଲ ଟିକେଟ ଦୁର୍ନୀତି ହୋଇଥିବାବେଳେ ଏଥିରେ ଜଗନଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା । ତେଲଙ୍ଗାନା ଭିଜିଲାନ୍ସ କମିଶନ ଦ୍ୱାରା ଏ ନେଇ ଏକ ରିପୋର୍ଟ ଦାଖଲ ହେବା ପରେ ଅପରାଧ ଅନୁସନ୍ଧାନ ବିଭାଗ (ସିଆଇଡି) ପକ୍ଷରୁ ଜଗନଙ୍କୁ ଗିରଫ କରାଯାଇଛି ।

ସୂଚନା ଅନୁସାରେ, ଜଗନ ଏବଂ ଅନ୍ୟ ପଦାଧିକାରୀମାନେ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ) ଫ୍ରାଞ୍ଚାଇଜ ଉପରେ ଚାପ ପକାଇ କୋଟା (୧୦ପ୍ରତିଶତ)ଠାରୁ ଅଧିକ ଟିକେଟ ଦେବାକୁ ବାଧ କରିଥିଲେ । ଏସବୁ ଅତିରିକ୍ତ ଟିକେଟକୁ ପଦାଧିକାରୀମାନେ ବିକ୍ରି କରି ବ୍ୟକ୍ତିଗତ ଭାବେ ଲାଭବାନ ହୋଇଥିଲେ । ଏହି ସବୁ ତଥ୍ୟ ଗଣମାଧ୍ୟମରେ ପ୍ରଘଟ ହେବା ପରେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା ।

# ଜେଲ୍‌ରୁ ମୁକୁଳିବା ପରେ ରେଳ ବିଭାଗରେ କାମ କରିବେ ସୁଶୀଲ କୁମାର

**ନୂଆଦିଲ୍ଲୀ**



ଦେଶର ପ୍ରସିଦ୍ଧ କୁସ୍ତିଯୋଦ୍ଧା ତଥା ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଜାମିନରେ ତିହାର ଜେଲ୍‌ରୁ ବାହାରକୁ ଆସିଛନ୍ତି । ଦିଲ୍ଲୀ ହାଇକୋର୍ଟ ବିନା କାରଣରେ ମାମଲା ଦୀର୍ଘ ଦିନ ଧରି ଚାଲୁଥିବାରୁ ସୁଶୀଲଙ୍କୁ ଜାମିନ ଦେଇଥିଲେ ।

ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ଛତ୍ରସାଲ ଷ୍ଟାଡିୟମରେ ପୂର୍ବତନ ଜୁନିଅର ଜାତୀୟ କୁସ୍ତି ଚାମ୍ପିଅନ ସାଗର ଧନଖଡ଼ଙ୍କ ସହିତ ଏକ ସମ୍ପତ୍ତି ବିବାଦକୁ ସୁଶୀଲ କୁମାରଙ୍କ ଝଗଡ଼ା ହୋଇଥିଲା । ଏହି ସମୟରେ ସୁଶୀଲ ଧନଖଡ଼ଙ୍କ ଉପରେ ଆକ୍ରମଣ କରିଥିଲେ । ସୁଶୀଲଙ୍କ ଆକ୍ରମଣରେ ଧନଖଡ଼ଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ଏହି ଘଟଣାର ସଙ୍ଗେସଙ୍ଗେ ପୁଲିସ ସୁଶୀଲଙ୍କୁ ଗିରଫ କରି ନେଇଥିଲା । ଦୀର୍ଘ ଦିନ ଧରି ଜେଲରେ ଥିବା ସୁଶୀଲ କୁମାରଙ୍କୁ ସମ୍ପ୍ରତି ଆଶ୍ୱସ୍ତି ମିଳିଛି ।

ଜେଲ୍‌ରୁ ବାହାରିବା ପରେ ସୁଶୀଲ କୁମାର ଏବେ କ'ଣ କରୁଛନ୍ତି, ସେ ଚାକିରି କରିବେ କି ନାହିଁ । ତାଙ୍କୁ କେଉଁ ବିଭାଗରେ ଚାକିରି ମିଳିବ ଏନେଇ ଲୋକଙ୍କ ମନରେ ଅନେକ ପ୍ରକାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ରେଳବାଇ ପକ୍ଷରୁ ପ୍ରକାଶ କି ସୁଶୀଲ କୁମାର ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କ ଦାୟିତ୍ୱ ତୁଲାଇ ପାରିବେ । ଏଥିରେ କୌଣସି ଅସୁବିଧା ନାହିଁ । ସୁଶୀଲ ଉତ୍ତର ରେଳୱେରେ କମର୍ସିୟାଲ ମ୍ୟାନେଜର ପଦରେ ନିଯୁକ୍ତ ଅଛନ୍ତି । ସେ ଏହି ବିଭାଗରେ କାମ କରି ତାଙ୍କ ସେବା ପ୍ରଦାନ କରିବେ ।

# ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍



**ନୂଆଦିଲ୍ଲୀ**

ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ୧୨ଶ ସଂସ୍କରଣ ଅଗଷ୍ଟ ୨୯ରୁ ଆରମ୍ଭ ହେବ । ଫ୍ରାଞ୍ଚାଇଜି ଭିତ୍ତିକ ପ୍ରୋ କବାଡ଼ି ଲିଗ୍‌ର ଗତ ୧୧ଟି ସଂସ୍କରଣରେ ୮ଟି ପୃଥକ୍ ଦଳ ଚାମ୍ପିଅନ୍ ହୋଇଛନ୍ତି । ସଫଳତମ ଦଳ ଭାବେ ପାଟନା ପାଇରେଟ୍‌ସ କ୍ରମାଗତ ୩ ଥର ଚାମ୍ପିଅନ୍ ହୋଇଛି । ଗତବର୍ଷ ହରିୟାଣା ଷ୍ଟିଲର୍ସ ପ୍ରଥମ ଥର ଜିତିଥିଲା । ୧୨ଟି ଦଳ ଡବଲ୍ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ବା ପରସ୍ପର ବିପକ୍ଷରେ ୨ ଥର ଲେଖାଏଁ ଖେଳିବେ । ପଏଣ୍ଟ ଟେବୁଲ୍‌ର ପ୍ରଥମ ୨ଟି ଦଳ ସେମିଫାଇନାଲକୁ ଏବଂ ପରବର୍ତ୍ତୀ ୪ଟି ଦଳ ଏଲିମିନେଟରକୁ ଉନ୍ନୀତ ହେବେ । ୬ ସପ୍ତାହ ତଳେ ପ୍ରୋ କବାଡ଼ି ଲିଗ୍ ୧୨ଶ ସଂସ୍କରଣର ନିଲାମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦ ଜଣ ଖେଳାଳି ୧ କୋଟିରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଥିଲେ । ୨୦୧୪ରେ ଆରମ୍ଭ ହୋଇଥିବା ପ୍ରୋ କବାଡ଼ି ଲିଗ୍ ଦେଶର ଅନ୍ୟତମ ଶ୍ରେଷ୍ଠ ପେସାଦାର କ୍ରୀଡ଼ା ଟୁର୍ଣ୍ଣାମେଣ୍ଟରେ ପରିଣତ ହୋଇଛି ।

# ଫାର୍ମହାଉସ୍‌ରୁ ୫୨ କିଲୋ ଗଞ୍ଜେଇ ଜବତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ମୁଣ୍ଡାବଣି ଗ୍ରାମରେ ଥିବା ଏକ ଫାର୍ମ ହାଉସ ଉପରେ ଅବକାରୀ ବିଭାଗ ସଦର ରେଞ୍ଜ, ସଦର ମୋବାଇଲ ୟୁନିଟ-୧ ଏବଂ କୁଳିଅଣା ଅବକାରୀ ଥାନା ତରଫରୁ ମିଳିତ ଚଢ଼ଉ କରାଯାଇ ୫୨ କିଲୋ ଗଞ୍ଜେଇ ଜବତ କରାଯାଇଥିବା ଜଣାପଡ଼ିଛି । ଚଢ଼ଉରେ ସଦର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନା ରାଣୀ ସାହୁ, ସଦର ଓଆଇସି ବ୍ରଜ ମୋହନ ମଲ୍ଲିକ, କୁଳିଅଣା ଓଆଇସି ଜ୍ଞାନେଶ୍ୱରୀ ବିଶ୍ୱାଳ ଏବଂ ଏଏସଆଇ ତପନ କୁମାର ସାହୁଙ୍କ ସହିତ ଅନ୍ୟାନ୍ୟ ଷ୍ଟାଫ ସାମିଲ ଥିଲେ । ତେବେ ଅବକାରୀ ବିଭାଗ ଗଞ୍ଜେଇ ଜବତ କରିଥିବା ବେଳେ ଫାର୍ମ ହାଉସରେ କେହି ନଥିବାରୁ ଏହି ମାମଲାରେ କେହି ଗିରଫ ହୋଇ ନଥିବାର ଜଣାଯାଇଛି । ତେବେ ଘଟଣାର ତଦନ୍ତ ଚାଲିଥିବା ବେଳେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ଲକ୍ଷ ହେବ ବୋଲି ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ପ୍ରତିକ୍ରିୟାରେ କହିଛନ୍ତି ।

CDA

**କଟକ ଉନ୍ନୟନ କର୍ତ୍ତୃପକ୍ଷ** CAD-1036

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-7ରେ ପ୍ଲଟ୍ ନଂ-D/52 ଟିକୁ ହୃଷିକେଶ ସାମଲ, ପିତା- ୰ ମହନୀ ସାମଲ, ସା/ପୋ-ଅରେଇ, ଥା-ବିଞ୍ଝାରପୁର, ଜିଲ୍ଲା-ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ହୃଷିକେଶ ସାମଲଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ର ସାମଲ, ପିତା- ୰ ହୃଷିକେଶ ସାମଲ, ସା- ପ୍ଲଟ୍ ନଂ-D/52, ସେକ୍ଟର-7, ସି.ଡି.ଏ. ମର୍କତ ନଗର, ଜିଲ୍ଲା-କଟକ-14 ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13037/11/0307/2526 ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

## ନିଯୁକ୍ତି ସହିତ ଜଡ଼ିତ ପ୍ରୋତ୍ସାହନ ଯୋଜନା

# ଚାକିରି, ଆର୍ଥିକ ଅଭିବୃଦ୍ଧି ଏବଂ ଆନୁଷ୍ଠାନିକରଣ ନିମନ୍ତେ ଏକ ପ୍ରେରକ



ଶ୍ରୀମତୀ ଜ୍ୟୋତି ବିଜ୍
ମହାନିର୍ଦ୍ଦେଶକ,
ଏଫ.ଆଇ.ସି.ସି.ଆଇ.

ବର୍ତ୍ତମାନ ସମୟରେ ଯେତେବେଳେ ବିଶ୍ୱ ଦ୍ରୁତ ବେଗରେ ସ୍ୱୟଂଚାଳିତ ଭାବରେ ଆଗକୁ ଗତିକରି ଚାଲିଛି, ସେତେବେଳେ ନିଯୁକ୍ତି ସହିତ ସଂଶ୍ଳିଷ୍ଟ ପ୍ରୋତ୍ସାହନ ଯୋଜନା (ଇ.ଏଲ.ଆଇ.)କୁ ସରକାର ଅନୁମୋଦନ କରିଛନ୍ତି । ଏହା ସରକାରଙ୍କର ଏକ ସମୟୋପଯୋଗୀ ଏବଂ ସୁଚିନ୍ତିତ ପଦକ୍ଷେପ ଭାବରେ ସାବ୍ୟସ୍ତ ହୋଇଛି । ଏହି ଯୋଜନା ସକାଶେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ ଏହି ଯୋଜନା ଭାରତର ଉଦୀୟମାନ ନିଯୁକ୍ତି ଦୃଶ୍ୟପଟ୍ଟରେ, ବିଶେଷ କରି ଉତ୍ପାଦନ କ୍ଷେତ୍ରରେ ଏକ ବଳିଷ୍ଠ, ନୀତିଗତ ଏବଂ ସାହସିକ ପଦକ୍ଷେପ । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହା ଦେଶରେ ପ୍ରାୟ ୩.୫ କୋଟିରୁ ଅଧିକ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟିକୁ ସମର୍ଥନ କରିବା ନିମନ୍ତେ ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଇ.ଏଲ.ଆଇ. ଯୋଜନା କେବଳ ଏକ ଆର୍ଥିକ ପଦକ୍ଷେପ ନୁହେଁ, ଏହା ଦେଶର ଶ୍ରମ ଶକ୍ତିକୁ ଭବିଷ୍ୟତରେ ଏକ ରଣନୀତିକ ନିବେଶ, ଯାହା ସରକାରଙ୍କ ବିକଶିତ ଭାରତ @୨୦୪୭ର ଦୃଷ୍ଟିକୋଣକୁ ପ୍ରତ୍ୟକ୍ଷ ଭାବରେ ସମର୍ଥନ ଜଣାଏ । ଇ.ଏଲ.ଆଇ. ଯୋଜନା ଦେଶରେ ନିଯୁକ୍ତି ସୃଷ୍ଟି ନିମନ୍ତେ ଏକ ପ୍ରମୁଖ ପ୍ରେରକ ଭାବରେ ସାବ୍ୟସ୍ତ ହେବାକୁ ଯାଉଛି । ଅନ୍ୟ ଅନେକ ରାଷ୍ଟ୍ରଙ୍କ ପରି ଯେଉଁଠାରେ ଜନସଂଖ୍ୟା ଖୁବ୍ ଶୀଘ୍ର ହ୍ରାସ ପାଇବାକୁ ଆରମ୍ଭ କରିଛି କିମ୍ବା ଇତି ପୂର୍ବରୁ ହ୍ରାସ ପାଇବା ଆରମ୍ଭ କରିଛି ଭାରତ ତାହାର ଏକ ଉଦାହରଣ ନୁହେଁ । ଭାରତରେ ବର୍ତ୍ତମାନ ଏକ ବିରାଟ କର୍ମକ୍ଷମ ବୟସର ଜନସଂଖ୍ୟା ମହଜୁଦ ରହିଛି ଯାହାକୁ ଅଧିକ ନିଯୁକ୍ତି ସୁଯୋଗର ଆବଶ୍ୟକତା ଅଛି । ଇ.ଏଲ.ଆଇ. ଯୋଜନା କେବଳ ଚାକିରି ସନ୍ଧାନରେ ଥିବା କିମ୍ବା ଚାକିରି ପ୍ରଦାନକାରୀଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ଅନୌପଚାରିକ କାର୍ଯ୍ୟ ଏବଂ ଆନୁଷ୍ଠାନିକ ନିଯୁକ୍ତି ମଧ୍ୟରେ ଥିବା ବୈଷମ୍ୟକୁ ପୂରଣ କରିବା ଲକ୍ଷ୍ୟ ରଖିଛି । ତତ୍କାଳ ନିଯୁକ୍ତି ପରିଣାମରୁ ଆଗକୁ ବଢ଼ି, ଏଥି ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅନୁଭୂତ ହୁଏ ଯେ ଇ.ଏଲ.ଆଇ. ଯୋଜନା ବିଭିନ୍ନ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ.ଡି.ଜି.), ବିଶେଷ ଭାବରେ ଏସ.ଡି.ଜି.-୮ (ସମାନ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି) ଆଡ଼କୁ ଭାରତର ଅଗ୍ରଗତିକୁ ଆନୁଷ୍ଠାନିକ ଏବଂ ଦୀର୍ଘକାଳୀନ ନିଯୁକ୍ତିକୁ ପ୍ରୋତ୍ସାହିତ କରି ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ-୧ (ଦାରିଦ୍ର୍ୟ ଦୂରୀକରଣ) ଏବଂ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ-୧୦ (ଅସମାନତା ଦୂରୀକରଣ)କୁ କମ୍ ମଜୁରି ଉପାର୍ଜନକାରୀ ଏବଂ ପ୍ରଥମ ଥର ପାଇଁ ଚାକିରି ସନ୍ଧାନରେ ଥିବା ଲୋକମାନଙ୍କୁ ଲକ୍ଷ୍ୟଭିତ୍ତିକ ଆର୍ଥିକ ସହାୟତା ପ୍ରଦାନ କରି ସୁଦୃଢ଼ କରିଥାଏ । ଆଧାର-ସକ୍ଷମ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ପ୍ରଣାଳୀ (ଡି.ବି.ଟି. ବ୍ୟବସ୍ଥା) ମାଧ୍ୟମରେ କର୍ମଚାରୀ ପ୍ରୋଭିଡେଣ୍ଟ୍ ପାଣ୍ଠି ସଂଗଠନ (ଇ.ପି.ଏଫ.ଓ.) ପଞ୍ଜୀକରଣ ଏବଂ ବଣ୍ଟନ ସହିତ ଯୋଜନାର ସଂଯୋଗ କେବଳ ନିଯୁକ୍ତି ସୃଷ୍ଟି ନିମନ୍ତେ ନୁହେଁ, ବରଂ ସାମାଜିକ ସୁରକ୍ଷା କଭରେଜର ବିସ୍ତାର ମଧ୍ୟ ସୁନିଶ୍ଚିତ କରେ, ଯାହା ଏକ ସମାନ ଏବଂ ସମାବେଶୀ ଅର୍ଥନୀତି ଗଠନ ନିମନ୍ତେ ମହତ୍ୱପୂର୍ଣ୍ଣ । ଭାରତର ଏତାଦୃଶ ପ୍ରୟାସକୁ ସ୍ୱୀକୃତି ପ୍ରଦାନ ପୂର୍ବକ, ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇ.ଏଲ.ଓ.) ସମ୍ପ୍ରତି ଭାରତର ଏଭଳି ସଫଳତାକୁ ସ୍ୱୀକାର କରିଛି ଏବଂ ଆନୁଷ୍ଠାନିକ ଭାବରେ ଏହାର ଡ୍ୟାସବୋର୍ଡରେ ପ୍ରକାଶ କରିଛି ଯେ ଭାରତର ଜନସଂଖ୍ୟାର ଶତକଡ଼ା ୬୪ ଦଶମିକ ୩ ପ୍ରତିଶତ (୨୦୧୫ ମସିହାରେ ୧୯ ପ୍ରତିଶତ ଥିବା ତୁଳନାରେ) ଅନ୍ୟୁନ ଗୋଟିଏ ସାମାଜିକ ସୁରକ୍ଷା ଲାଭରେ ଅନ୍ତର୍ଭୁକ୍ତ କରାଯାଇପାରିଛି । ଏମାନଙ୍କ ମୋଟ ସଂଖ୍ୟା ୯୪ କୋଟିରୁ ଅଧିକ ବୋଲି ଆକଳନ କରାଯାଇଛି ।

ଉତ୍ପାଦନ ଉପରେ ଗୁରୁତ୍ୱ ବିଶେଷ ଭାବରେ ସ୍ୱାଗତଯୋଗ୍ୟ । ବିଶ୍ୱ ମୂଲ୍ୟ ଶୃଙ୍ଖଳା ପୁନଃ ଆକାର ପାଇବା ସହିତ, ଭାରତର ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍, ଉପଭୋକ୍ତା ସାମଗ୍ରୀ ଏବଂ ଔଷଧ ଶିଳ୍ପ ଭଳି କ୍ଷେତ୍ରଗୁଡ଼ିକରେ ଏକ ବିଶ୍ୱସନୀୟ ବିକଳ୍ପ ଭାବରେ ଦ୍ରୁତ ଗତିରେ ଉଭା ହେଉଛି । ଏହି କ୍ଷେତ୍ରଗୁଡିକରେ ଦୀର୍ଘକାଳୀନ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରି, ଇ.ଏଲ.ଆଇ. ଯୋଜନା ପି.ଏଲ.ଆଇ. ଯୋଜନା, ମେକ୍ ଇନ୍ ଇଣ୍ଡିଆ ଏବଂ ସ୍କିଲ ଇଣ୍ଡିଆ ଭଳି ଦୃଶ୍ୟମାନ ପଦକ୍ଷେପଗୁଡ଼ିକ ପରିପୂରକ ଭାବେ କାର୍ଯ୍ୟ କରିବ ଏବଂ ସହରାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ କ୍ଲଷ୍ଟରମାନଙ୍କରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ । ଏହି ଯୋଜନା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରେ ଯେଉଁମାନେ ପ୍ରାୟତଃ ମୂଲ୍ୟ ଚିନ୍ତା ଯୋଗୁ ଆନୁଷ୍ଠାନିକ ନିଯୁକ୍ତି ବୃଦ୍ଧି କରିବାରେ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି । ନିଯୁକ୍ତିଦାତା-ପାର୍ଶ୍ୱ ପ୍ରୋତ୍ସାହନ ନୂତନ ନିଯୁକ୍ତିର ସୀମାନ୍ତ ମୂଲ୍ୟକୁ କମାଇଥାଏ । ଏହା କାର୍ଯ୍ୟ ଶକ୍ତିର ସମ୍ପ୍ରସାରଣ, ଆନୁଷ୍ଠାନିକରଣ ଏବଂ ଉନ୍ନତିକରଣ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ । ବିଶ୍ୱ ସ୍ତରରେ ମଜୁରି ସଂଯୋଗୀ ପ୍ରୋତ୍ସାହନ ଯୋଜନା ନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଛି । ଜର୍ମାନୀ ଭଳି ଦେଶଗୁଡ଼ିକ ଶିକ୍ଷାର୍ଥୀ ଏବଂ ଦୀର୍ଘକାଳୀନ ନିଯୁକ୍ତି ପାଇଁ ନିଯୁକ୍ତିଦାତା ସବ୍‌ସିଡି ପ୍ରଦାନ କରନ୍ତି । ଦକ୍ଷିଣ କୋରିଆ ଯୁବ ଏବଂ ବୃଦ୍ଧ ଶ୍ରମିକଙ୍କ ନିଯୁକ୍ତିଦାତାଙ୍କୁ ଲକ୍ଷ୍ୟଭେଦୀ ମଜୁରି ସହାୟତା ପ୍ରଦାନ କରେ । ସିଙ୍ଗାପୁର ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସଂରକ୍ଷଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇଥାଏ । ଯୁକ୍ତରାଷ୍ଟ୍ରର କାର୍ଯ୍ୟ ସୁଯୋଗ ଟିକସ କ୍ରେଡିଟ୍ (ଡବ୍ଲୁ.ଓ.ଟି.ସି.) ଅଛି, ଯାହା ପଛୁଆ ଗୋଷ୍ଠୀର ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେଉଥିବା ନିଯୁକ୍ତିଦାତାମାନଙ୍କୁ ପୁରସ୍କୃତ କରିଥାଏ । ଭାରତର ଇ.ଏଲ.ଆଇ. ଯୋଜନାରେ ଆମର ବୃହତ୍ ଅନୌପଚାରିକ ଶ୍ରମ ବଜାର, ଜନସଂଖ୍ୟାଗତ ଲାଭାଂଶ ଏବଂ ବିସ୍ତାରିତ ଡିଜିଟାଲ ଭିତ୍ତିଭୂମି ଭଳି ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ନିମନ୍ତେ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଅନ୍ତର୍ଭୁକ୍ତ କରାଯାଇଛି । ଇ.ଏଲ.ଆଇ. ଯୋଜନା ଭାରତର ନିଯୁକ୍ତି ନୀତିର ପରିପକ୍ୱତାକୁ ପ୍ରତିଫଳିତ କରେ – ସ୍ୱଳ୍ପକାଳୀନ ରିଲିଫରୁ ଦୀର୍ଘକାଳୀନ ଶ୍ରମ ବଜାର ବିକାଶକୁ ଏକ ପରିବର୍ତ୍ତନ । ବୟସ୍କ ଜନସଂଖ୍ୟା ଏବଂ ଡିଜିଟାଲ ଏବଂ ସବୁଜ ପରିବର୍ତ୍ତନ ଭଳି ବ୍ୟାପକ ବିଶ୍ୱ ଧାରା ପୃଷ୍ଠଭୂମିରେ ଏହିଭଳି ପ୍ରଭାବଶାଳୀ ନୀତିଗୁଡ଼ିକ ଅଧିକ ସଂଖ୍ୟକ ଲୋକଙ୍କ ନିମନ୍ତେ ଗୁଣାତ୍ମକ ଚାକିରି ସୁଲଭ କରିବା ସକାଶେ ମହତ୍ୱପୂର୍ଣ୍ଣ । 'ଫିକି'ରେ ଆମେ ଆମର ସଦସ୍ୟମାନଙ୍କୁ ଏହି ଯୋଜନାର ଉତ୍ତମ ବ୍ୟବହାର କରିବାକୁ ଆଗେଇ ଆସିବା ନିମନ୍ତେ ଆହ୍ୱାନ କରୁ । ନିଯୁକ୍ତିଦାତାମାନେ, ବିଶେଷ କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.) ମାନଙ୍କ ଆର୍ଥିକ ଲାଭ ବ୍ୟତୀତ ଏହାକୁ ବ୍ୟାପକ ଦୃଷ୍ଟିକୋଣରୁ ଦେଖିବା ଉଚିତ । ଏହି ଯୋଜନା କାର୍ଯ୍ୟକୁ ବୃଦ୍ଧି କରିବା, ଯୁବ ପ୍ରତିଭାକୁ ଏଥିରେ ସାମିଲ କରିବା, ପେ'ରୋଲକୁ ଆନୁଷ୍ଠାନିକ କରିବା ଏବଂ ସ୍ଥାୟୀ ଆର୍ଥିକ ମୂଲ୍ୟ ସୃଷ୍ଟି କରିବା ପାଇଁ ଏକ ଉପକରଣ । ଶିଳ୍ପର ଏକ ସର୍ବୋଚ୍ଚ ଚାମ୍ବର ଭାବରେ 'ଫିକି' ଏହି ଲକ୍ଷ୍ୟକୁ ସମର୍ଥନ କରିବାକୁ ସମ୍ପୂର୍ଣ୍ଣ ରୂପେ ବଚନବଦ୍ଧ ।





# ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପରିଷଦ ଗୁଡିକୁ ସୁଦୃଢ଼ କରିବ ନୀତି ଆୟୋଗ ରୋଡମ୍ୟାପ୍

**ନୂଆଦିଲ୍ଲୀ :**
ନୀତି ଆୟୋଗ ନୂଆଦିଲ୍ଲୀରେ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପରିଷଦକୁ ସୁଦୃଢ଼ କରିବା ପାଇଁ ଏକ ରୋଡମ୍ୟାପ୍ ଆରମ୍ଭ କରିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ, ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଏବଂ ନୀତି ଆୟୋଗ ସଦସ୍ୟ ଡକ୍ଟର ଭି କେ ସାରସ୍ୱତଙ୍କ ସହିତ ଏହାକୁ ଆରମ୍ଭ କରିଛନ୍ତି।
ଆୟୋଗ ଅନୁଯାୟୀ, ଏହି ରୋଡମ୍ୟାପ୍ ସାରା ଭାରତରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ପରିଷଦର ଭୂମିକା ଏବଂ କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ଏକ ରଣନୈତିକ ଦୃଷ୍ଟିକୋଣକୁ ରୂପରେଖ ପ୍ରଦାନ କରିବ। ଏହା ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପରିଷଦଗୁଡ଼ିକରେ ଥିବା ସାଙ୍ଗଠନିକ ପ୍ରଭେଦ, ସୁଯୋଗ ଏବଂ ସଂସ୍କାରକୁ ଚିହ୍ନଟ କରି ଆଞ୍ଚଳିକ ନବସୃଜନ, ବୈଜ୍ଞାନିକ ପ୍ରଗତି ଏବଂ ସ୍ଥାୟୀ ବିକାଶରେ ପରିଣତ କରିବ। ଏହି ପରିଷଦଗୁଡ଼ିକର ପ୍ରଭାବ ଏବଂ ପ୍ରତିକ୍ରିୟାଶୀଳତା ବୃଦ୍ଧି କରିବା ପାଇଁ ଏହା ବିଭିନ୍ନ ସମ୍ପର୍କିତ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରିବ।




ଏହି ଅବସରରେ ଡକ୍ଟର ଜିତେନ୍ଦ୍ର ସିଂହ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବରେ ଚିହ୍ନଟ କରି କହିଥିଲେ ଯେ ଯଦି ଭାରତକୁ ଚତୁର୍ଥରୁ ତୃତୀୟ ବୃହତ୍ତମ ଅର୍ଥନୀତି ଏବଂ ତା'ପରକୁ ଯିବାକୁ ହୁଏ, ତେବେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ହିଁ ଏହି ଅଭିବୃଦ୍ଧିକୁ ଆଗେଇ ନେବ।
ମନ୍ତ୍ରୀ ସ୍ମରଣ କରାଇଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଯୋଜନା ଢାଞ୍ଚାକୁ ପୁନଃସଂସ୍କାର କରିଥିଲେ, ଯୋଜନା କମିଶନକୁ ଏକ ଭବିଷ୍ୟତବାଦୀ ଚିନ୍ତନ ଟ୍ୟାଙ୍କ ଭାବରେ ନୀତି ଆୟୋଗ ସହିତ ବଦଳାଇଥିଲେ, ଯାହା ସେବେଠାରୁ ଭାରତର ଅଭିବୃଦ୍ଧିକୁ ଦୂରଦୃଷ୍ଟିପୂର୍ଣ୍ଣ ନୀତି ସହିତ ମାର୍ଗଦର୍ଶନ ଦେଇଆସିଛି। ଏହି ପରିବର୍ତ୍ତନ ଦୀର୍ଘକାଳୀନ ଚିନ୍ତାଧାରା, ପ୍ରମାଣ-ଆଧାରିତ ନୀତି ଏବଂ ପାଣ୍ଠି ଆବଣ୍ଟନରୁ ରଣନୈତିକ ସମନ୍ୱୟକୁ ପରିବର୍ତ୍ତନକୁ ସକ୍ଷମ କରିଥିଲା ବୋଲି ସେ କହିଛନ୍ତି।

# କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରଖିବାକୁ ସରକାର ପ୍ରତିବଦ୍ଧ: ସମବାୟ ମନ୍ତ୍ରୀ

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**
ଚାଷୀଙ୍କୁ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଯଥା ସମୟରେ ବୀମା କମ୍ପାନୀ କ୍ଷତି ପୂରଣ ପ୍ରଦାନ କରିବେ । ସମବାୟ ମାଧ୍ୟମରେ ଫସଲ ଋଣ ପ୍ରଦାନ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟକାରିତା ଉପରେ ଆଜି ଅନୁଷ୍ଠିତ ଆଲୋଚନା ବୈଠକରେ ଏହି ମତ ପ୍ରକାଶ ପାଇଛି । ଏହି ବୈଠକରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଅଧ୍ୟକ୍ଷତା କରି



କହିଥିଲେ, ସରକାର କୃଷି ଓ କୃଷକର ଉନ୍ନତି ପାଇଁ ପ୍ରତିବଦ୍ଧ । କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ବୀମା ଭୁକ୍ତ ଚାଷୀଙ୍କୁ ଯଥା ସମୟରେ କ୍ଷତି ପୂରଣ ପ୍ରଦାନ କରିବାରେ ସହଯୋଗ କରିବାକୁ ସେ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।
ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବେଗୁନିଆ ବିଧାୟକ ପ୍ରଦିପ କୁମାର ସାହୁ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସମବାୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଯୁଗ୍ମ ସଚିବ ସଂଗ୍ରାମ କେଶରୀ ରାଉତ ପିପିଟି ମାଧ୍ୟମରେ ସବିଶେଷ ଉପସ୍ଥାପନ କରିଥିଲେ । ଏହି ବୈଠକରେ ନାବାର୍ଡର ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର, ଏଜିସିଏସ୍ ସନ୍ତୋଷ କୁମାର ନାୟକ, ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମବାୟ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କୃଷି ଓ କୃଷକର ଉନ୍ନତି ନିମନ୍ତେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ ।

# ଚିକିତ୍ସାଳୟରେ ଯମାଳୟ ଯନ୍ତ୍ରଣା : ଟାଣଭାତକୁ ପାଣିଆ ଡାଲମା ଖାଉଛନ୍ତି ଗର୍ଭବତୀ ଓ ପ୍ରସୂତି

**ପୁରୀ, ନ୍ୟୁଜ ବ୍ୟୁରୋ**
ୱାର୍ଲଡ କ୍ଲାସ ସିଟି ହେବ ପୁରୀ । ଜଗନ୍ନାଥ ଧାମ ମହାନଗର ନିଗମ (ଜେ. ଡି. ଏମ. ସି) ର ମାନ୍ୟତା ପାଇବ ଖୁବ ଶୀଘ୍ର ପୁରୀ । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗ ଏବେ ପାଲଟିଛି ଯମାଳୟ ସଦୃଶ ବୋଲି ଅଭିଯୋଗ ହେଉଛି । ଗର୍ଭବତୀ ଓ ପ୍ରସୂତି ମାନଙ୍କୁ ଟାଣ ଉଷୁନା ଭାତ ସହିତ ପାଣିଆ ଡାଲମା ଦିଆଯାଉଥିବା ଅଭିଯୋଗ ହେଉଛି। ରଥଯାତ୍ରା ସରିଲା ହେଲେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆସିପାରିନାହିଁ । ବିଗତ ଦିନ ମାନଙ୍କରେ ବିଭିନ୍ନ ସମସ୍ୟା ଭିତରେ ପୁରୀ ମେଡିକାଲ ଚାଲୁଥିବା ବେଳେ ପୁଣି କାଲି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା । ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହିଳାମାନେ ସନ୍ତାନ ପ୍ରସବ କରିବାକୁ ଆସି ଆଡ଼ମିସନ ହୋଇଥିଲେ । ସେମାନଙ୍କୁ ପେଟପୁରା ଖାଦ୍ୟ ମିଳୁନ ଥିବା ଅଭିଯୋଗ ହୋଇଛି । ଯେଉଁ ଖାଦ୍ୟ ମିଳୁଛି ତାହା




ମଧ୍ୟ ପୁଷ୍ଟିକର ନୁହେଁ । ସକାଳର ଖାଦ୍ୟରେ ଶୁଖିଲା ଉପମା ଓ ଶୁଖିଲା ରୁଟି ଦିଆଯାଉଛି । ରୋଗୀ ମାନେ ଯଦି କହୁଛନ୍ତି ଆମେ ଶୁଖିଲା ଉପମା ଓ ରୁଟି କେମିତି ଖାଇବୁ ତେବେ ତାଙ୍କୁ ଉତ୍ତର ମିଳୁଛି ତରକାରୀ ଫୁଟୁଛି ଦିନ ଦୁଇଟାରେ ମିଳିବ । ମଧ୍ୟାହ୍ନରେ ଯେଉଁ ଖାଦ୍ୟ ମିଳୁଛି ତାହା ଅତ୍ୟନ୍ତ ନିମ୍ନମାନର । ଖାଦ୍ୟ ପର୍ଯ୍ୟାପ୍ତ ନୁହେଁ ବୋଲି ମହିଳା ମାନେ ଅଭିଯୋଗ କରୁଛନ୍ତି । ସମସ୍ତ ରୋଗୀଙ୍କୁ କ୍ଷୀର, ଅଣ୍ଡା ଏବଂ ଫଳ ମଧ୍ୟ ମିଳୁନାହିଁ । ଗରମ କ୍ଷୀର ପଚାରିଲେ କହୁଛନ୍ତି କେବଳ ଓଟି ରୁ ଆସିଥିବା ପେସେଣ୍ଟ ମାନଙ୍କୁ କ୍ଷୀର ମିଳିବ । ସରକାର ମହିଳା ଶିଶୁ ବିକାଶ ନାଁରେ ଗଣ୍ଡା ଗଣ୍ଡା ଯୋଜନା କରିଥିବା ବେଳେ ମେଡ଼ିକାଲରେ ସେମାନଙ୍କୁ ଖାଦ୍ୟ ଠିକ ଭାବରେ ଯୋଗେଇ ଦିଆଯାଉନାହିଁ । ଖୋଦ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ଏବଂ ଶିଶୁବିକାଶ ବିଭାଗର ଦାୟିତ୍ୱରେ ଥିବାବେଳେ ତାଙ୍କ ନିଜ ଜିଲାରେ ଯଦି ଏଭଳି ଅବ୍ୟବସ୍ଥା ତାହେଲେ ସାରା ଓଡିଶାରେ ବ୍ୟବସ୍ଥା କେମିତି ଚାଲିଥିବ ତାହା ଏଥିରୁ ସହଜେ ଅନୁମେୟ । ବାରମ୍ବାର ଅଭିଯୋଗ କରିବା ସତ୍ୱେ ଲିଫ୍ଟ ଏବେ ମଧ୍ୟ ଅଚଳ ଅବସ୍ଥାରେ ରହିଛି । ସମାଧାନ ପାଇଁ ପ୍ରଶାସନ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ଦେଖିବାକୁ ମିଳୁନି । ବେଳେ ବେଳେ ଏକ୍ସ ରେ ମେସିନି କାମ ଦେଉନି । ପ୍ରାୟ ସମୟରେ ରୋଗୀଙ୍କୁ ମେଡ଼ିସିନ ବାହାରୁ କିଣିବାକୁ ପଡୁଛି । ସିଟି ସ୍କାନ ଆଉ ଏମ୍.ଆର.ଆଇ ପାଇଁ ରୋଗୀଙ୍କୁ ମାସ ମାସ ଧରି ଅପେକ୍ଷା କରିବାକୁ ପଡୁଛି । ଏପରିକି ବର୍ଷ ବର୍ଷ ଧରି ମେଡିକାଲରେ ହ୍ୱିଲ୍ ଚେୟାରର ବ୍ୟବସ୍ଥା ନାହିଁ । ଖାଦ୍ୟ ଯୋଗାଉ ଥିବା ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟ। ନୁଷ୍ଠାନ ନେବା ସହ ଏସବୁ ବ୍ୟବସ୍ଥାରେ ଯଥାଶୀଘ୍ର ସୁଧାର ଅଣାଯାଉ । ଯଦି ଏ ବ୍ୟବସ୍ଥାରେ ସୁଧାର ନଆସେ ତେବେ ଆଗାମୀ ଦିନରେ ଆମ ଆଦମୀ ପାର୍ଟି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି ।

# ପ୍ରଧାନ ମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଜିଲ୍ଲାରେ ମଡେଲ ସୂର୍ଯ୍ୟଗ୍ରାମ ଚୟନ ନିମନ୍ତେ ପ୍ରସ୍ତୁତି

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**
ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ପି ଏମ ସୂର୍ଯ୍ୟଘର ଯୋଜନାରେ ଜିଲ୍ଲାରେ ମଡେଲ ସୂର୍ଯ୍ୟଘର ଗ୍ରାମ ଚୟନ ନିମନ୍ତେ ବିଭିନ୍ନ ବିଭାଗର କାର୍ଯ୍ୟାନ୍ୱୟନ ଅଧିକାରୀ ତଥା କମିଟି ସଦସ୍ୟ ସଦସ୍ୟା ମାନଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଜିଲ୍ଲାପରିଷଦ ସଭାପତି ରୁପଶ୍ରୀ ରାଣୀ ଗୁମାନ ସିଂହ, ଉପସଭାପତି ଗୋପୀନାଥ ମହାରଣା,ଟି ପି ସି ଓ ଡି ଏଲ, ଆର ଇ ମୁଖ୍ୟ ଅଶୋକ ଚୌଧୁରୀ ଯୋଗଦେଇ ଯୋଜନାର ବିସ୍ତୃତ ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ । ଭାରତ ସରକାରଙ୍କ ଏହା ଏକ ଅଗ୍ରଣୀ ଯୋଜନା ହୋଇ ଥିବାରୁ ସ୍ୱଳ୍ପ ଖର୍ଚ୍ଚରେ ଗ୍ରାମ, ପଂଚାୟତ, ବ୍ଲକ ଏବଂ ଜିଲ୍ଲା ସ୍ତରରେ କିଭଳି ସଫଳତାର ସହ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା କାର୍ଯ୍ୟକାରୀ ହୋଇ ପାରିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସଭାପତି ଜିଲ୍ଲା ପରିଷଦ ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନ ସିଂହ କହିଲେ ଯେ ଗ୍ରାମାଂଚଳ ଠାରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ପ୍ରଥମେ ହେବା ଦରକାର । ଲୋକମାନେ ଯୋଜନା ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିଲେ ଯୋଜନା କାର୍ଯ୍ୟକାରିତା ପ୍ରକ୍ରିୟା ସହଜ ହୋଇ ପାରିବ । ସେହିପରି ଉପସଭାପତି, ଜିଲ୍ଲା ପରିଷଦ ଶ୍ରୀ ଗୋପୀନାଥ ମହାରଣା ଯୋଗଦେଇ କହିଲେ ଯେ ଜନସାଧାରଣଙ୍କୁ ସଚେତନ କରିବାକୁ ହେଲେ ଘର ଘର ବୁଲି ଯୋଜନା ସମ୍ପର୍କରେ ଅବଗତ କରାଇବା, ପ୍ରଚାର ପତ୍ର ବାଂଟିବା ଅତି ଜରୁରୀ ଅଟେ । ଏହିକ୍ରମେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଥିଲେ ଯେ ପ୍ରତ୍ୟେକ କାର୍ଯ୍ୟାନ୍ୱୟନ ବିଭାଗ ଯଥା ସ୍ୱାସ୍ଥ୍ୟ,ସମାଜ ମଙ୍ଗଳ ବିଭାଗ, କୃଷି ବିଭାଗରେ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, କୃଷକ ସାଥୀ ମାନେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାର ହିତାଧିକାରୀ ତଥ୍ୟ ଜନିତ ପ୍ରଚାର ପତ୍ର ତୃଣ ମୂଳ ସ୍ତରରେ ବାଂଟିବାକୁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବି ଡି ଓ ମାନେ କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରିବା ସହ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସମସ୍ତ ବ୍ୟାଙ୍କ ମାନଙ୍କୁ ଏହି ଯୋଜନାରେ ଥିବା ଋଣ ପ୍ରଦାନ ଦିଗରେ ଅବଗତ କରାଇବା ପାଇଁ ଜିଲ୍ଲା ପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପଂଚାୟତ ସ୍ତରୀୟ ଜନ ପ୍ରତିନିଧି ମାନେ ମଧ୍ୟ ଯୋଜନାକୁ ସଫଳ ରୂପାୟନ ନିମନ୍ତେ ସହଯୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ବୈଠକରେ ଗୁରୁତ୍ୱାରୋପ କରିଥିଲେ । ଅନ ଲାଇନ୍ ଆବେଦନ ସମ୍ପର୍କରେ ବିସ୍ତୃତ ତଥ୍ୟ ପାୱାର ପଏଂଟ ଉପକରଣରେ ଟି ପି ସି ଓ ଡି ଏଲ ନିର୍ବାହୀ ଯନ୍ତ୍ରୀ ଇଂ ପି କେ ଦାସ ଉପସ୍ଥାପନ କରିଥିଲେ । ଏହି ଯୋଜନାକୁ ନିର୍ଦ୍ଧାରିତ ସମୟ ୬୦ଦିନ ଭିତରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ସମସ୍ତ କମିଟି ସଦସ୍ୟ ସଦସ୍ୟା ଏବଂ ଟି ପି ସି ଓ ଡି ଏଲ ମୁଖ୍ୟ , ରିନ୍ୟୁଏବୁଲ ଶ୍ରୀ ଅଶୋକ ଚୌଧୁରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ନିର୍ଦ୍ଦେଶକ, ଓରାଡା ମହେଶ୍ୱର ବଡ଼ଜେନା, ଅଧିକ୍ଷଣ ଯନ୍ତ୍ରୀ,ଟି ପି ସି ଓ ଡି ଏଲ, ଭୁବନେଶ୍ୱର ମନୋଜ କୁମାର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଚେୟାର ପର୍ସନ, ଖୋର୍ଦ୍ଧା,ଶ୍ରୀମୟୀ ପ୍ରିୟଦର୍ଶିନୀ,ଡି ପି ସି ,ମିଶନ ଶକ୍ତି ନିରଞ୍ଜନ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଅଜୟ କୁମାର ବେହେରାଙ୍କ ସମେତ ବିଭିନ୍ନ ବ୍ଲକର ପଂଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କମିଟି ସଦସ୍ୟ ସଦସ୍ୟା ଯୋଗଦେଇଥିଲେ ।

# ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଲିଉଡ୍ ଅଭିନେତା ପାର୍ଥସାରଥୀ ରାୟଙ୍କୁ ଏନବିଡବ୍ଲୁ ଆଧାରରେ ବଡଗଡ଼ ଥାନା ପୋଲିସ ଗିରଫ କରିଛି । କୋର୍ଟ ନିୟମ ଖିଲାପ କରିଥିବାରୁ ଜେଏମଏଫସି କୋର୍ଟ ଗିରଫ ନିର୍ଦ୍ଦେଶ ଦେଇଥିଲେ । ପାର୍ଥଙ୍କ ବିରୋଧରେ ଖାରବେଳ ନଗର ଥାନାରେ



ଅପହରଣ ଉଦ୍ୟମ, ହତ୍ୟା ଧମକ ଓ ଭିଡିଓ ଭାଇରାଲ ଭଳି ସଙ୍ଗୀନ ଅଭିଯୋଗ ରହିଛି। ସେହି ମାମଲାର ଶୁଣାଣି ପାଇଁ କୋର୍ଟଙ୍କ ପକ୍ଷରୁ ବାରମ୍ବାର ସମନ ଆସିଥିଲେ ମଧ୍ୟ ହାଜର ହୋଇନଥିଲେ ପାର୍ଥସାରଥୀ । ତେଣୁ କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ । ଫଳରେ ଏବେ ପାର୍ଥସାରଥୀ ରାୟଙ୍କୁ ଗିରଫ କରିଛି ବଡଗଡ଼ ଥାନା ପୋଲିସ । ଓଡ଼ିଆ ଟେଲିଭିଜନ ଆଗଧାଡ଼ିର ନାୟକ ପାର୍ଥ ଅନେକ ଧାରାବାହିକରେ ଅଭିନୟ କରିଛନ୍ତି । ତା' ସହ କିଛି ଚଳଚ୍ଚିତ୍ରରେ ମଧ୍ୟ ତାଙ୍କ ଅଭିନୟ ଦେଖିବାକୁ ମିଳିଛି ।


**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ**

**ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଟେଣ୍ଡର ନୋଟିସ**

**କ୍ର.ନଂ (1): ଇ-ଟେଣ୍ଡର ନମ୍ବର: DRM-ENGG -BSP-T-94-25-26 ତାରିଖ: 03.07.2025**
କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଞ୍ଜିନିୟର / (ପି. ୱେ)/ଚମ୍ପା, ବିଳାସପୁର ମହଲଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି. ୱେ ଜୋନାଲ କାର୍ଯ୍ୟର ସମ୍ପାଦନ। ଟେଣ୍ଡର ମୂଲ୍ୟ :₹1,38,61,913/- ଅମାନତ ଜମା ₹ 2,19,300/-, କାର୍ଯ୍ୟ ସମାପ୍ତି ଅବଧି 30.06.2026 ପର୍ଯ୍ୟନ୍ତ।

**କ୍ର.ନଂ (2): ଇ-ଟେଣ୍ଡର ନମ୍ବର: DRM-ENGG BSP.T-95-25-26 ତାରିଖ: 03.07.2025**
କାର୍ଯ୍ୟର ନାମ : ବିଳାସପୁର ଡିଭିଜନର ବରିଷ୍ଠ ସେକ୍ସନ ଇଞ୍ଜିନିୟର /(ପି. ୱେ)/କୋରବାଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି. ୱେ ଜୋନାଲ କାର୍ଯ୍ୟର କାର୍ଯ୍ୟାନ୍ୱୟନ। ଟେଣ୍ଡର ମୂଲ୍ୟ ₹ 1,30,67,175/- ଅମାନତ ଜମା ₹ 2,15,300/- କାର୍ଯ୍ୟ ସମାପ୍ତି ଅବଧି 30.06.2026 ପର୍ଯ୍ୟନ୍ତ।

**କ୍ର.ନଂ (3): ଇ-ଟେଣ୍ଡର ନମ୍ବର: DRM ENGG -BSP-T-96-25-26 ତାରିଖ: 03.07.2025**
କାର୍ଯ୍ୟର ନାମ : ବିଳାସପୁର ଡିଭିଜନର ବରିଷ୍ଠ ସେକ୍ସନ ଇଞ୍ଜିନିୟର / (ପି. ୱେ) / ବରଦ୍ୱାରଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି. ୱେ ଜୋନାଲ କାର୍ଯ୍ୟର କାର୍ଯ୍ୟାନ୍ୱୟନ। ଟେଣ୍ଡର ମୂଲ୍ୟ ₹1,41,32,403/-। ଅମାନତ ଜମା ₹2,20,700/-। କାର୍ଯ୍ୟ ସମାପ୍ତି ଅବଧି: 30.06.2026 ପର୍ଯ୍ୟନ୍ତ ।

**କ୍ର.ନଂ (4): ଇ-ଟେଣ୍ଡର ନମ୍ବର: DRM ENGG -BSP.T-97-25-26. ତାରିଖ: 03.07.2025**
କାର୍ଯ୍ୟର ନାମ: ବିଳାସପୁର ଡିଭିଜନ / ରାୟଗଡ଼ର ବରିଷ୍ଠ ସେକ୍ସନ ଇଞ୍ଜିନିୟର (ପି.ୱେ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି.ୱେ ଜୋନାଲ କାର୍ଯ୍ୟର କାର୍ଯ୍ୟାନ୍ୱୟନ। ଟେଣ୍ଡର ମୂଲ୍ୟ ₹ 1,21,24,517/- ଅମାନତ ଜମା ₹2,10,600/- କାର୍ଯ୍ୟ ସମାପ୍ତି ଅବଧି: 30.06.2026 ପର୍ଯ୍ୟନ୍ତ

**କ୍ର.ନଂ (5): ଇ-ଟେଣ୍ଡର ନମ୍ବର: DRM ENGG -BSP-T-98-25-26. ତାରିଖ: 03.07.2025**
କାର୍ଯ୍ୟର ନାମ : ବିଳାସପୁର ଡିଭିଜନର ବରିଷ୍ଠ ସେକ୍ସନ ଇଞ୍ଜିନିୟରଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି. ୱେ ଜୋନାଲ କାର୍ଯ୍ୟର କାର୍ଯ୍ୟାନ୍ୱୟନ / (ପି. ୱେ.) / ହିମଗିର। ଟେଣ୍ଡର ମୂଲ୍ୟ :₹ 1,40,98, 193/- । ଅମାନତ ଜମା ₹ 2,20,500/-। କାର୍ଯ୍ୟ ସମାପ୍ତି ଅବଧି: 30.06.2026 ପର୍ଯ୍ୟନ୍ତ

**କ୍ର.ନଂ (6): ଇ-ଟେଣ୍ଡର ନମ୍ବର: DRM ENGG -BSP-T-99-25-26. ତାରିଖ: 03.07.2025**
କାର୍ଯ୍ୟର ନାମ: ବରିଷ୍ଠ ସେକ୍ସନ ଇଞ୍ଜିନିୟର ବିଳାସପୁର ଡିଭିଜନ /(ପି. ୱେ)/ ବ୍ରଜରାଜନଗରଙ୍କ ଅଧିକାରକ୍ଷେତ୍ର ଅଧୀନରେ ପି. ୱେ ଜୋନାଲ କାର୍ଯ୍ୟର କାର୍ଯ୍ୟାନ୍ୱୟନ। ଟେଣ୍ଡର ମୂଲ୍ୟ:₹ 1,21,91,584/- ଅମାନତ ଜମା ₹ 2,11,000/- । କାର୍ଯ୍ୟ ସମାପ୍ତି ଅବଧି : 30.06.2026 ପର୍ଯ୍ୟନ୍ତ।

ଟେଣ୍ଡର ଦାଖଲ ଆରମ୍ଭ ତାରିଖ: 16.07.2025 ରୁ ପୂର୍ବାହ୍ନ 11:00 ଟା ପର୍ଯ୍ୟନ୍ତ । ଟେଣ୍ଡର ଦାଖଲ ଶେଷ ତାରିଖ: 30.07.2025 ।
ଉପରୋକ୍ତ ଇ-ଟେଣ୍ଡର ନୋଟିସର ସମ୍ପୂର୍ଣ୍ଣ ବିବରଣୀ https://www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ ରହିଛି। ଉପରୋକ୍ତ ଟେଣ୍ଡର ପାଇଁ ଇ-ଟେଣ୍ଡର ବ୍ୟତୀତ ଅନ୍ୟ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ।

ଡିଭିଜନାଲ ରେଳ ପ୍ରବନ୍ଧକ (ଇଞ୍ଜିନିୟର)
CPR/10/158 ଏସ.ଇ.ସି. ରେଳବାଇ, ବିଳାସପୁର
South East Central Railway @secrall


# ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବିରେ ବିଜୁ ମହିଳା ଜନତା ଦଳର ସ୍ୱାଭିମାନ ରାଲି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି । ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତଳିକା ଦାହ କରାଯାଇଥିଲା ।
ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକ ମାନେ ନିଜର ନୀତି ନୈତିକତା ଭୁଲି ଯାଉଛନ୍ତି । ବିଜେପି ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ । ବିଜେପି ସରକାରକୁ ଆସିବା ଦିନଠୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନ ଭୁଲି ଯାଇଛନ୍ତି । ଡ଼ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ ।
ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଶ୍ରୀ ଅନନ୍ତ ନାରାୟଣ ଜେନା, ଶ୍ରୀମତୀ ମନୋରମା ମହାନ୍ତି, ଶ୍ରୀମତୀ ସୁବାସିନୀ ଜେନା, ଶ୍ରୀମତୀ ସୁଜାତା ସାହୁ, ମେୟର ଶ୍ରୀମତୀ ସୁଲୋଚନା ଦାସ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ଶ୍ରୀମତୀ ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ଶ୍ରୀମତୀ ଗୀତାଞ୍ଜଳୀ ରାଉତରାୟ ପ୍ରମୁଖ ସାମିଲ୍ ଥିଲେ ।
ଦଳର ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଙ୍କ ଉପରେ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ ସନ୍ତୋଷ ଖଟୁଆ । ଏ ନେଇ ଥାନାରେ ଏତଲା ଦାୟର ହୋଇଥିଲେ ମଧ୍ୟ କାହିଁକି ତାଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ସେ ନେଇ ଡିଜିଙ୍କୁ ଦାବିପତ୍ର ଦେଇଛି ବିଜୁ ମହିଳା ଜନତା ଦଳ । ଘଟଣାକୁ ଏତେ ଦିନ ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଖୁବଶୀଘ୍ର ବିଧାୟକଙ୍କ ଗିରଫ ଦାବି କରିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଡିଜିଙ୍କ ଆଗରେ ବିଜେଡ଼ି ଦାବି ରଖିଛି। ଯଦି କୌଣସି ପଦକ୍ଷେପ ଗ୍ରହଣ କରାନଯାଏ ତାହାଲେ ଗାଁ ଗାଁ ବୁଲି ସାଧାରଣ ମହିଳା ମାନଙ୍କୁ ପୋଲିସ ଓ ବିଜେପିର ମଧୁଚନ୍ଦ୍ରିକା କଥା ଜଣାଇବୁ।
ଆଜି ଅପରାହ୍ନରେ ବିଜୁ ମହିଳା ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ୍ ଡିଜି ୱାଇ.ବି ଖୁରାନିଆଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବି କରିଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀମତୀ ଟୁକୁନି ସାହୁ, ଶ୍ରୀମତୀ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଶ୍ରୀମତୀ ଲୋପାମୁଦ୍ରା ବକ୍ସିପାତ୍ର, ଡ଼ ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀମତୀ ମନୋରମା ମହାନ୍ତି, ଶ୍ରୀମତୀ ସୁବାସିନୀ ଜେନା, ଶ୍ରୀମତୀ ସୁଜାତା ସାହୁ, ଶ୍ରୀମତୀ ଗୀତାଞ୍ଜଳୀ ରାଉତରାୟ ପ୍ରମୁଖ ସାମିଲ୍ ଥିଲେ ।

# ଦନ୍ତେୱାଡ଼ାରେ ୧୨ ମାଓବାଦୀଙ୍କ ଆତ୍ମସମର୍ପଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଛତିଶଗଡ଼ ଦନ୍ତେୱାଡ଼ାରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ମୁଖ୍ୟ ସ୍ରୋତରେ ଫେରିବା ପାଇଁ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି ୧୨ ମାଓବାଦୀ । ୧୨ ଜଣଙ୍କ ମଧ୍ୟରୁ ୯ ମାଓବାଦୀଙ୍କ ଉପରେ ୨୮ ଲକ୍ଷର ପୁରସ୍କାର ଥିଲା ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାହୁଲ ଗାନ୍ଧୀଙ୍କ...

ଉଦ୍‌ବୋଧନ ଦେବେ। ଯୋଗଦେବେ। ରାହୁଲଙ୍କ ସହ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ଼ଗେ ଏବଂ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ ପରେ ରାହୁଲ ଗାନ୍ଧୀ ପିସିସି ଅଫିସକୁ ଆସି ସେଠାରେ ଦଳର କିଛି ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ଦୁର୍ଘଟଣାରେ...

ସମୟରେ ସେମାନେ ବିପରୀତ ଦିଗରୁ ଆସୁଥିବା ଗାଡ଼ି ସହିତ ଧକ୍କା ହୋଇଥିଲେ। ଦଉ ଓ ସୁନୀଲ କୌଣସି କାମରେ ଜରଡ଼ା ଗ୍ରାମରୁ ନିଜ ଗ୍ରାମକୁ ଫେରିବା ସମୟରେ ଠଣାଗାଁ ନିକଟରେ ଦଉ ଓ ସୁନୀଲଙ୍କ ସହିତ ମୁହାଁମୁହିଁ ହୋଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟିଥିଲା । ସୁନୀଲଙ୍କ ବାପା ଦଉ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦଉଙ୍କ ଚିକିତ୍ସା ବେଳେ ମୃତ୍ୟୁ ଘଟିଥିବା ଜଣାପଡିଛି।
ଖବର ପାଇ ଜରଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ବେଳେ ମୃତକଙ୍କ ଶରୀରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି । ସେହିଭଳି ଖବର ପାଇ ପାତ୍ରପୁର ବଡ଼ିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ ପଟ୍ଟନାୟକ ପହଞ୍ଚିଥିବା ମଧ୍ୟ ସୂଚନା ମିଳିଛି । ଏଭଳି ଦୁଃଖଦ ଖବର ଜଣାପଡିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୧୭ଟି ନୂଆ ...

ମତ୍ସ୍ୟ ଦିବସ ସମାରୋହକୁ ଆନୁଷ୍ଠାନିକ ଭାବେ ମଧ୍ୟ ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ପ୍ରଫେସର ଏସ.ପି. ସିଂ ବାଘେଲ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଦୁଗ୍ଧ ଉତ୍ପାଦନ ଏବଂ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଜର୍ଜ କୁରିୟନ, ଓଡ଼ିଶା ସରକାରଙ୍କ ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ।
କେନ୍ଦ୍ର ମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଜାତୀୟ ମତ୍ସ୍ୟ ଚାଷୀ ଦିବସ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ ଏବଂ ବୈଜ୍ଞାନିକ, ମାଛ ଚାଷୀ ଓ ଉଦ୍ୟୋଗୀଙ୍କ ସହ ମତ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ସେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ଅଧୀନରେ ମୂଲ୍ୟ ଶୃଙ୍ଖଳାର ବିକାଶ, ନବୋନ୍ମେଷ ଏବଂ କ୍ଷମତା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମତ୍ସ୍ୟ ରପ୍ତାନିକୁ ୧.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାର ଲକ୍ଷ୍ୟ ଉପରେ ଜୋର ଦେଇଥିଲେ। ଗ୍ରାମୀଣ ଆୟକୁ ପ୍ରୋତ୍ସାହନ ଦେବା ଏବଂ ମତ୍ସ୍ୟ ପାଳନ କ୍ଷେତ୍ରରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ଲାଗି ସେ ବିଜ୍ଞାନ ଆଧାରିତ ଜଳଜ କୃଷି, ଦକ୍ଷତା ବିକାଶ ଏବଂ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇସିଏଆର-ସିଫାରେ ହେଉଥିବା ସମସ୍ତ ଗବେଷଣାର ଲାଭ ଯେପରି ମତ୍ସ୍ୟ ଚାଷୀଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ସରକାର ଧ୍ୟାନ ଦେଉଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ।

## ଲାଞ୍ଚ ମାମଲାରେ ...

ଟିମ୍ ହାତରେ ଧରାପଡ଼ିଥିଲେ। ଝୁପୁରଙ୍ଗାର ଜଣେ ବିସ୍ଥାପିତଙ୍କ ଠାରୁ ଘର ବାବଦର ଟଙ୍କା ରିଲିଜ୍ କରିବା ପାଇଁ ଅଖିଳେଶ ୩୦ ହଜାର ଟଙ୍କା ମାଗିଥିଲେ। ୧୦ ହଜାର ଟଙ୍କା ପୂର୍ବରୁ ନେଇସାରିଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ୨୦ ହଜାର ଟଙ୍କା ନେଉଥିଲେ। ଟଙ୍କା ନେଲା ବେଳକୁ ଛକି ବସିଥିବା ସିବିଆଇ ତାଙ୍କୁ ମାଡ଼ି ବସିଥିଲା। ତାଙ୍କୁ ଗିରଫ କରିବା ସହ ତାଙ୍କ ଅଫିସ ଓ ଏମସିଏଲ କ୍ୱାଟରରେ ସିବିଆଇ ଚଢ଼ଉ କରିଛି।

## ରାଜ୍ୟରେ ...

ଅଞ୍ଚଳରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ଅନେକ କୁକୁଡ଼ା ଚାଷୀଙ୍କ ଫାର୍ମ ଖାଲି ହୋଇଯାଇଥିଲା। ତେବେ ଲକ୍ଷ ଲକ୍ଷ ଟଙ୍କା ଋଣ କରି କୁକୁଡା ଚାଷ କରିଥିବା ଚାଷୀ ବ୍ୟାଙ୍କ ଋଣ ପୈଠ କରିବା କଷ୍ଟକର ହୋଇପଡିଥିଲା। ବର୍ତ୍ତମାନ ପୁଣି ଋଣ କରି କୁକୁଡା ଚାଷ କରିବାକୁ ଚିନ୍ତା କଲେ ଡର ଲାଗୁଥିବା ଚାଷୀମାନେ ମତପ୍ରକାଶ କରିଛନ୍ତି। ବିଶେଷ କରି ପୂର୍ବରୁ ପୁରୀ ଜିଲ୍ଲା ପିପିଲି ସତ୍ୟବାଦୀ, ନିମାପଡ଼ା ଏବଂ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ବାର୍ଡ ଫ୍ଲୁ ସଂକ୍ରମଣ ଦେଖାଦେଇଥିଲା।

## ବର୍ଦ୍ଧିତ ତାପମାତ୍ରା...

ଲାଗି ରହିବ। ବାତ୍ୟାର ଇଣ୍ଟେନସିଟି ବଢି ନ ଥିଲେ ମଧ୍ୟ ରେଟ ଅଫ ଇଣ୍ଟେନ୍ସିଫିକେସନ ଏବଂ ସ୍ଲୋମୋସନ ପାଇଁ ଓଡିଶା ଉପରେ କୁପ୍ରଭାବ ପଡୁଛି । ଏସବୁ ପାଇଁ ଆନୁଷ୍ଠାନିକ ଭିତ୍ତିରେ ପଦକ୍ଷେପ ନିଆଯାଉଛି । କ୍ଲାଇମେଟ ପଲିସି କରାଯାଉଛି। ରିସର୍ଚ୍ଚକୁ ଗୁରୁତ୍ୱ ଦିଆଯାଉଛି । ଘର ପାଖ ପୋଖରୀ ଓ ଗଡ଼ିଆକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବା ଆବଶ୍ୟକ ବୋଲି କହିଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର।
ସେ କହିଛନ୍ତି ଯେ ସୁବର୍ଣ୍ଣରେଖାରେ ବିଶେଷ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାପରେ ଅନ୍ୟ ଏକ ଲଘୁଚାପ ଗଲାଣି ଓ ବର୍ତ୍ତମାନ ଏକ ଲଘୁଚାପ କ୍ଷେତ୍ର ଝାଡ଼ଖଣ୍ଡ ନିକଟସ୍ଥ ଅଞ୍ଚଳରୁ ଧୀରେ ଧୀରେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରିବ। ଓଡ଼ିଶାରେ ଯେଉଁ ପରିମାଣରେ ବର୍ଷା ହେଉଥିଲା ତାହା କମି ଯାଇଛି । ଆସନ୍ତା ୧୩ ତାରିଖ କିମ୍ବା ୧୪ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଫଳରେ ଓଡ଼ିଶାରେ ପୁଣି ଭଲ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

## ସମାଜର ୪ଟି ...

ପୂର୍ବ କ୍ଷେତ୍ରୀୟ ପରିଷଦ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ରାଜ୍ୟକୁ ନେଇ ଗଠିତ ଝାଡ଼ଖଣ୍ଡ ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଆନ୍ତଃରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଇଥିଲା।

ଭୁବନେଶ୍ୱର
୧୧ ଜୁଲାଇ, ଶୁକ୍ରବାର,୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

# ସୋସିଆଲ ମିଡିଆରେ ପାଟ ଅଗଣା ଓ ଭେଟ ମଣ୍ଡପର ଫଟୋ ଛାଡିଲେ ଯୁବକ





**ପୁରୀ,୧୦/୦୭ ନ୍ୟୁଜ ବ୍ୟୁରୋ** ପୁରୀ ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ତ୍ରୁଟି । ସୋସିଆଲ୍ ମିଡିଆରେ ଭାଇରାଲ ହେଲା ମନ୍ଦିର ଭିତରର ଫଟୋ । ଜଣେ ଯୁବକ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଥିବା ଜଣାପଡିଛି ।

ସୂଚନା ମୁତାବକ, ଶ୍ରୀମନ୍ଦିର ଭିତର ପାଟ ଅଗଣା ଓ ଭେଟ ମଣ୍ଡପର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ସ୍ୱେତାଂଶୁ ମହାପାତ୍ର ନାମକ ଜଣେ ଯୁବକ ଏହି ଦୁଇ ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଷ୍ଟାଟସ ଦେଇଥିଲେ । ନୀଳାଦ୍ରିବିଜେ ଦିନ ଏହି ଦୁଇ ଫଟୋ ଉଠାଯାଇଥିବା ଅନୁମାନ କରାଯାଉଛି । ତେବେ କିପରି ଓ କେମିତି ଏହି ଫଟୋ ଉଠିଛି, ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି ।

ସେପଟେ ବୁଧବାର ଦିନ ଏକ ଭିଡିଓ ଭାଇରାଲ ହୋଇଥିଲା । ଯେଉଁଥିରେ ୪ ଜଣ ଅମାନିଆ ଶ୍ରୀମନ୍ଦିର ବାହାର ଥିବା ଏକ ଅଳିଆ ଗଦା ଦେଇ ମେଘନାଦ ପାଚେରୀ ଡେଇଁ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ଯାହାପରେ ପୁରୀ ପ୍ରଶାସନ ପକ୍ଷରୁ ଆକ୍ସନ ନିଆଯାଇଛି । ତେବେ ଗୋଟିଏ ଘଟଣାକୁ କିଛି ଘଣ୍ଟା ନପୂରୁଣୁ ଆଉ ଏକ ଘଟଣା ଘଟିଛି । ବାରମ୍ବାର ଶ୍ରୀମନ୍ଦିରର ସୁରକ୍ଷାରେ ତ୍ରୁଟି ଦେଖାଦେଉଛି ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନାମିବ୍ୟାର ସର୍ବୋଚ୍ଚ ନାଗରିକ ସମ୍ମାନ

**ନୂଆଦିଲ୍ଲୀ, ୧୦/୭** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାମିବ୍ୟାକୁ ସରକାରୀ ଗସ୍ତରେ ଅଛନ୍ତି । ଏହି ଅବସରରେ ନାମିବ୍ୟାର ରାଷ୍ଟ୍ରପତି ମହାମହିମ ନେତୁମ୍ବୋ ନନ୍ଦୀ-ନଦାଇତୱା ପ୍ରଧାନମନ୍ତ୍ରୀଙ୍କୁ ନାମିବ୍ୟାର ସର୍ବୋଚ୍ଚ ନାଗରିକ ସମ୍ମାନ-''ଅର୍ଡର ଅଫ୍ ଦ ମୋଷ୍ଟ ଆନସିଏଣ୍ଟ ୱେଲୱିଟସିଆ ମିରାବିଲିସ୍" ପ୍ରଦାନ କରିଛନ୍ତି । ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ନେତା । ଏହି ପୁରସ୍କାର ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଭାରତର ୧.୪ କୋଟି ଲୋକଙ୍କୁ ଏବଂ ଭାରତ ଓ ନାମିବ୍ୟା ମଧ୍ୟରେ ଥିବା ଐତିହାସିକ ତଥା ସ୍ଥାୟୀ ସମ୍ପର୍କକୁ ଉତ୍ସର୍ଗ କରିଥିଲେ । ଏହି ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ନନ୍ଦୀ-ନଦାଇତୱା ଏବଂ ନାମିବ୍ୟାର ଜନସାଧାରଣଙ୍କୁ କୃତଜ୍ଞତା ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାର ଭାରତ ଏବଂ ନାମିବ୍ୟା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ମାଇଲଖୁଣ୍ଟ ହବ୍ ହେବ ବୋଲି କହିଛନ୍ତି । ଏହା ସ୍ୱତନ୍ତ୍ର ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ଉଚ୍ଚତାକୁ ନେବା ପାଇଁ ଉଭୟ ଦେଶର ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ।



# ନନ୍ଦନକାନନରେ ନୂଆ ଅତିଥି: ଗୟଳ ଶାବକ ଜନ୍ମ



**ଭୁବନେଶ୍ୱର, ୧୦/୭ ନ୍ୟୁଜ ବ୍ୟୁରୋ** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୪୨ ନମ୍ବର ଖୁଆଡ଼ରେ ଏକ ଭାରତୀୟ ଗୟଳ ଶାବକ ଜନ୍ମଲାଭ କରିଛି । ଶାବକଟି ଜୁଲାଇ ୯ ତାରିଖ ଅପରାହ୍ନ ୫ଟା ୨୫ ମିନଟରେ ଜନ୍ମ ନେଇଥିବା ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଏହାଦ୍ୱାରା ନନ୍ଦନକାନନରେ ମୋଟ ଗୟଳ ସଂଖ୍ୟା ୧୪କୁ ବୃଦ୍ଧି ହୋଇଛି । ସେଥି ମଧ୍ୟରେ ୧୦ଟି ଅଣ୍ଡିରା, ୩ଟି ମାଈ ଥିବା ବେଳେ ଲିଙ୍ଗ ଚିହ୍ନଟ ହୋଇ ନଥିବା ନବଜାତ ଶାବକଟି ଅଛି । ସୂଚନାଯୋଗ୍ୟ, ନନ୍ଦନକାନନରେ ଶେଷ ଗୟଳ ଜନ୍ମ ୫ ଜୁନ୍ ୨୦୨୪ରେ ରେକର୍ଡ କରାଯାଇଥିଲା ।

## ଗୁରୁପୂର୍ଣ୍ଣିମାରେ ଗୁରୁ ସାଜିଲେ ଗଣ ଶିକ୍ଷାମନ୍ତ୍ରୀ

**ନବରଙ୍ଗପୁର, ୧୦/୭ ନ୍ୟୁଜ ବ୍ୟୁରୋ** ଗୁରୁବାର ପବିତ୍ର ଗୁରୁପୂର୍ଣ୍ଣିମାରେ ଗୁରୁ ସାଜି ପିଲାଙ୍କୁ ପାଠ ପଢ଼ାଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ ଭୁବନେଶ୍ୱରରୁ ଉମରକୋଟ ଫେରିବା ସମୟରେ ନବରଙ୍ଗପୁରର ମୁଖ୍ୟରାସ୍ତାରେ ଥିବା ସହିଦ ଲକ୍ଷ୍ମଣ ନାୟକ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ । ସେଠାରେ ପଢୁଥିବା ପିଲାଙ୍କ ସହ କିଛି ସମୟ ଅତିବାହିତ କରି କିଭଳି ପାଠପଢ଼ା ଯାଉଛି ତାହାକୁ ପରଖିବା ସହ ନିଜେ ପଢ଼ାଇଥିଲେ ।

# ଜୀବନ ଜ୍ଞାନର ସର୍ବୋତ୍କୃଷ୍ଟ ରକ୍ଷକ ହେଉଛନ୍ତି ଗୁରୁ

**ଭୁବନେଶ୍ୱର, ୧୦/୭ ନ୍ୟୁଜ ବ୍ୟୁରୋ** ମନୁଷ୍ୟର ଜୀବନାଦର୍ଶ, ଆଧ୍ୟାତ୍ମିକ ଚେତନା ତଥା ପରମାର୍ଥିକ ଜ୍ଞାନର ସଫଳ ରୂପାୟନକାରୀ ହେଉଛନ୍ତି ଗୁରୁ । ଦୈନନ୍ଦିନ ଜୀବନରେ ଦିବ୍ୟଦର୍ଶନ, ମାର୍ଗଦର୍ଶନ, ମନସ୍ତାତ୍ତ୍ୱିକ ଦିଗକୁ ଆଗେଇ ନେଇଥାନ୍ତି ଗୁରୁ ବୋଲି ମତପ୍ରକାଶ କରିଛନ୍ତି ଯୋଗଗୁରୁ ଶ୍ୟାମ ସୁନ୍ଦର ଅଗ୍ରୱାଲା ।

ଗୁରୁବାର ଦିନ ବିଜୁ ପଟ୍ଟନାୟକ ପାର୍କ ଠାରେ ଓମ୍ ପ୍ରାଣାୟମ କେନ୍ଦ୍ର ପକ୍ଷରୁ ଗୁରୁପୂର୍ଣ୍ଣିମା ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ଯୋଗଦେଇ ଯୋଗଗୁରୁ ଶ୍ୟାମ ସୁନ୍ଦର ଅଗ୍ରୱାଲା କହିଲେ ଯେ ବିଦ୍ୟାଳୟରେ ଶିକ୍ଷକ ବିଦ୍ୟା ଓ ବୁଦ୍ଧି ପ୍ରଦାନ କରିଥାନ୍ତି । ପରୀକ୍ଷାରେ କିଭଳି ସଫଳତାର ସହ ଉତ୍ତୀର୍ଣ୍ଣ ହେବେ ସେଥିପାଇଁ ଶିକ୍ଷା ଓ ତାଲିମ ପ୍ରଦାନ କରିଥାନ୍ତି । ଅପର ପକ୍ଷରେ ଗୁରୁ ହେଉଛନ୍ତି ପରମଜ୍ଞାନ ଓ ଦିବ୍ୟଜ୍ଞାନର ଜ୍ୱଳନ୍ତ ପ୍ରହରୀ । ଆଧ୍ୟାତ୍ମିକ ଚେତନା ଓ ପରମାର୍ଥିକ ଜ୍ଞାନ ଶିକ୍ଷକଙ୍କ ତୁଳନାରେ ଗୁରୁଙ୍କଠାରେ ଅଧିକ ଉପଲବ୍ଧ ହୋଇଥାଏ ।



ଧର୍ମୀୟ ଚେତନାର ବିକାଶ, ଦର୍ଶନ ଶାସ୍ତ୍ରର ପରିପ୍ରକାଶ ପାଇଁ ଗୁରୁ ହିଁ ଦାୟିତ୍ୱ ନେଇଥାନ୍ତି ବୋଲି ସେ କହିଥିଲେ । ଯୁଗେ ଯୁଗେ ବିଭିନ୍ନ ସମୟରେ ଅବତାରି ପୁରୁଷମାନେ ଉତ୍ତମ ଗୁରୁଙ୍କ ନିକଟରେ ଶିକ୍ଷାଲାଭ କରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ନେଇ ବୟୋଜ୍ୟେଷ୍ଠ ସମାଜସେବୀ ଅମ୍ବିକା ପ୍ରସାଦ ଦାସ ମତପ୍ରକାଶ କରିଥିଲେ । ଗୁରୁଙ୍କ ବିନା ଜୀବନ ନିରର୍ଥକ ଓ ଜଣେ ଦିଗହୀନ ପୁରୁଷ ବାଟହୁଡ଼ା ହୋଇ ଉଚିତ ମାର୍ଗରେ ଯାଇପାରନ୍ତି ନାହିଁ । ଗୁରୁ ହିଁ ସତ୍‌ଚିନ୍ତା, ସତ୍‌ମାର୍ଗ ଓ ସତ୍‌ସଂଘ ମାଧ୍ୟମରେ ଜୀବନର ସଫଳ ରୂପାୟନ ପାଇଁ ମାର୍ଗଦର୍ଶକ ସାଜିଥାନ୍ତି ବୋଲି ଅନ୍ୟାନ୍ୟ ବକ୍ତାମାନେ ମତ ପ୍ରକାଶ କରିଥିଲେ ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ- ରାମଚନ୍ଦ୍ର ସାମନ୍ତରାୟ, ଜୟାଶୀଷ ରାୟ, ଚିତ୍ତରଞ୍ଜନ ମହାରଣା, ସ୍ୱଦେଶ କୁମାର ରାଲହାନ, ନିହାର ଦାସ, ଡାକ୍ତର ବିଷ୍ଣୁ ଚରଣ ଦାଶ, ପ୍ରଫୁଲ୍ଲ କୁମାର ରଥ, ବାଦଲ ପରିଜା, ଅଲେଖ ନାୟକ, ଦିପ୍ତୀରଞ୍ଜନ ମିଶ୍ର, ନବକିଶୋର ସାମଲ, ବିରଞ୍ଚି ନାରାୟଣ ମହାନ୍ତି, ଗୋପବନ୍ଧୁ ନାୟକ, ମହେନ୍ଦ୍ର ମହାନ୍ତି, ସୁରେଖା ଜୀ, ଦାମ ମହାରଣା, ହେମନ୍ତ ସାହୁ, ମୀରାଜ ଅହମ୍ମଦ ପ୍ରମୁଖ ଯୋଗ ଦେଇ ଗୁରୁପୂର୍ଣ୍ଣିମାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ ।

# ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ : ଯୋଗ୍ୟ ଆବେଦନକାରୀ ପଦବୀରୁ ବଞ୍ଚିତ

**କଟକ, ୧୦/୭ ନ୍ୟୁଜ ବ୍ୟୁରୋ** ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ପଦରେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ନେଇ ଅଡୁଆରେ ପଡିଯାଇଛନ୍ତି ସରକାର । ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେଇ ଗତ ୧୨ ସେପ୍ଟେମ୍ବର ୨୦୨୪ରେ ଜାରି କରାଯାଇଥିବା ଗାଇଡ଼ଲାଇନର ଉଲ୍ଲଂଘନ ହୋଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଥିବା ବେଳେ, ଜବାବ ଦାଖଲ କରିବା ପାଇଁ ସରକାର ସମୟ ମାଗିଛନ୍ତି । ତେବେ ଆସନ୍ତା ଜୁଲାଇ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ନିୟମିତ ପଦବୀରେ ଅବସରପ୍ରାପ୍ତ ଅଧିକାରୀଙ୍କୁ ଜଳସଂପଦ ବିଭାଗରେ ନିଯୁକ୍ତି ଦିଆଯିବା ମାମଲାକୁ ହାଇକୋର୍ଟ ଅତି ଗୁରୁତର ସହିତ ଗ୍ରହଣ କରିଛନ୍ତି ।



ଇଞ୍ଜିନିୟର-ଇନ୍-ଚିଫ୍ ପଦକୁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ଏଥିରୁ ବଞ୍ଚିତ କରାଯିବା ଓ ଅବସର ଗ୍ରହଣ କରିଥିବା ଅଧିକାରୀଙ୍କୁ ଜଳସଂପଦ ବିଭାଗରେ ଏପରି ପଦରେ ପୁନଃନିଯୁକ୍ତି ପ୍ରଦାନ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି । ତେବେ ଏହି ପ୍ରସଙ୍ଗରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି ଦେଇ ଖାଲି ଥିବା ନିୟମିତ ପଦବୀ ପୂରଣ କରାଯାଇ ପାରିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ୨୦୨୪, ସେପ୍ଟେମ୍ବର ୧୨ର ବିଜ୍ଞପ୍ତିରୁ ସ୍ପଷ୍ଟ ବୋଲି ହାଇକୋର୍ଟ କହିଛନ୍ତି । ଏଥି ସହିତ ପରବର୍ତ୍ତୀ ଶୁଣାଣି ସମୟରେ ମାମଲାରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜୁଲାଇ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି । ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାରୁ ଜଣାପଡିଛି ଯେ ୨୦୨୫, ମେ' ୨ ତାରିଖରେ ବସିଥିବା ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକରେ ତିନୋଟି ପଦ ପୂରଣ ପାଇଁ ମୁଖ୍ୟଯନ୍ତ୍ରୀ ସ୍ତରର ୧୦ଜଣ ଅଧିକାରୀଙ୍କ ନାଁ ବିଚାରକୁ ନିଆଯାଇଥିଲା । ତାଲିକାର ତୃତୀୟ ସ୍ଥାନରେ ଥିବା ବି.ବି.ଦାଶଙ୍କୁ ପଦୋନ୍ନତି ପ୍ରଦାନ କରାଯାଇଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ଥିବା ଆବେଦନକାରୀଙ୍କୁ ଇଞ୍ଜିନିୟର-ଇନ-ଚିଫ ପଦକୁ ପଦୋନ୍ନତି ପ୍ରଦାନ କରାଯାଇ ନଥିଲା । ଅପରପକ୍ଷରେ ଗତ ଜୁନ ୩୦ ତାରିଖରେ ଜଳସମ୍ପଦ ବିଭାଗର ଇଂଜିନିୟର-ଇନ୍-ଚିଫ ଭାବେ ଅବସର ଗ୍ରହଣ କରିଥିବା ସି.ଏସ.ପୋଢୀଙ୍କୁ ପୁନଃନିଯୁକ୍ତି ମିଳିଥିଲା । ଇଂଜିନିୟର-ଇନ୍-ଚିଫ୍ ପଦକୁ ପଦୋନ୍ନତି ପାଇଁ ଆବେଦନକାରୀ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ଏଥି ସହିତ ସେପ୍ଟେମ୍ବର ୧୨, ୨୦୨୪ର ବିଜ୍ଞପ୍ତିର ଉଲ୍ଲଂଘନ କରି ନିୟମିତ ପଦକୁ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃନିଯୁକ୍ତି ମାଧ୍ୟମରେ ପୂରଣ କରାଯାଇଛି ବୋଲି ଆବେଦନରେ ଦର୍ଶାଇଛନ୍ତି ଆବେଦନକାରୀ ।

# ଲେଭଲ୍ କ୍ରସିଂ ଗେଟ୍‌ଗୁଡ଼ିକର ସୁରକ୍ଷା ଯାଞ୍ଚ ପାଇଁ ସମୀକ୍ଷା କଲେ ରେଳମନ୍ତ୍ରୀ

**ଭୁବନେଶ୍ୱର,୧୦/୦୭ ନ୍ୟୁଜ ବ୍ୟୁରୋ** ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳବାଇ ବୋର୍ଡର ଅଧ୍ୟକ୍ଷ, ବୋର୍ଡର ସଦସ୍ୟ ଏବଂ ଜୋନାଲ ରେଳବାଇର ମହାପ୍ରବନ୍ଧକମାନଙ୍କ ସହିତ ଲେଭଲ୍ କ୍ରସିଂ ଗେଟ୍‌ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି । ତାଙ୍କ ପିତାଙ୍କ ମୃତ୍ୟୁର ଗୋଟିଏ ଦିନ ପରେ, ବ୍ୟକ୍ତିଗତ ଶୋକ ଏବଂ ଶବଦାହ କାର୍ଯ୍ୟକ୍ରମ ସତ୍ତ୍ୱେ ରେଳମନ୍ତ୍ରୀ ରେଳବାଇର ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି । ସମୀକ୍ଷାରେ 'ଲେଭଲ କ୍ରସିଂ ଗେଟ୍ ସୁରକ୍ଷା' ବିଷୟ ଉପରେ ଗଭୀର ଆଲୋଚନା ହୋଇଥିଲା । ରେଳମନ୍ତ୍ରୀ ଏ ସମ୍ପର୍କରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ସମସ୍ତ ଲେଭଲ୍ କ୍ରସିଂ ଗେଟ୍‌ରେ ସିସି କ୍ୟାମେରା ଏବଂ ରେକର୍ଡିଂ ସିଷ୍ଟମ୍ ସ୍ଥାପନ କରାଯିବା ଉଚିତ । ସୌର ପ୍ୟାନେଲ୍, ବ୍ୟାଟେରୀ ବ୍ୟାକଅପ୍, ୟୁପିଏସ୍ ଇତ୍ୟାଦି ମାଧ୍ୟମରେ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯିବା ଉଚିତ । ଏହି କାର୍ଯ୍ୟ ମିଶନ ମୋଡ୍‌ରେ ସମାପ୍ତ କରାଯିବା ଉଚିତ । 'ସଡ଼କ ଟ୍ରାଫିକ୍ ନିକଟ' ଗେଟ୍‌ଗୁଡ଼ିକୁ 'ସଡ଼କ ଟ୍ରାଫିକ୍ ଖୋଲା' ଗେଟ୍‌ରେ ପରିଣତ କରିବା ପାଇଁ ନୀତି ସମୀକ୍ଷା କରାଯିବ । ଏଲ୍‌ସି ଗେଟ୍‌ଗୁଡ଼ିକର ଇଣ୍ଟରଲକିଂ କାର୍ଯ୍ୟ ମିଶନ ମୋଡ୍‌ରେ ତ୍ୱରିତ ଗତିରେ ସମାପ୍ତ କରାଯିବ । ରେଳବାଇ ପିଏସ୍‌ୟୁଗୁଡ଼ିକ ଇଣ୍ଟରଲକିଂ କାର୍ଯ୍ୟ ଏବଂ ନିର୍ମାଣ କାର୍ଯ୍ୟରେ ସାମିଲ ହେବେ । ଟିଭିୟୁ ସୀମା ହ୍ରାସ କରାଯାଇଛି । ଏବେ କେବଳ ୧୦,୦୦୦ ଟିଭିୟୁରୁ ଇଣ୍ଟରଲକିଂ ଆରମ୍ଭ କରାଯିବ । ପୂର୍ବରୁ ଏହି ସୀମା ୨୦,୦୦୦ ଥିଲା । ଆରଓବି/ଆର୍‌ୟୁବି/ଏଲ୍‌ଏଚ୍‌ଏସ୍ ସ୍କିମ୍ ନିର୍ବିଶେଷରେ ୧୦,୦୦୦ରୁ ଅଧିକ ଟିଭିୟୁ ଥିବା ସମସ୍ତ ଗେଟ୍‌ରେ ଇଣ୍ଟରଲକିଂ ବାଧ୍ୟତାମୂଳକ ହେବ । ଅଣ-ଇଣ୍ଟରଲକ୍ ଗେଟ୍‌ରେ ପ୍ରତିଦିନ ପ୍ରତି ଡିଭିଜନରେ ଦୁଇଟି ଅନିୟମିତ ଭଏସ୍ ରେକର୍ଡିଂ ଯାଞ୍ଚ କରାଯିବ । ଅଣ-ଇଣ୍ଟରଲକ୍ ଗେଟ୍‌ରେ ଭଏସ୍ ଲଗର ସିଷ୍ଟମର କାର୍ଯ୍ୟକାରିତା ସମସ୍ତ ଡିଆର୍‌ଏମ୍ ଦ୍ୱାରା ନିଶ୍ଚିତ କରାଯିବ । ସମସ୍ତ ଏଲ୍‌ସି ଗେଟ୍‌ରେ ସ୍ପିଡ୍ ବ୍ରେକର, ଚେତାବନୀ ବୋର୍ଡ ଇତ୍ୟାଦିକୁ ମାନକୀକରଣ କରାଯିବ ଏବଂ ଆବଶ୍ୟକୀୟ ଉନ୍ନତି କରାଯିବ । ଲେଭଲ୍ କ୍ରସିଂ ଗେଟ୍ ଦୂର କରିବା ପାଇଁ ରୋଡ୍ ଓଭର ବ୍ରିଜ୍, ରୋଡ୍ ଅଣ୍ଡର ବ୍ରିଜ୍ ଏବଂ କମ୍ ଉଚ୍ଚତା ବ୍ରିଜ୍ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ଯେଉଁଠାରେ ବିବାଦ କିମ୍ବା ଜନସାଧାରଣଙ୍କ ଦ୍ୱାରା ଚାପ/ଆକ୍ରମଣର ଘଟଣା ଘଟେ ସେଠାରେ ଗେଟ୍‌ର ଏକ ତାଲିକା ପ୍ରସ୍ତୁତ କରାଯିବ । ସେଠାରେ ରେଳ ସୁରକ୍ଷା ବଳ /ହୋମଗାର୍ଡ ନିୟୋଜନ ସୁନିଶ୍ଚିତ କରାଯିବ । ଏହା ସହିତ ବ୍ଲକ ସେକ୍ସନ୍‌ରେ ଲେଭଲ୍ କ୍ରସିଂ ଗେଟ୍‌ରେ ୧୫ ଦିନିଆ ସୁରକ୍ଷା ଯାଞ୍ଚ ଅଭିଯାନ ମଧ୍ୟ ଆରମ୍ଭ କରାଯାଇଛି ।



## ପୁତୁରାକୁ ହାଣି ହତ୍ୟା କଲା ଦାଦା

**ଜଗତସିଂହପୁର, ୧୦/୭ ନ୍ୟୁଜ ବ୍ୟୁରୋ** ଜଗତସିଂହପୁର ଥାନା ଜାହାନପୁରରେ ଗୁରୁବାର ସକାଳୁ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ଦାଦା ପୁତୁରାଙ୍କୁ ହାଣି ହତ୍ୟା କରିଛନ୍ତି । ମୃତକ ହେଉଛନ୍ତି ଜାହାନପୁର ଭୋଇ ସାହିର ରାଜା ଦାସ(୨୧) । ଆକ୍ରମଣକାରୀ ହେଉଛନ୍ତି ଦାଦା ସଞ୍ଜୟ ଦାସ(୪୫) । ସଞ୍ଜୟଙ୍କୁ କାବୁ କରି ସ୍ଥାନୀୟ ଲୋକ ନିଷ୍ଠୁର ମାଡ଼ ମାରିବା ପରେ ଗଛରେ ବାନ୍ଧି ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରିଛି ।

# 'ଭାରତର ବିପର୍ଯ୍ୟୟ ପ୍ରଶମନ ମଡେଲ୍ ସର୍ବୋତ୍ତମ'

**ବାଙ୍ଗାଲୋର, ୧୦/୭** ଆର୍ଥିକ ବ୍ୟବସ୍ଥା, ସଂସ୍ଥାଗତ ବିକାଶ ଏବଂ କ୍ଷମତା ନିର୍ମାଣରେ ନିବେଶ ଏକ ବ୍ୟାପକ ଫଳାଫଳ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି କେ ମିଶ୍ର କହିଛନ୍ତି । ବାଙ୍ଗାଲୋର ଆଇଆଇଏମ୍‌ର ସେଣ୍ଟର ଫର ପବ୍ଲିକ୍ ପଲିସିର ପ୍ରତିଷ୍ଠା ଦିବସ ରୌପ୍ୟ ଜୟନ୍ତୀ ସମାରୋହକୁ ସମ୍ବୋଧିତ କରି ସେ କହିଥିଲେ ଯେ ଭାରତର ବିକଶିତ ବିପର୍ଯ୍ୟୟ ବିପଦ ପ୍ରଶମନ ବ୍ୟବସ୍ଥାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ହେଉଛି ବିପର୍ଯ୍ୟୟ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ । ଏକ ବ୍ୟାପକ ଆଭିମୁଖ୍ୟ ସହିତ ଗୁଜରାଟ ଭୂମିକମ୍ପ ପୁନରୁଦ୍ଧାର କାର୍ଯ୍ୟକ୍ରମ ଦେଶର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଥିଲା ତାହା ସେ ବୁଝାଇ କହିଥିଲେ । ଭାରତର ବିପର୍ଯ୍ୟୟ ପ୍ରଶମନ ମଡେଲ୍ ବିଶ୍ୱସ୍ତରରେ ସର୍ବୋତ୍ତମ ବୋଲି ସେ କହିଥିଲେ ।



ସେ କହିଥିଲେ ଯେ ଉନ୍ନତ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ସଂସ୍ଥାଗତ ଦୃଢ଼ତା, ଉତ୍ତମ ଯୋଜନା ଏବଂ ଅଧିକ ପ୍ରତିକ୍ରିୟାଶୀଳ ଆର୍ଥିକ ସହାୟତାର ମିଳିତ ପ୍ରଭାବ ଯୋଗୁଁ ଅପ୍ରତ୍ୟାଶିତ ଏବଂ ଧୀର ବିପଦ ଉଭୟ କ୍ଷେତ୍ରରେ ମୃତ୍ୟୁହାର ସ୍ଥିର ଭାବରେ ହ୍ରାସ ପାଇଛି । ଗତ ୨୫ ବର୍ଷ ମଧ୍ୟରେ ଭାରତର ବିପର୍ଯ୍ୟୟ ପ୍ରଶମନ ନୀତି ଏବଂ ଅଭ୍ୟାସର ବିବର୍ତ୍ତନ' ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସଂକଳ୍ପ ଉପରେ ଆଲୋକପାତ କରିଥିଲେ । ସେ ୧୯୯୯ରେ ଓଡ଼ିଶା ମହାବାତ୍ୟା, ୨୦୦୧ ମସିହାରେ ଗୁଜରାଟ ଭୂମିକମ୍ପ ଏବଂ ୨୦୦୪ରେ ଭାରତ ମହାସାଗର ସୁନାମି ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏସବୁ ବିପର୍ଯ୍ୟୟ ଅନେକ ଶିକ୍ଷା ଦେଇଥିଲା ବୋଲି ସେ କହିଥିଲେ । ଏକ ଆଇନଗତ ଢାଞ୍ଚା, ନିୟାମକ ସଂସ୍କାର, ତାଲିମ ଓ ଜ୍ଞାନ ନେଟୱାର୍କ ଜରିଆରେ ବିପର୍ଯ୍ୟୟ ପ୍ରଶମନକୁ ସଂସ୍ଥାଗତ ରୂପ ଦେବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ଆବଶ୍ୟକ ବୋଲି ସେ କହିଥିଲେ । ଜାତୀୟ ଓ ରାଜ୍ୟ ସ୍ତରରେ ପ୍ରତିକ୍ରିୟା କ୍ଷମତା ବୃଦ୍ଧି, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଦ୍ରୁତ ଏବଂ ସ୍ୱଚ୍ଛ ରିଲିଫ୍ ବଣ୍ଟନ, ବିପର୍ଯ୍ୟୟ ପରବର୍ତ୍ତୀ ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା, ଉନ୍ନତ କ୍ଷୟକ୍ଷତି ଆକଳନ ଓ ସ୍ଥିର ପୁନରୁଦ୍ଧାର ଏବଂ ମାନବିକ ସହାୟତା ଓ ବିପର୍ଯ୍ୟୟ ରିଲିଫ୍ (ଏଚଏଡିଆର) କ୍ଷେତ୍ରରେ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ସହାୟତା ଏବଂ ନେତୃତ୍ୱରେ ଭାରତର ଉଲ୍ଲେଖନୀୟ ସଫଳତା ପାଇଛି । ସେ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ଭୂ-ରାଜନୈତିକ ଘଟଣା ଏବଂ ଅନ୍ୟାନ୍ୟ କାରଣ ଯୋଗୁଁ ଉପୁଜୁଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥାର ଗତିଶୀଳତା ରହିବା ଆବଶ୍ୟକ । ଆମକୁ ଏକ ସକ୍ରିୟ, ପୁନରାବୃତ୍ତିମୂଳକ ଏବଂ ଅଭ୍ୟାସଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ସେ କହିଥିଲେ ।

## ଆତ୍ମସମର୍ପଣ କରିବାକୁ ମାଓବାଦୀଙ୍କୁ ଆହ୍ୱାନ
## ରାୟଗଡ଼ା ପୋଲିସ ଲଗାଇଲା ବ୍ୟାନର

**ମୁନିଗୁଡ଼ା ୧୦ ।୭ ନ୍ୟୁଜ ବ୍ୟୁରୋ** ସରକାରଙ୍କ ମାଓବାଦୀ ଆତ୍ମସମର୍ପଣ ଓ ଥଇଥାନ ଯୋଜନାରେ ସାମିଲ ହେବାକୁ ମୁନିଗୁଡା ବସ୍‌ଷ୍ଟାଣ୍ଡ ଠାରେ ବ୍ୟାନର ଲଗାଇ ଆହ୍ୱାନ ଦେଇଛି ରାୟଗଡା ପୋଲିସ । ସେହିଭଳି ଜିଲ୍ଲାର ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ଛକ, ରାୟଗଡା-ଗଜପତି ସୀମା ଗରଡ଼ାମହା ଗ୍ରାମ, ଖମ୍ବସି ଏବଂ ନିୟମଗିରି ପାହାଡ ଅଞ୍ଚଳରେ ମଧ୍ୟ ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି । ଆତ୍ମସମର୍ପଣ କଲେ ସେମାନଙ୍କୁ ସରକାରଙ୍କ ତରଫରୁ ଆର୍ଥିକ, ଘର ନିର୍ମାଣ, ଝିଅ ବାହାଘର ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ ସହ ସେମାନଙ୍କ ନାମରେ ଥିବା କେସ୍ ଗୁଡିକ ପ୍ରତ୍ୟାହାର କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି । ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ ୬୩୭୦୨୦୪୦୩୨ ଏବଂ ୮୬୫୮୪୬୫୬୫୨ ନମ୍ବରକୁ ଯୋଗାଯୋଗ କରିବା ପାଇଁ ପୋଷ୍ଟର ମାଧ୍ୟମରେ ପୋଲିସ ଅନୁରୋଧ କରିଛି ।

# ୧.୫ ମିଲି ସେକେଣ୍ଡ୍ ଛୋଟ ହେଲା ଦିନ : ଜୋର ଘୂରିଲା ପୃଥିବୀ

**ନୂଆଦିଲ୍ଲୀ,୧୦/୦୭** ସ୍ୱାଭାବିକ ତୁଳନାରେ ଦ୍ରୁତ ଘୂରିଛି ପୃଥିବୀ । ଫଳରେ ଦିନରୁ କିଛି ସମୟ କମିଛି । ଆସନ୍ତା ୨୨ ଓ ଅଗଷ୍ଟ ୫ ତାରିଖରେ ମଧ୍ୟ ପୃଥିବୀ ଅପେକ୍ଷାକୃତ ଦ୍ରୁତ ଘୂରିବ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି । ଚନ୍ଦ୍ରର ସ୍ଥିତି ପୃଥିବୀର ଘୂର୍ଣ୍ଣନକୁ ପ୍ରଭାବିତ କରିବ, ଯାହା ଫଳରେ ପ୍ରତ୍ୟେକ ଦିନ ସାଧାରଣ ତୁଳନାରେ ୧.୩ରୁ ୧.୫୧ ମିଲିସେକେଣ୍ଡ୍ ମଧ୍ୟରେ ଛୋଟ ହେବ । ପୃଥିବୀରେ ଦିନ ତା'ର ଅକ୍ଷରେ ପୂର୍ଣ୍ଣ ଘୂର୍ଣ୍ଣନ ଜରିଆରେ ନିର୍ଦ୍ଧାରଣ କରାଯାଏ । ସେହି ଆଧାରରେ ପୃଥିବୀକୁ ନିଜ ଅକ୍ଷରେ ପୂର୍ଣ୍ଣ ଘୁରିବାକୁ ହାରାହାରି ୮୬,୪୦୦ ସେକେଣ୍ଡ୍ ବା ୨୪ ଘଣ୍ଟା ସମୟ ଲାଗେ । କିନ୍ତୁ ପୃଥିବୀର ଘୂର୍ଣ୍ଣନ ବିଭିନ୍ନ ଘଟଣା ଯଥା- ସୂର୍ଯ୍ୟ ଓ ଚନ୍ଦ୍ରର ସ୍ଥିତି, ପୃଥିବୀର ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ଏବଂ ଗ୍ରହରେ ଓଜନର ସନ୍ତୁଳନ ଆଦି ଦ୍ୱାରା ପ୍ରଭାବିତ ହୁଏ । ପ୍ରାରମ୍ଭିକ ଦିନଠୁ ପୃଥିବୀର ଘୂର୍ଣ୍ଣନ ଅପେକ୍ଷାକୃତ ଧିମା ହୋଇଚାଲିଛି । ଏହା ଫଳରେ ଆମ ଦିନଗୁଡ଼ିକ ଲମ୍ବା ହେଉଛି । ଅଧ୍ୟୟନକର୍ତ୍ତା ଜାଣିବାକୁ ପାଇଛନ୍ତି, ପ୍ରାୟ ୧୦୦ କୋଟିରୁ ୨୦୦ କୋଟି ବର୍ଷ ତଳେ, ପୃଥିବୀରେ ଗୋଟିଏ ଦିନ ମାତ୍ର ୧୯ ଘଣ୍ଟା ଥିଲା । ଏହାର କାରଣ ବୋଧହୁଏ ଚନ୍ଦ୍ର ପୃଥିବୀର ନିକଟରେ ଥିଲା, ଯାହାର ମାଧାକର୍ଷଣ ଶକ୍ତି ବର୍ତ୍ତମାନ ତୁଳନାରେ ଅଧିକ ଶକ୍ତିଶାଳୀ ଥିଲା । ଏଥିଯୋଗୁ ପୃଥିବୀ ନିଜ ଅକ୍ଷରେ ଅପେକ୍ଷାକୃତ ଦ୍ରୁତ ବେଗରେ ଘୂରୁଥିଲା । ସେବେଠୁ ଚନ୍ଦ୍ର ପୃଥିବୀଠୁ ଦୂରେଇ ଯାଇଛି, ଫଳରେ ଦିନ ହାରାହାରି ଲମ୍ବା ହୋଇଚାଲିଛି । କିନ୍ତୁ ଗତ ବର୍ଷମାନଙ୍କରେ ବୈଜ୍ଞାନିକମାନେ ପୃଥିବୀର ଘୂର୍ଣ୍ଣନରେ ଅନ୍ତର ଲକ୍ଷ୍ୟ କରିଛନ୍ତି । ୨୦୨୦ ମସିହାରେ ବୈଜ୍ଞାନିକମାନେ ଜାଣିବାକୁ ପାଇଲେ, ୧୯୭୦ ମସିହାରେ ପୃଥିବୀର ଘୂର୍ଣ୍ଣନ ରେକର୍ଡ ହେବା ପରଠୁ କୌଣସି ବିନ୍ଦୁ ତୁଳନାରେ ଏହା ଅଧିକ ଦ୍ରୁତ ବେଗରେ ଘୂରୁଥିଲା । ୨୦୨୪, ଜୁଲାଇ ୫ ତାରିଖରେ ପୃଥିବୀର ସର୍ବକାଳୀନ ଛୋଟ ଦିନ ରେକର୍ଡ କରାଯାଇଥିଲା, ଯାହା ୨୪ ଘଣ୍ଟାରୁ ୧.୬୬ ମିଲିସେକେଣ୍ଡ୍ ଛୋଟ ଥିଲା । ଗତ ବୁଧବାର ଚନ୍ଦ୍ର ପୃଥିବୀର ଭୂମଧ୍ୟରେଖାଠୁ ସବୁଠୁ ଦୂରରେ ଥିଲା । ଆସନ୍ତା ୨୨ ଓ ଅଗଷ୍ଟ ୫ ତାରିଖରେ ମଧ୍ୟ ଚନ୍ଦ୍ର ପୃଥିବୀର ସବୁଠୁ ଦୂରରେ ଅବସ୍ଥାନ କରିବ । ଏହା ପୃଥିବୀ ଅକ୍ଷରେ ନିଜ ମାଧାକର୍ଷଣ ଶକ୍ତିର ପ୍ରଭାବରେ ପରିବର୍ତ୍ତନ କରେ । ଉଦାହରଣ ସ୍ୱରୂପ ପୃଥିବୀ ଏକ ଘୂର୍ଣ୍ଣାୟମାନ ନଟୁ । ଯଦି ଏହାର ଶୀର୍ଷ ଓ ନିମ୍ନ ଭାଗକୁ ଧରାଯାଏ, ତେବେ ଏହା ଦ୍ରୁତ ବେଗରେ ଘୂରିପାରିବ ନାହିଁ ।



ଚନ୍ଦ୍ର ମେରୁର ନିକଟତର ହେଲେ, ପୃଥିବୀର ଘୂର୍ଣ୍ଣନ ବେଗ ଦ୍ରୁତ ହୁଏ । ଫଳରେ ପୃଥିବୀରେ ଦିନ ଅପେକ୍ଷାକୃତ ଛୋଟ ହୁଏ । ଏହି ପରିବର୍ତ୍ତନ ଆଶା କରିବାଯୋଗ୍ୟ । କିନ୍ତୁ ସଦ୍ୟ ଅଧ୍ୟୟନ ଦର୍ଶାଇଛି, ମାନବ କାର୍ଯ୍ୟକଳାପ ମଧ୍ୟ ପୃଥିବୀର ଘର୍ଣ୍ଣନରେ ପରିବର୍ତ୍ତନ ପାଇଁ ଦାୟୀ ହେଉଛି । ନାସା ଅଧ୍ୟୟନକର୍ତ୍ତାଙ୍କ ଆକଳନ ଅନୁସାରେ, ଜଳବାୟୁ ପରିବର୍ତ୍ତନ ସହ ସଂଶ୍ଳିଷ୍ଟ ବରଫ ଓ ଭୂତଳଜଳର ଗତିବିଧି ୨୦୦୦ରୁ ୨୦୧୮ ମସିହା ମଧ୍ୟରେ ଆମ ଦିନର ସମୟକୁ ପ୍ରତି ଶତାବ୍ଦୀ ୧.୩୩ ମିଲିସେକେଣ୍ଡ୍ ବଢ଼ାଇଛି । ୟୁନିଭର୍ସିଟି ଅଫ୍ ଲିଭରପୁଲ୍‌ର ଭୂଭୌତିକବିତ୍ ରିଚାର୍ଡ ହୋମ୍ କହିଛନ୍ତି, କେବଳ ଗୋଟିଏ ଘଟଣା ମଧ୍ୟ ପୃଥିବୀର ଘୂର୍ଣ୍ଣନ ଉପରେ ପ୍ରଭାବ ପକାଇପାରେ । ୨୦୧୧ ମସିହାରେ ଜାପାନରେ ସଂଘଟିତ ଭୂକମ୍ପ ଦିନର ଲମ୍ବକୁ ୧.୮ ମାଇକ୍ରୋସେକେଣ୍ଡ୍ କମାଇ ଦେଇଥିଲା । ସେତିକି ନୁହେଁ, ଋତୁ ପରିବର୍ତ୍ତନ ମଧ୍ୟ ପୃଥିବୀର ଘୂର୍ଣ୍ଣନକୁ ପ୍ରଭାବିତ କରେ । ହୋମ୍ କହିଛନ୍ତି, ଦକ୍ଷିଣ ଗୋଲାର୍ଦ୍ଧ ତୁଳନାରେ ଉତ୍ତର ଗୋଲାର୍ଦ୍ଧରେ ଅଧିକ ଭୂମି ରହିଛି । ଉତ୍ତର ଗୋଲାର୍ଦ୍ଧରେ ଗ୍ରୀଷ୍ମଋତୁରେ ବୃକ୍ଷରେ ପତ୍ର ଆସେ । ଏହାର ଅର୍ଥ ପୃଥିବୀର ଓଜନ ଭୂମିରୁ ଉର୍ଦ୍ଧ୍ୱକୁ ଗତି କରେ । ଯେକୌଣସି ଗତିଶୀଳ ପିଣ୍ଡର ଘୂର୍ଣ୍ଣନ ତା'ର ଘନତ୍ୱର ବିତରଣ ଦ୍ୱାରା ପ୍ରଭାବିତ ହୁଏ । ଯେତେବେଳେ ଜଣେ ଆଇସ୍ ସ୍କେଟର ଗୋଟିଏ ସ୍ଥାନରେ ଘୂରନ୍ତି, ତାଙ୍କ ବାହୁ ତାଙ୍କ ଛାତିକୁ ଲାଗିଥିଲେ, ସେ ତାଙ୍କ ବେଗ ଅପେକ୍ଷାକୃତ ଦ୍ରୁତ ହୁଏ । ବାହୁ ବାହାରକୁ ନେଲେ ଘୂର୍ଣ୍ଣନ ବେଗ ଧିମା ହୁଏ ।

ସେହିପରି ଗ୍ରୀଷ୍ମଋତୁରେ ପୃଥିବୀର ଓଜନ ନିଜର କେନ୍ଦ୍ରଠୁ ଦୂରେଇ ଗଲେ, ଏହାର ଘୂର୍ଣ୍ଣନ ହାର ନିଶ୍ଚିତ ଭାବେ ଧିମା ହୁଏ । ତେଣୁ ଦିନର ସମୟ ବଢ଼େ । ତଥାପି ଆମ ଘଡ଼ିରେ ଦିନ ୨୪ ଘଣ୍ଟା ହିସାବରେ ଗଣାଯିବ । ବ୍ୟକ୍ତିଗତ ସ୍ତରରେ ଏହି ଅନ୍ତର ଧ୍ୟାନ ଦେବାଯୋଗ୍ୟ ନୁହେଁ । ଦିନର ଲମ୍ବରେ ଅନ୍ତର ୦.୯ ସେକେଣ୍ଡ୍ ବା ୯୦୦ ମିଲିସେକେଣ୍ଡ୍‌ରୁ ଅଧିକ ହେଲେ, ଟାଇମ୍ ଜୋନ୍‌ରେ ସମୟ ପରିବର୍ତ୍ତନ ହେବ । ତେବେ ଏହା ଗୋଟିଏ ଦିନରେ ହୋଇନାହିଁ, ବର୍ଷ ବର୍ଷ ଧରି ଆମ ଘଡ଼ି ପୃଥିବୀର ସ୍ଥିତି ସହିତ ତାଳମେଳ ରଖିବାରେ ଅସମର୍ଥ ହେଉଛି । ଇଣ୍ଟରନ୍ୟାସନାଲ ଆର୍ଥ୍ ରୋଟେସନ୍ ଆଣ୍ଡ୍ ରେଫରେନ୍ସ ସିଷ୍ଟମ୍ସ ସର୍ଭିସ୍ (ଆଇଇଆରଏସ୍) ଦ୍ୱାରା ଏହାର ନିରୀକ୍ଷଣ କରାଯାଉଛି ।

# ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ସଂକଟ ନାହିଁ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର, ୧୦/୭ ନ୍ୟୁଜ ବ୍ୟୁରୋ** ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଧର୍ମଘଟ ତୃତୀୟ ଦିନରେ ପହଞ୍ଚିଛି । ଯାହା ଫଳରେ ରାଜ୍ୟର ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଧର୍ମଘଟ ଯୋଗୁ ପେଟ୍ରୋଲ ସଙ୍କଟ ମଧ୍ୟ ଦେଖାଦେଇଛି । ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରରେ ଥିବା ପେଟ୍ରୋଲ ପମ୍ପ୍‌ଗୁଡ଼ିକରେ ଲମ୍ବା ଧାଡ଼ି ଲାଗିଛି । କିଛି ପେଟ୍ରୋଲ ପମ୍ପରେ ତେଲ ସରିବାରେ ଲାଗିଛି । ଯଦି ପେଟ୍ରୋଲ ପମ୍ପରେ ତୈଳ ଟ୍ୟାଙ୍କରଗୁଡ଼ିକ ଶୀଘ୍ର ନ ପହଞ୍ଚେ ତେବେ ଗୁରୁତର ଅଭାବ ଦେଖାଦେବାର ଆଶଙ୍କା ରହିଛି । ତେବେ ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ସଂକଟ ନାହିଁ । ପରିସ୍ଥିତିରେ ସୁଧାର ଆସିଲାଣି । ଡ୍ରାଇଭରଙ୍କ ଦାବି ଉପରେ ସରକାର ବିଚାର କରୁଛନ୍ତି । ଦାବି ପୂରଣ କରାଯିବ । ତେଲ ଟ୍ୟାଙ୍କର ଆସିଯାଇଛି । ଭୁବନେଶ୍ୱରକୁ ୧୫୦ ତେଲ ଟ୍ୟାଙ୍କର ଆସିଛି । ସେହିପରି କଟକକୁ ୭୬ ତେଲ ଟ୍ୟାଙ୍କର ଆସିଛି । ରାଜ୍ୟରେ ଆବଶ୍ୟକ ପରିମାଣର ତେଲ ଅଛି । ସବୁ ସହରକୁ ତେଲ ଯୋଗାଇ ଦିଆଯିବ । ତେଲର ଯିଏ କଳାବଜାରୀ କରୁଛି ତାଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି । ତେଣୁ ଏଭଳି ବ୍ୟକ୍ତି ବିଶେଷ ସାବଧାନ ହୋଇଯାଆନ୍ତୁ ବୋଲି ଯୋଗାଣ ମନ୍ତ୍ରୀ ତାଗିଦ୍ କରିଛନ୍ତି । ସେହିପରି ଉତ୍କଳ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି ରାଜ୍ୟରେ ତେଲ ସଙ୍କଟ ନାହିଁ । ସଞ୍ଜୟ କହିଛନ୍ତି, ପ୍ରଥମ ଓ ଦ୍ୱିତୀୟ ଦିନ ପ୍ରଭାବ ପଡିଥିଲା । ଦୁଇଦିନ ପାଇଁ ତେଲ ଗଚ୍ଛିତ ରହିଥିଲା । ବୁଧବାର ୪ଟି ଡିପୋରୁ ୧୦୦ ଏବଂ ଗୁରୁବାର ପ୍ରାୟ ୧୫୦ ତୈଳ ବୋଝେଇ ଟ୍ରକ ବାହାରି ସାରିଛନ୍ତି । ଡ୍ରାଇଭର ଷ୍ଟିଅରିଂ ଛାଡ଼ ଡାକରା ଦେଇଥିଲେ ଓ କହିଥିଲେ ଜରୁରୀକାଳୀନ ସେବାକୁ ଏହି ଷ୍ଟ୍ରାଇକରୁ ବାଦ୍ ଦିଆଯିବ । ଡ୍ରାଇଭରଙ୍କୁ ଏନେଇ ସଞ୍ଜୟ ଅନୁରୋଧ କରିଛନ୍ତି । ନିଜ ତରଫରୁ ଡ୍ରାଇଭର ମହାସଂଘ ପକ୍ଷରୁ ତୈଳ ବୋଝେଇ ଗାଡ଼ିର ଡ୍ରାଇଭରମାନଙ୍କୁ କାମକୁ ଫେରିବାକୁ ବୁଝାନ୍ତୁ ବୋଲି ଅନୁରୋଧ ମଧ୍ୟ କରିଛନ୍ତି । ସେ କହିଛନ୍ତି କିଛି ପେଟ୍ରୋଲ ଟାଙ୍କିରୁ ଗୁରୁବାର ତେଲ ସରିଯାଇଥିଲେ ସୁଦ୍ଧା ପରିବହନ ଆରମ୍ଭ ହୋଇ ସାରିଛି । ସବୁ ଟାଙ୍କିରେ ପ୍ରାୟ ଚାରିଦିନର ତେଲ ଗଚ୍ଛିତ ରୁହେ । ଭୁବନେଶ୍ୱରରେ ୪୨ ଟି ତେଲ ଟାଙ୍କିରୁ ମାତ୍ର ୨-୩ ଟି ଟାଙ୍କିରୁ ତେଲ ସରିଛି । ଗ୍ରାହକ ସାଧାରଣ ଭାବେ ଟିକେ ହଇରାଣ ହୋଇପାରନ୍ତି । କିନ୍ତୁ ପାଖ ଟାଙ୍କିରେ ନପାଇ ଦୂର ଜାଗାକୁ ଯାଇ ତେଲ ନେବାକୁ ପଡିପାରେ । ତେଲର ଅଭାବ ନାହିଁ ତେଣୁ ଗ୍ରାହକ କୃତ୍ରିମ ଅଭାବ ସୃଷ୍ଟି ନକରନ୍ତୁ । ସାରା ଓଡ଼ିଶାରେ ୩୧୦୦ପାଖାପାଖି ପେଟ୍ରୋଲ ଟ୍ୟାଙ୍କ ରହିଛି ।